ପର୍ଯ୍ୟନ୍ତ ମାଗଣା ବିଜୁଳି, ୩୦ ହଜାର ଶିକ୍ଷାସେବକଙ୍କୁ ୧୦ ହଜାର ଲେଖାଁଏ ପ୍ରୋତ୍ସାହନ ରାଶି, ବରିଷ୍ଠ ନାଗରିକଙ୍କ ପେନ୍‌ସନ ରାଶି ବୃଦ୍ଧି, ଶିକ୍ଷିତ ବେକାରଙ୍କ ପାଇଁ ୧୦୦୦ ଟଙ୍କା ଭତ୍ତା, ରାଜ୍ୟର ୧୬ ଲକ୍ଷ ନିର୍ମାଣ ଶ୍ରମିକଙ୍କ ପାଇଁ ୫୦୦୦ ଟଙ୍କା ପୋଷାକ ଭତ୍ତା, ପ୍ରାୟ ୭୫ ଲକ୍ଷ ମହିଳାଙ୍କ ପାଇଁ ୧୦,୦୦୦ ଟଙ୍କା ପ୍ରୋତ୍ସାହନ ଭତ୍ତା ଆଦି ଘୋଷଣା କରିଛନ୍ତି। ଏହାର ଜବାବରେ କଂଗ୍ରେସ 'ସର୍ବାଧିକ ଅନଗ୍ରସର ନ୍ୟାୟ ଇସ୍ତାହାର' ଉନ୍ମୋଚନ କରିଛି। ଏହି ଅବସରରେ ବିହାରରେ ସ୍ୱତନ୍ତ୍ର ଭୋଟର ତାଲିକା ସଂଶୋଧନ ଏକ ବଡ଼ ପ୍ରସଙ୍ଗରେ ପରିଣତ ହୋଇଛି, ଯାହା ଏନ୍‌ଡିଏ ପାଇଁ ସମସ୍ୟା ସୃଷ୍ଟି କରିଛି। କଂଗ୍ରେସ ନେତା ରାହୁଲ ଗାନ୍ଧୀ ନିର୍ବାଚନ କମିଶନଙ୍କ ବିରୋଧରେ ଏଥିପାଇଁ ଭୋଟ ଚୋରି ଅଭିଯୋଗ ଆଣି ବିହାରରେ ଭୋଟର ସଚେତନତା ସମାବେଶ ଆୟୋଜନ କଲେ। କର୍ମୀଙ୍କ ମନୋବଳ ବୃଦ୍ଧି ଉଦ୍ଦେଶ୍ୟରେ କଂଗ୍ରେସ କାର୍ଯ୍ୟକାରୀ କମିଟି ବୈଠକ ମଧ୍ୟ ବିହାରରେ ଆୟୋଜନ କରାଯାଇଥିଲା। ତେଣେ ନୀତିଶ କୁମାର ୭୫ ବର୍ଷରେ ପଦାର୍ପଣ କଲେଣି। କ୍ଷମତାରେ ରହିବା ପାଇଁ ସେ ସମସ୍ତ ପ୍ରକାର ଗୋଟି ଚାଳନା କରିପାରିବେ। ରାଜ୍ୟର ଦୁର୍ନୀତି ଓ ଅନଗ୍ରସରତା ବିରୋଧରେ ପ୍ରଶାନ୍ତ କିଶୋର ନିଆଁରେ ଘିଅ ଢାଳିବା ପରି କାର୍ଯ୍ୟ କରୁଛନ୍ତି। ରାଜ୍ୟ ଉପମୁଖ୍ୟମନ୍ତ୍ରୀ, ସ୍ୱାସ୍ଥ୍ୟମନ୍ତ୍ରୀ ପ୍ରମୁଖ ନେତାଙ୍କ ବିରୋଧରେ ପ୍ରଶାନ୍ତ ଯେଉଁ ଦୁର୍ନୀତି, ସଂପତ୍ତି ଠୁଳ, ଜାଲ୍ ସାର୍ଟିଫିକେଟ ଅଭିଯୋଗ ଆଣିଛନ୍ତି, ତାହାର ସନ୍ତୋଷଜନକ ଉତ୍ତର ସଂପୃକ୍ତ ପକ୍ଷ ଦେଇପାରି ନାହାନ୍ତି, ବରଂ ପ୍ରଶାନ୍ତ କିଶୋରଙ୍କ ନାମରେ ମାନହାନି ମକଦ୍ଦମା କରିଛନ୍ତି। ଏହା ଏନ୍‌ଡିଏ ସରକାରଙ୍କ ଭାବମୂର୍ତ୍ତିରେ ଆଞ୍ଚ ଆଣିଛି। ବିହାର ବିଧାନସଭାରେ ଏନ୍‌ଡିଏ ବିଧାୟକ ସଂଖ୍ୟା ରହିଛି ୧୨୫, ଯାହା ହେଉଛି ୩୭.୩୬ ଶତାଂଶ ଭୋଟ। ଦେଖିବାକୁ ଗଲେ ସଂଖ୍ୟାଗରିଷ୍ଠତାଠାରୁ ମେଣ୍ଟ ମାତ୍ର ୩ଟି ଆସନ ଅଧିକ ପାଇଛି। ଚଳିତ ଥର ଜନ ସୁରାଜ ଦଳର ପ୍ରବେଶ ଯୋଗୁଁ ଏନ୍‌ଡିଏ ମେଣ୍ଟ ଏହି ସଂଖ୍ୟକ ଆସନ ପାଇବାରେ ସମର୍ଥ ହେବା ନେଇ ଆଶଙ୍କା ପ୍ରକାଶ ପାଇଛି। ମହାଗଠବନ୍ଧନର କିଛି ଭୋଟ ତ ଜନ ସୁରାଜ ନେବ, କିନ୍ତୁ ଅଧିକ କ୍ଷତିଗ୍ରସ୍ତ କରିବ ଭାଜପା ଓ ଜେଡି(ୟୁ)କୁ। କେନ୍ଦ୍ର ଓ ଉତ୍ତର ବିହାରରେ ପ୍ରଶାନ୍ତଙ୍କ ଜନ ସୁରାଜ ଯାତ୍ରା ପ୍ରତି ଭଲ ସମର୍ଥନ ମିଳିଛି, ଯାହା ଏନ୍‌ଡିଏର ମୁଖ୍ୟ ଭୋଟବ୍ୟାଙ୍କ ଅଞ୍ଚଳ। ତେଣେ ଆର୍‌ଜେଡିର ମୁସଲିମ- ଯାଦବ ଭୋଟ ବ୍ୟାଙ୍କ ପୂର୍ବପରି ଅତୁଟ ରହିଛି। ଭାଜପାର ବର୍ତ୍ତମାନ ଥିବା ରାଜ୍ୟ ସଭାପତି ପରଲୋକଗତ ଭାଜପା ନେତା ସୁଶୀଲ ମୋଦିଙ୍କ ପରି ଏତେ ଲୋକପ୍ରିୟ ନୁହନ୍ତି। ବିଭିନ୍ନ ସଭାରେ ସେ ଥଟ୍ଟା ପରିହାସର ପାତ୍ର ହେଉଥିବା ଦେଖାଯାଉଛି। ଏହା ଭାଜପା ପାଇଁ ଚିନ୍ତାର କାରଣ ହୋଇଥିବାବେଳେ ଦଳ ବରିଷ୍ଠ ନେତାମାନଙ୍କୁ ତାରକା ପ୍ରଚାରକ ଭାବେ ନିର୍ବାଚନ ରଣାଙ୍ଗନରେ ଅବତୀର୍ଣ୍ଣ କରାଇଛି। ଦଳର ଆଇଟି ସେଲ ମଧ୍ୟ ଅତି ସକ୍ରିୟ ମୋଡ଼ରେ ରହିଛି।

ବିହାରର ଜାତିଗତ ବ୍ୟବସ୍ଥା ରାଜନୀତିରେ ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଥାଏ ଏବଂ ନିର୍ବାଚନକୁ ମଧ୍ୟ ପ୍ରଭାବିତ କରିଥାଏ। ଜାତି ଜନଗଣନା ରିପୋର୍ଟ ଅନୁଯାୟୀ, ରାଜ୍ୟରେ ଉଚ୍ଚବର୍ଗ ଜାତିଙ୍କ ସଂଖ୍ୟା ୧୫%, ଅନ୍ୟାନ୍ୟ ଅନଗ୍ରସର ଶ୍ରେଣୀ ଜାତି ସଂଖ୍ୟା ୨୭%, ଆର୍ଥିକ ଅନଗ୍ରସର ବର୍ଗଙ୍କ ସଂଖ୍ୟା ୩୬%, ଅନୁସୂଚିତ ଜାତିଙ୍କ ସଂଖ୍ୟା ୨୦% ଓ ଜନଜାତିଙ୍କ ସଂଖ୍ୟା ୨% ରହିଛି। ରାଜ୍ୟରେ ମୁସଲିମ ଜନସଂଖ୍ୟା ୧୫% ରହିଛି।

କହିବାକୁ ଗଲେ ବିହାରରେ ଭୋଟରଙ୍କୁ ଆକୃଷ୍ଟ ପାଇଁ ପ୍ରଚାର ପ୍ରାୟତଃ ଅଧା ସରିଯାଇଛି। ଏବେ ଆକ୍ଷେପ ଓ ପ୍ରତି ଆକ୍ଷେପରେ ଚାଲିବ ପ୍ରଚାର। ନିର୍ବାଚନରେ ଫଳାଫଳ ନ ବାହାରିବା ପର୍ଯ୍ୟନ୍ତ କିଛି ସ୍ପଷ୍ଟ ଭାବେ କୁହାଯାଇପାରିବ ନାହିଁ। ପ୍ରଶାନ୍ତ କୁମାରଙ୍କ ଯାତ୍ରାରେ ଆଶାଜନକ ଜନସମାବେଶ ହେଉଥିବାରୁ ସେ କିଛି ଭୋଟ ପାଇପାରନ୍ତି। କିନ୍ତୁ ତାଙ୍କ ଭୋଟ ଅଂଶ କେତେଦୂର ଆସନରେ ରୂପାନ୍ତରିତ ହେବ ତାହା ଦେଖିବା କଥା। ତେବେ ପ୍ରଶାନ୍ତଙ୍କ ଭୋଟ ଅଂଶ ଶାସକ ଦଳକୁ ଅସୁବିଧାରେ ପକାଇବାର ସମ୍ଭାବନା ରହିଛି। ମତଦାନର ଏକ ସପ୍ତାହ ପୂର୍ବ ସମୟ ଏକ ନିର୍ବାଚନରେ ବେଶ୍ ଗୁରୁତ୍ୱପୂର୍ଣ୍ଣ ହୋଇଥାଏ। ଏହି ସମୟଟି ଅନେକ ନିର୍ବାଚନୀ ଅଙ୍କକୁ ଗୋଳମାଳ କରି ଦେଇଥାଏ। ପ୍ରାୟ ୩% ଭୋଟର ଏହି ସମୟରେ ନିଜର ପ୍ରାର୍ଥୀ ଓ ଦଳ ପସନ୍ଦ କରିଥାନ୍ତି, ଯାହା ପୂର୍ବରୁ ଆକଳନ କରିବା ସମ୍ଭବ ହୋଇନଥାଏ। ଏହି ଭୋଟକୁ ସାଧାରଣତଃ ଅଣଆକଳିତ ବା ସ୍ୱିଙ୍ଗ ଭୋଟ ଭାବେ ବିବେଚନା କରାଯାଇଥାଏ। ରାଜ୍ୟରେ ସ୍ୱତନ୍ତ୍ର ଭୋଟର ତାଲିକା ସଂଶୋଧନ ପୂର୍ବରୁ ଭୋଟରଙ୍କ ସଂଖ୍ୟା ଥିଲା ୭ କୋଟି ୮୯ ଲକ୍ଷ। ସଂଶୋଧନ ସମୟରେ ପ୍ରାୟ ୬୫ ଲକ୍ଷ ଭୋଟରଙ୍କୁ ବାଦ୍ ଦିଆଯିବା ଯୋଗୁ ଏହି ସଂଖ୍ୟା ୭ କୋଟି ୨୪ ଲକ୍ଷକୁ ହ୍ରାସ ପାଇଛି। ନିର୍ବାଚନୀ ଗଣନା ଅନୁଯାୟୀ ଏଥିରୁ ପ୍ରାୟ ୨୧ ଲକ୍ଷ ସ୍ୱିଙ୍ଗ ଭୋଟ ଭାବେ ବିବେଚିତ ହେବା ରାଜ୍ୟରେ ଭୋଟର ସଂଖ୍ୟା ହ୍ରାସ, ସତ୍ତା ବିରୋଧୀ ମନୋଭାବ ଓ ନୂଆ ରାଜନୈତିକ ଦଳର ଆବିର୍ଭାବ ମଧ୍ୟରେ ନିର୍ବାଚନ ହେଉଥିବାରୁ ଏହାର ଫଳାଫଳ ରୋଚକ ହେବ ବୋଲି ଆଶା କରାଯାଉଛି।

ମୋ: ୯୪୩୭୨୨୯୨୩୩

# 'କୁମ୍ଭୀର ବ୍ୟାଟେରି ଫାର୍ମିଂ' କାହିଁକି ବିସ୍ମୃତ



ଡ. ଲାଲା ଅଶ୍ୱିନୀ କୁମାର ସିଂହ

ଦୈନିକ ଧରିତ୍ରୀରେ ୭ ଅକ୍ଟୋବର୨୦୨୫ରେ ପ୍ରକାଶିତ 'କାରଖାନା କୃଷି ....' ଲେଖାଟି ପଢ଼ିବା ପରେ କେଇ ଦଶନ୍ଧି ପଛକୁ ଫେରିଗଲି। ଓଡ଼ିଶାରେ ୧୯୭୫ ମସିହାରୁ ପ୍ରଥମ କରି ଯେତେବେଳେ କୁମ୍ଭୀର ଯୋଜନା ଆରମ୍ଭ କରାଗଲା, ସେତିକି ବେଳଠୁ ଫୁଡ ଆଣ୍ଡ୍ ଏଗ୍ରିକଲଚର ଅର୍ଗାନାଇଜେଶନ (ଏଫ୍‌ଏଓ)/ ୟୁନାଇଟେଡ ନେଶନ୍ସ ଡେଭଲପ୍‌ମେଣ୍ଟ ପ୍ରୋଗ୍ରାମ(ୟୁନ୍‌ଡିପି)ତଥା ଡ.ବୁଷ୍ଟର୍ଡଙ୍କ ବିଭିନ୍ନ ପ୍ରୋଜେକ୍ଟ ରିପୋର୍ଟ ମାଧ୍ୟମରେ ଆମେ ବ୍ୟାଟେରି ଫାର୍ମିଂ ଶବ୍ଦ ସହିତ ପରିଚିତ ହେଲୁ। ସଂରକ୍ଷଣ ପ୍ରଚ୍ଛଦପଟରେ ଭବିଷ୍ୟତ ସମୟରେ ବ୍ୟାଟେରି ଫାର୍ମିଂ ଜରିଆରେ ଅଧିକ କୁମ୍ଭୀର ଉତ୍ପାଦନ କରି ରାଷ୍ଟ୍ର ପାଇଁ ବୈଦେଶିକ ମୁଦ୍ରା ଉପାର୍ଜନ କରିବାର ସମ୍ଭାବନା ଆମମାନଙ୍କ ସମ୍ମୁଖରେ ତଥା ଆନ୍ତର୍ଜାତିକ ସ୍ତରରେ ଗୋଟିଏ ବଡ଼ ଉଦ୍ଦେଶ୍ୟ ଓ ପ୍ରଲୋଭନ ରହିଥିଲା। ୧୯୭୫-୧୯୮୨ ସମୟରେ ସେହି ଦିଗରେ ଯେତେ କିଛି ଗବେଷଣା ହୋଇପାରିବ ତା' ମଧ୍ୟ କରାଗଲା। ଯେପରିକି କୁମ୍ଭୀର ତା' ପେଟକୁ କେତେ ଖାଇଲେ ଶରୀରରେ କେତେ ମାତ୍ରାରେ ବୃଦ୍ଧି ଘଟିବ ଇତ୍ୟାଦି। ଘଡ଼ିଆଳ କୁମ୍ଭୀର ଓ ଗୋମୁହାଁ କୁମ୍ଭୀରଙ୍କୁ ନେଇ ଏହି ଦିଗରେ ଶାତକୋଶିଆ ଗଣ୍ଡ ଅଭୟାରଣ୍ୟର ଟିକରପଡ଼ା ସ୍ଥିତ ଯୋଜନା ସମ୍ପର୍କିତ ଅଧ୍ୟୟନ ଓ ଗବେଷଣା ତଥ୍ୟ ଏଯାବତ ଇଣ୍ଟରନେଟରେ ଉପଲବ୍ଧ ରହିଆସିଛି। ବଉଳା କୁମ୍ଭୀର ପାଇଁ ଅନୁରୂପ କିଛିଟା ତଥ୍ୟ ଆନ୍ତର୍ଜାତିକ ଏବଂ ସ୍ଥାନୀୟ ଡାଙ୍ଗମାଳ ଯୋଜନାରୁ ମଧ୍ୟ ଉପଲବ୍ଧ ହେଉଥାଏ। ଅର୍ଥନୈତିକ ଦୃଷ୍ଟିକୋଣରୁ ଆଲୋଚନା କରି, ଜେ. ଏମ. ଡି-ୱାର୍ ନାମକ ବିଶେଷଜ୍ଞ ୧୯୭୫ ଓ ୧୯୭୮ରେ କୁମ୍ଭୀର ଓ ସମୁଦ୍ର କଇଁଛ ସମ୍ବନ୍ଧରେ ଦୁଇଟି ରିପୋର୍ଟ ପ୍ରଦାନ କରିଥିଲେ। ଓଡ଼ିଶାର ସୁପରିଚିତ ତତ୍କାଳୀନ ବନ ସଂରକ୍ଷକ ଭଗବାନ ଚରଣ କାନୁନଗୋ ମଧ୍ୟ ଅନୁରୂପ ବ୍ୟବହାରିକ ଯୋଜନା ପ୍ରସ୍ତୁତ କରିଥିଲେ। ଭାରତର ବିଭିନ୍ନ ରାଜ୍ୟର ବନ ବିଭାଗ ପଦାଧିକାରୀ, ତଥା ଆଖପାଖ ଦେଶଗୁଡ଼ିକରୁ ଆସୁଥିବା ଅଫିସରମାନଙ୍କୁ ହାଇଦ୍ରାବାଦଠାରେ କେନ୍ଦ୍ର ସରକାରଙ୍କ କୁମ୍ଭୀର ଅନୁଷ୍ଠାନରେ ଶିକ୍ଷା ପ୍ରଦାନ କରାଗଲା। ଯେପରିକି ଅନୁଦାନ ଭିତ୍ତିକ ଏଫ୍‌ଏଓ ପ୍ରୋଜେକ୍ଟ ବନ୍ଦ ହୋଇଗଲେ ମଧ୍ୟ ତାଲିମ-ପ୍ରାପ୍ତ ବ୍ୟକ୍ତିଙ୍କ ଅଭାବ ରହିବନି ସେଥିପ୍ରତି ସତର୍କତା ଅବଲମ୍ବନ କରାଗଲା।

୧୯୮୭ରେ ମୁଁ ସେଇ କୁମ୍ଭୀର ଅନୁଷ୍ଠାନ



ଦାୟିତ୍ୱରେ ରହିବା ସହ କେନ୍ଦ୍ର ସରକାରଙ୍କର ଗୋଟିଏ ଟେକ୍‌ନିକାଲ କମିଟିର ଆବାହକ ଥାଏ। ସେତେବେଳେ ଜାନୁଆରୀରେ ପାଞ୍ଚୋଟି ରାଜ୍ୟର ମୁଖ୍ୟ ବନ୍ୟପ୍ରାଣୀ ତତ୍ତ୍ୱାବଧାରକ ଓ ତତ୍କାଳୀନ ଏଫ୍‌ଏଓ ବିଶେଷଜ୍ଞଙ୍କୁ ନେଇ ଗଠିତ ହୋଇଥିବା କମିଟି କର୍ଣ୍ଣାଟକରେ ଭେଟିଥିଲୁ। ସେଇଠି ନିଷ୍ପତ୍ତି ହେଲା ଯେ, କୁମ୍ଭୀରଙ୍କୁ ନେଇ ଯେଉଁ ପ୍ରକାରର ବ୍ୟାଟେରି ଫାର୍ମିଂ ପରିକଳ୍ପନା କରାଯାଇଥିଲା ତା' କାର୍ଯ୍ୟକାରୀ ହୋଇପାରିବନି। କାରଣ ସ୍ପଷ୍ଟ ଥିଲା ଯେ, ବନ୍ୟପ୍ରାଣୀ ଅଧିନିୟମ ଅନୁଯାୟୀ କୁମ୍ଭୀରମାନେ ଅନୁସୁଚୀ-I ପ୍ରାଣୀ, ଯଦିବା ଆମେ ନିୟମ ବଦଳାଇବା, ଆମ ଅଭୟାରଣ୍ୟରେ କୁମ୍ଭୀର ମାନଙ୍କୁ ଯଥେଷ୍ଟ ସୁରକ୍ଷା ଦେଇ ପାରିବାନି। ବ୍ୟାଟେରି ଫାର୍ମିଂ ଆଢୁଆଳରେ ପ୍ରାକୃତିକ ପରିବେଶରେ ଥିବା କୁମ୍ଭୀରମାନେ ୧୯୭୫ ବର୍ଷ ପୂର୍ବାବସ୍ଥା ଭଳି ନୂତନ ପ୍ରକାରର ବିପଦ ଅନୁଭବ କରିବେ। ତେଣୁ କୁମ୍ଭୀରଙ୍କୁ କୌଣସି ପ୍ରକାର ବ୍ୟବସାୟିକ ସୂତ୍ରରେ ମାରିବା ସେଇଠୁ ବନ୍ଦ ହେଲା। ମାନେକା ଗାନ୍ଧୀଙ୍କ ସମୟରେ ସେଭଳି ପରିକଳ୍ପନାକୁ ସମ୍ପୂର୍ଣ୍ଣ ନିଷିଦ୍ଧ କରାଗଲା।

ରାଷ୍ଟ୍ରୀୟ ଚମ୍ବଲ ଅଭୟାରଣ୍ୟ, ଶିମିଳିପାଳ-ରମତୀର୍ଥ ଓ ଅନ୍ୟାନ୍ୟ କୁମ୍ଭୀର ପ୍ରଜନନ କେନ୍ଦ୍ରରେ ଗବେଷଣା ଭିତ୍ତିକ କାର୍ଯ୍ୟ ସ୍ଥାପନ ହେଲା। ଯେପରକି, ବିଗତ ବର୍ଷ ଗୁଡିକରେ ହାସଲ କରିଥିବା କୁମ୍ଭୀର-ବିଦ୍ୟାକୁ ଆମେ ଭୁଲି ନ ଯାଉ। ଅଭୟାରଣ୍ୟଗୁଡ଼ିକରେ କୁମ୍ଭୀର ତଥା ସେମାନଙ୍କ ପାରିପାର୍ଶ୍ୱିକ ଜୀବଜନ୍ତୁଙ୍କ ସମ୍ପର୍କରେ ଅନେକ ଗବେଷଣା-ଲବ୍ଧ ଜ୍ଞାନ ହାସଲ ହୋଇପାରିଲା। ଏପରିକି, ୧୯୯୧ରେ ମୁଁ ଓ ଡ. ସୁଧାକର କରଙ୍କୁ ତତ୍କାଳୀନ କେନ୍ଦ୍ର ପରିବେଶ ମନ୍ତ୍ରୀ ମାନେକା ଗାନ୍ଧୀଙ୍କ ପ୍ରତ୍ୟକ୍ଷ ନିର୍ଦ୍ଦେଶ ନେଇ ତାମିଲନାଡୁ ଯିବାକୁ ହୋଇଥିଲା। ସେ ରାଜ୍ୟରେ ସ୍ଥିତ ବିଭିନ୍ନ କୁମ୍ଭୀର କେନ୍ଦ୍ର ଓ ମହାବଳୀପୁରମରେ ଥିବା ରମୁଲସ ହୁଇଟେକରଙ୍କ କୁମ୍ଭୀର ବ୍ୟାଙ୍କ ଭବିଷ୍ୟତ କାର୍ଯ୍ୟାବଳୀ ସମ୍ପର୍କରେ ଆମେ କେନ୍ଦ୍ର ସରକାରଙ୍କୁ ରିପୋର୍ଟ ଦେଇଥିଲୁ।

ସାରାଂଶରେ, ଭାରତ ବର୍ଷରେ କୌଣସି ଅନୁସୁଚୀ-I ଜୀବମାନଙ୍କୁ ନେଇ ଆମେ ଆର୍ଥିକ ଉପାର୍ଜନ ପାଇଁ ଚିନ୍ତା କରିପାରିବାନି। ମାତ୍ର ସେଭଳି ଜୀବମାନଙ୍କ ଜରିଆରେ ଆମେ ଜନସାଧାରଣ ତଥା ଯୁବପିଢ଼ିଙ୍କୁ ଶିକ୍ଷାଦାନ କରିପାରିବା। ସହନୀୟ ଓ ଦାୟିତ୍ୱ ସମ୍ପନ୍ନ ଟୁରିଜମ ମାଧ୍ୟମରେ ସ୍ଥାନୀୟ ବାସିନ୍ଦାମାନଙ୍କୁ ପୂର୍ବଭଳି ବନ୍ୟପ୍ରାଣୀ ସଂରକ୍ଷଣ ଛତ୍ରଛାୟାରେ ରୋଜଗାର ଦେଇ ପରିବା।

**ପ୍ରାକ୍ତନ ଭାରପ୍ରାପ୍ତ ଅଧିକାରୀ, କେନ୍ଦ୍ରୀୟ କୁମ୍ଭୀର ପ୍ରଜନନ ତଥା ପରିଚାଳନା ଶିକ୍ଷା ଅନୁଷ୍ଠାନ,**
**ମୋ: ୭୯୭୮୩୩୫୯୮୩**

## ଏଇ ଭାରତରେ

ଜଙ୍ଗଲ ବଞ୍ଚିଲେ ଆମେ ବଞ୍ଚିବା- ଏହା ଉପଲବ୍ଧି କରିଛନ୍ତି ଉତ୍ତରାଖଣ୍ଡର ମହିଳାମାନେ। ରାଜ୍ୟର ବିଭିନ୍ନ ଗ୍ରାମପଞ୍ଚାୟତରେ ସେମାନେ ବନ ପଞ୍ଚାୟତ ମାଧ୍ୟମରେ ଜଙ୍ଗଲର ସୁରକ୍ଷା କରୁଛନ୍ତି ଏବଂ ସାମଗ୍ରିକ ପ୍ରୟାସ ସଫଳତା ପାଇଁ ବାଟ କଢ଼ାଇନିଏ ବୋଲି ପ୍ରମାଣ କରିପାରିଛନ୍ତି। ଏହି କ୍ରମରେ ପିଥୋରାଗଡ଼ ଜିଲା ମୁନ୍‌ସିଆରି ବ୍ଲକର ଶଙ୍ଖଦୁରା ଗାଁର ଜଙ୍ଗଲକୁ ସ୍ଥାନୀୟ ସରପଞ୍ଚ ବାସନ୍ତି ରାୱତ ସୁରକ୍ଷା କରୁଛନ୍ତି। ତାଙ୍କ ସହ ଅନ୍ୟ ୮ ମହିଳା ବନ ପଞ୍ଚାୟତରେ ରହିଛନ୍ତି। କେବଳ ଶଙ୍ଖଦୁରା ନୁହେଁ, ସର୍ମୋଲି ଜଣ୍ଟି ପଞ୍ଚାୟତର ପୂର୍ବତନ ସରପଞ୍ଚ ମଲିକା ଭିର୍‌ଡି ମଧ୍ୟ ମେସାରିକୁଣ୍ଡର ପୁନରୁଦ୍ଧାର କରିପାରିଛନ୍ତି। ଏବେ ତାଙ୍କ ଅଞ୍ଚଳରେ ପାଣିର ଅଭାବ ରହୁନାହିଁ। ବନ ପଞ୍ଚାୟତ ମାଧ୍ୟମରେ ଜଙ୍ଗଲ ଓ ପ୍ରାକୃତିକ ପରିବେଶ ସୁରକ୍ଷା ହେବା ଦ୍ୱାରା ଉତ୍ତରାଖଣ୍ଡର ପର୍ଯ୍ୟଟନ କ୍ଷେତ୍ରରେ ଯଥେଷ୍ଟ ବିକାଶ ହୋଇପାରିଛି। ଉଲ୍ଲେଖନୀୟ, ୧୯୩୧ରେ ଇଂରେଜମାନେ ବନ ପଞ୍ଚାୟତ ନିୟମାବଳୀ ଆଣିଥିଲେ। ପରେ ୧୯୭୨ରେ ଏହା ଭାରତୀୟ ଜଙ୍ଗଲ ଆଇନ-୧୯୨୭ ଅଧୀନକୁ ଆସିଥିଲା। ତେବେ ଉତ୍ତରାଖଣ୍ଡରେ ଏବେ ୬,୦୬୯ ବନ ପଞ୍ଚାୟତ ୪,୦୫,୪୨୬ ହେକ୍ଟର ଜଙ୍ଗଲର ସୁରକ୍ଷା ଓ ପରିଚାଳନା କରୁଛି।

## ୫୦ ବର୍ଷ ତଳର ଧରିତ୍ରୀ

### ୧୫ ଅକ୍ଟୋବର ୧୯୭୬

- ଶ୍ରୀମତୀ ଅରୁଣା ଆସଫ ଅଲ୍ଲୀ ଜାତୀୟ ଭାରତୀୟ ମହିଳା ସଂଘର ସଭାନେତ୍ରୀ ନିର୍ବାଚିତ।
- କେନ୍ଦ୍ର ସରକାରଙ୍କ ଦ୍ୱାରା ପ୍ରତିଷ୍ଠିତ ଅତ୍ୟାଧୁନିକ ଆଲକାଲଏଡ କାରଖାନା ମଧ୍ୟପ୍ରଦେଶର ନିମଚଠାରେ ଉଦ୍‌ଘାଟିତ।

## ଚିରନ୍ତନୀ

ନ ଲୋଡ଼ଇ କିଛି, ବସି ପଥ ପାଶେ
ଚାହିଁ ମୁଁ ରହିବି ସୁଖୀ
ଚରଣ ନଚାଇ ଖେଳିଯାଅ ତୁମେ
କେଳି କଳା କଉତୁକି !
-(ରୂପର ସ୍ତବ)
-କାଳିନ୍ଦୀ ଚରଣ ପାଣିଗ୍ରାହୀ

## ପାଠକ ଶ୍ରେଷ୍ଠ ବିଚାରକ

### ପାରିବାରିକ ବନ୍ଧନ ବଜାୟ ରହୁ

ମହାଶୟ,

ଆଗକାଳରେ ଥିଲା ଯୌଥ ପରିବାର, ଥିଲା ଆତ୍ମୀୟତାର ମୂଲ୍ୟବୋଧ। ମାଟି ଅଗଣାର ମୋହ ; କକା, ଖୁଡ଼ୀ, ମାଆ, ଜେଜେଙ୍କୁ ନେଇ କୋଳାହଳପୂର୍ଣ୍ଣ ପରିବେଶ। ଭାଇ ସହ ଭାଇର ରକ୍ତସମ୍ପର୍କର ପବିତ୍ରତା। କିନ୍ତୁ ସମୟ ସହ ତାଳ ଦେଇ ଭିନ୍ନ ଦିଗରେ ଅଗ୍ରସର ଆମର ପାଦ। ଦୂରେଇଯାଏ ଆତ୍ମୀୟତାର ବନ୍ଧନ। ବଦଳିଯାଏ ଚାଲିଚଳନ, ନିଜକୁ ପ୍ରସ୍ତୁତ କରିବାକୁ ପଡ଼େ ଅନ୍ୟ ଏକ ସଂସ୍କାରରେ ସାଲିସ୍ କରି ବଞ୍ଚିବାକୁ। ନ ଥାଏ ରକ୍ତସମ୍ପର୍କ, ଆପଣାର ଆତ୍ମୀୟତା କେବଳ ଯାହା ବନ୍ଧନର ଗୋଟେ ପରିସୀମା ଭିତରେ ସୃଷ୍ଟିକୁ ଆଗେଇନେବାର ପ୍ରୟାସ। ସବୁରି ଭିତରର ଅହଂକାର କେବେ ଯୋଡ଼ିହୁଏ ତ କେବେ ପୁଣି ଭାଙ୍ଗିଦିଏ ସୁନାରସଂସାର। ଆମେ ସଭିଏ ଅନ୍ୟର ଦୋଷ ଖୋଜୁ। ଆତ୍ମବଡ଼ିମା ଭିତରେ ସମସ୍ୟାର ସମାଧାନ ବଦଳରେ ତାହାକୁ ଜଟିଳତା ତଥା କୁଟିଳ କରିବସୁ। ହେଉ ସେ ଭାଇ-ଭାଇ, ବାପା-ମାଆ, ସ୍ୱାମୀ-ସ୍ତ୍ରୀ ଅବା ଶାଶୁ-ବୋହୂର ସମ୍ପର୍କ। ସମସ୍ତ ବନ୍ଧନର ପବିତ୍ରତା ବ୍ୟାପକ ତଥା ପରିବର୍ଦ୍ଧିତ ହେବା ଉଚିତ। ବଡ଼ ହେଉ ଅବା ସାନ ସମସ୍ତେ ବନ୍ଧନକୁ ଆତ୍ମୀୟତାର ସହ ଗ୍ରହଣ କରିବା ଏବଂ ସମ୍ମାନ ଦେବା ଉଚିତ୍। ନ ରହୁ ସ୍ୱାର୍ଥ, ନ ରହୁ କପଟ, ଛନ୍ଦ। ସୃଷ୍ଟିହେଉ ସୁନ୍ଦର ପରିବାର ଓ ପରିବେଶ।

-ତୃପ୍ତି ପଣ୍ଡା, ସମ୍ପାଦିକା 'ବିଶ୍ୱନୟନ'
ଓ 'ବିଶଶ୍ୱେରୀ' ଗୁଣ୍ଡିଚା ବିହାର, ପୁରୀ

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail: edit.dharitri@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

## ଫୁଲ ଚାଷ



ଗେଣ୍ଡୁଫୁଲ ଓ ଅନ୍ୟାନ୍ୟ ଶୀତଦିନିଆ ଫୁଲମଞ୍ଜିର ଚାରା ପକାଇବା କାମ ଶେଷ କରନ୍ତୁ । ଉନ୍ନତ ଗେଣ୍ଡୁଫୁଲ କିସମଗୁଡ଼ିକ ହେଲା – ଜ୍ୟାଣ୍ଟ ଡବଲ ଆଫ୍ରିକାନ୍ ଏଲୋ, ଜ୍ୟାଣ୍ଟବଲ୍ ଆଫ୍ରିକାନ୍ ଅରେଞ୍ଜ୍, ଅର୍ଲି ଏଲୋ, ଅର୍ଲି ଅରେଞ୍ଜ୍, ସେରାକୋଲା ଇତ୍ୟାଦି । ସେବତୀ ସେପ୍ଟେମ୍ବରରେ ଲଗାଇଥିଲେ ୪ ସପ୍ତାହରେ ଓ ୭ ସପ୍ତାହରେ ଅଗ୍ରମୁକୁଳ ଛିଣ୍ଡାଇ ଦିଅନ୍ତୁ (ବିଶେଷକରି ଛୋଟ କିସମରେ) । ବଡ଼ କିସମରେ ଗୋଟିଏ ଗଛରେ ୨–୩ ଟି ଡାଳ ରଖି ଅନ୍ୟ ପାର୍ଶ୍ୱଡାଳଗୁଡ଼ିକ ଛୋଟ ଅବସ୍ଥାରେ ଭାଙ୍ଗିଦିଅନ୍ତୁ। ଚଳିତ ମାସର ତୃତୀୟ ସପ୍ତାହରୁ ନଭେମ୍ବର ପ୍ରଥମ ସପ୍ତାହ ମଧ୍ୟରେ ଗୋଲାପ ଗଛ କାଟଛାଣ୍ଟ କରନ୍ତୁ ଓ ବୋର୍ଡୋପେଷ୍ଟ ପ୍ରୟୋଗ କରନ୍ତୁ। ତରଳ ଖତ ହାଣ୍ଡିରେ ବା ଡ୍ରମ୍‌ରେ ୧୦ ଲିଟର ପାଣିରେ ପ୍ରାୟ ୧ କି.ଗ୍ରା. କଞ୍ଚାଗୋବର, ୫୦୦ ଗ୍ରାମ୍ ଲିମ୍ବ ବା ସୋରିଷ ପିଡ଼ିଆ ଏବଂ ୫୦୦ ଗ୍ରାମ୍ ସିଙ୍ଗିଲ୍ ସୁପର ଫସ୍‌ଫେଟ୍ ମିଶାଇ ମଝିରେ ମଝିରେ ଘାଣ୍ଟନ୍ତୁ। ଏହାର ୧୦ ଦିନ ପରେ ଏହି ତରଳ ଖତରୁ ୧ ମଗ ନେଇ ୯ ମଗ ପାଣି ମିଶାଇ ଗଛ ପ୍ରତି ୫୦୦ ମି.ଲି.ରୁ ୧ ଲିଟର ମାଟି ଓଦା ଥିବାବେଳେ ପ୍ରୟୋଗ କରନ୍ତୁ ।

# ଫସଲ ଉତ୍ପାଦନରେ କୋବାଲ୍ଟର ଭୂମିକା



ପ୍ର. ସୁବୋଧ କୁମାର ସାହୁ

ଉଦ୍ଭିଦରେ ଥିବା ୯୦ ଗୋଟି ପୋଷକ ଉପାଦାନ ମଧ୍ୟରୁ କୋବାଲ୍ଟ ଅନ୍ୟତମ । କୋବାଲ୍ଟ ଫସଲର ଅତ୍ୟାବଶ୍ୟକ ଖାଦ୍ୟ ଉପାଦାନ ନୁହେଁ। କିନ୍ତୁ ବିଭିନ୍ନ ଉପାୟରେ କୋବାଲ୍ଟ ପରୋକ୍ଷ ଭାବେ ଫସଲର ଅମଳ ବଢ଼ାଇବା ସହ ଫସଲର ଏକ ବିଶିଷ୍ଟ ଉପାଦାନ ଭାବେ ତୃଣଭୋଜି ପ୍ରାଣୀମାନଙ୍କର ବିଶେଷ ଉପକାରରେ ଆସେ । ଯଦିଓ କୋବାଲ୍ଟ ଉଭୟ ଛୁଇଁ ଏବଂ ଅଣଛୁଇଁଜାତୀୟ ଫସଲର ଏକ ପୋଷକ ଉପାଦାନ; ବିଶେଷକରି ଛୁଇଁଜାତୀୟ ଫସଲ ପାଇଁ ଏହା ଅଧିକ ସହାୟକ ହୋଇଥାଏ ।

ଛୁଇଁଜାତୀୟ ଫସଲ ଯଥା, ମୁଗ,ବିରି, ହରଡ଼,ସୋୟାବିନ, ଚିନାବାଦାମ ଆଦିର ଚେ଼ରରେ ଗୋଲାକାର ଭାତୁଡ଼ି ବହୁ ସଂଖ୍ୟାରେ ଥାଏ । ଉକ୍ତ ଭାତୁଡ଼ିରେ ଏକ ତରଳ ପଦାର୍ଥ ପୂରିରହିଥାଏ । ଏହି ତରଳ ପଦାର୍ଥ ଦେଖିବାକୁ ଈଷତ୍ ଲାଲରଙ୍ଗର । ଉକ୍ତ ଲାଲରଙ୍ଗ କେବଳ କୋବାଲ୍ଟ ଥିବା ଯୋଗୁ ହୋଇଥାଏ। ଉକ୍ତ ଲାଲରଙ୍ଗର ତରଳ ପଦାର୍ଥକୁ ଲେଗ୍‌ହେମଗ୍ଲୋବିନ୍ କୁହାଯାଏ । ଲେଗ୍‌ହେମଗ୍ଲୋବିନ୍ ବାୟୁମଣ୍ଡଳରୁ ଅମ୍ଳଜାନ ଶୋଷଣକରି ତାହା ମଧ୍ୟରେ ଥିବା କ୍ଷୁଦ୍ର ବୀଜାଣୁକୁ ବଢ଼ାଏ । ଲେଗ୍‌ହେମଗ୍ଲୋବିନ୍ ଭିତରେ ବହୁ ସଂଖ୍ୟାରେ ରାଇଜୋବିୟମ ବୀଜାଣୁ ଥାଆନ୍ତି ଯାହାକୁ ଅଣୁବିକ୍ଷଣ ଯନ୍ତ୍ର ଦ୍ୱାରା ଦେଖିହୁଏ । ରାଇଜୋବିୟମ ବୀଜାଣୁ ବାୟୁମଣ୍ଡଳରୁ ନିଷ୍କ୍ରିୟ ଯବକ୍ଷାରଯାନକୁ ଶୋଷଣକରି ଭାତୁଡ଼ି ଭିତରେ ଏହାକୁ ସକ୍ରିୟ ଆମୋନିଆରେ ପରିଣତ କରନ୍ତି। ଉକ୍ତ ଆମୋନିଆ ଭାତୁଡ଼ି ମଧ୍ୟରେ ନାଇଟ୍ରୋଜନ୍ ବା ଉଦ୍‌ଜାନ ସଂସ୍ପର୍ଶରେ ଆସି ଫସଲ ପାଇଁ ଗ୍ରହଣ ଯୋଗ୍ୟ ଆମୋନିୟମରେ ପରିଣତ ହୁଏ । ଏ ପ୍ରକାର ରସାୟନିକ ପ୍ରକ୍ରିୟା ଦ୍ୱାରା ମାଟି ଭିତରେ ଏକ କ୍ଷୁଦ୍ର ପ୍ରାକୃତିକ ଯବକ୍ଷାରଯାନ ସାର କାରଖାନା ସୃଷ୍ଟିହୁଏ । ଛୁଇଁଜାତୀୟ ଫସଲ ଉକ୍ତ ପ୍ରାକୃତିକ ଯବକ୍ଷାରଯାନ ସାର କାରଖାନାରୁ ଆମୋନିୟମ ପାଇ ଫସଲ ବଢ଼େ । ଏହାଛଡ଼ା ଛୁଇଁଜାତୀୟ ଫସଲର ଚେ଼ରରୁ ଭାତୁଡ଼ି ସ୍ଖଳନ ହୋଇ ମାଟିରେ ମିଶିଲେ ମାଟିର ସୁଲଭ ଯବକ୍ଷାରଯାନ ପରିମାଣ ବଢ଼େ । ଉକ୍ତ ଯବକ୍ଷାରଯାନକୁ ଅଣଛୁଇଁଜାତୀୟ ଫସଲ ଗ୍ରହଣକରି ଶସ୍ୟ ଉତ୍ପାଦନ ବଢ଼ିବାରେ ସାହାଯ୍ୟକରେ।

ଉଭୟ ଛୁଇଁ ଏବଂ ଅଣଛୁଇଁଜାତୀୟ ଫସଲରେ ଭିଟାମିନ ବି–୧୨ ସଂଶ୍ଳେଷଣ କରିବାରେ କୋବାଲ୍ଟ ସାହାଯ୍ୟ କରିଥାଏ। ବିଶେଷଭାବରେ ଛୁଇଁଜାତୀୟ ସବୁଜ ଗୋଖାଦ୍ୟ ଯଥା ବରସିମ୍, ଲୁସର୍ନ ଏବଂ ଅଣଛୁଇଁଜାତୀୟ ସବୁଜ ଗୋଖାଦ୍ୟ ଯଥା ମକା, ନାପିୟର, ପାରା ଓ ଗିନି ଆଦିରେ ଭିଟାମିନ ବି–୧୨ ପ୍ରସ୍ତୁତ କରିବାରେ କୋବାଲ୍ଟ ସାହାଯ୍ୟ କରିଥାଏ। ଭିଟାମିନ ବି–୧୨ ଅଭାବରେ ଗୋରୁ ଆଦି ପ୍ରାଣୀ ବିଭିନ୍ନ ରୋଗରେ ଆକ୍ରାନ୍ତ ହୁଅନ୍ତି । ମାଟିରେ ସୁଲଭ କୋବାଲ୍ଟ ସ୍ୱଳ୍ପ ପରିମାଣରେ ଅର୍ଥାତ୍ ହେକ୍ଟର ପ୍ରତି ୦.୨ ରୁ ୧.୨ କିଲୋଗ୍ରାମ

"ଉଭୟ ଛୁଇଁ ଏବଂ ଅଣଛୁଇଁଜାତୀୟ ଫସଲରେ ଭିଟାମିନ ବି-୧୨ ସଂଶ୍ଳେଷଣ କରିବାରେ କୋବାଲ୍ଟ ସାହାଯ୍ୟ କରିଥାଏ । ବିଶେଷଭାବରେ ଛୁଇଁଜାତୀୟ ସବୁଜ ଗୋଖାଦ୍ୟ ଯଥା ବରସିମ୍, ଲୁସର୍ନ ଏବଂ ଅଣଛୁଇଁଜାତୀୟ ସବୁଜ ଗୋଖାଦ୍ୟ ଯଥା ମକା, ନାପିୟର, ପାରା ଓ ଗିନି ଆଦିରେ ଭିଟାମିନ ବି-୧୨ ପ୍ରସ୍ତୁତ କରିବାରେ କୋବାଲ୍ଟ ସାହାଯ୍ୟ କରିଥାଏ । ଭିଟାମିନ ବି-୧୨ ଅଭାବରେ ଗୋରୁ ଆଦି ପ୍ରାଣୀ ବିଭିନ୍ନ ରୋଗରେ ଆକ୍ରାନ୍ତ ହୁଅନ୍ତି । ମାଟିରେ ସୁଲଭ କୋବାଲ୍ଟ ସ୍ୱଳ୍ପ ପରିମାଣରେ ଅର୍ଥାତ୍ ହେକ୍ଟର ପ୍ରତି ୦.୨ ରୁ ୧.୨ କିଲୋଗ୍ରାମ ପର୍ଯ୍ୟନ୍ତ ଥାଏ ।"



ପର୍ଯ୍ୟନ୍ତ ଥାଏ । ଏଥିମଧ୍ୟରୁ ଅମ୍ଳ କିସମ ମାଟିରେ ସୁଲଭ କୋବାଲ୍ଟ ଆଶାନୁରୂପ ପରିମାଣରେ ଥିବାବେଳେ କ୍ଷାରୀ ମାଟିରେ ସୁଲଭ କୋବାଲ୍ଟ ଅଭାବ ପରିମାଣରେ ଅର୍ଥାତ୍ ୦.୨ ରୁ ୧.୦ କିଲୋଗ୍ରାମ ପର୍ଯ୍ୟନ୍ତ ଥାଏ, ଯାହାକି ଅଭାବ ପରିସୀମା ୧.୧୦ କିଲୋଗ୍ରାମ ଠାରୁ କମ୍ । କିନ୍ତୁ ଓଡ଼ିଶାର ପ୍ରାୟ ୭୦ ଶତକଡ଼ା ମାଟି ଅମ୍ଳ । ତେଣୁ ଓଡ଼ିଶା ମାଟିରେ ସୁଲଭ କୋବାଲ୍ଟ ଅଧିକ ରହିବାର ସମ୍ଭାବନା ଅଧିକ । କିନ୍ତୁ ଅମ୍ଳମାଟିରେ ଧାନ ଫସଲ ବ୍ୟତୀତ ଅଧିକାଂଶ ଫସଲ ଆଶାନୁରୂପ ଭାବେ ବଢ଼ିପାରେନାହିଁ। ସେଥିପାଇଁ ଅମ୍ଳମାଟିରେ ଚୂନ ପ୍ରୟୋଗ କରି ଫସଲ ଚାଷ କରିବାକୁ ଚାଷୀମାନଙ୍କୁ ପରାମର୍ଶ ଦିଆଯାଏ।

ଅମ୍ଳମାଟିରେ ଚୂନ ପ୍ରୟୋଗକଲେ ସବୁ ପ୍ରକାର ଛୁଇଁଜାତୀୟ ଫସଲର ଚେ଼ରରେ ଭାତୁଡ଼ି ସଂଖ୍ୟା ବଢ଼େ ସତ, କିନ୍ତୁ ମାଟିର ପିଏଚ୍ ବଢ଼ିବା ହେତୁ କୋବାଲ୍ଟ ଅଭାବରୁ ଭାତୁଡ଼ିରେ ରାଇଜୋବିୟମ ସଂଖ୍ୟା କମିଥାଏ । ତେଣୁ ଛୁଇଁଜାତୀୟ ଫସଲ ପାଇଁ ମାଟିର ପିଏଚ୍ ୬ ରୁ ୬.୫ ମଧ୍ୟରେ ରଖି ଉକ୍ତ ମାଟିରେ ହେଉଥିବା ଫସଲ ପାଇଁ ବଜାରରେ ରାସାୟନିକ ଦୋକାନରେ ମିଳୁଥିବା କୋବାଲ୍ଟ କ୍ଲୋରାଇଡ୍ ପ୍ରୟୋଗ କରିବା ଉଚିତ୍ । ପରୀକ୍ଷାରୁ ଜଣାପଡ଼ିଛି, ହେକ୍ଟର ପିଛା ୨.୦ କିଲୋଗ୍ରାମ କୋବାଲ୍ଟ କ୍ଲୋରାଇଡ୍‌କୁ ୪୦ କିଲୋଗ୍ରାମ ସିଙ୍ଗଲ ସୁପର ଫସ୍‌ଫେଟ୍ ସହ ମିଶାଇ ପ୍ରୟୋଗକଲେ ଛୁଇଁଜାତୀୟ ଫସଲର ଚେ଼ରରେ ଭାତୁଡ଼ି ସଂଖ୍ୟା ବଢ଼ି ରାଇଜୋବିୟମ ବୀଜାଣୁ ସଂଖ୍ୟା ଠିକ୍ ପରିମାଣରେ ରହି ବାୟୁମଣ୍ଡଳରୁ ଯବକ୍ଷାରଜାନ ଗ୍ରହଣ ଠିକ୍ ଅନୁପାତରେ ହୋଇଥାଏ।

ଗୃହପାଳିତ ରୋମନ୍ଥକ ପ୍ରାଣୀ ଅଧିକ ଭିଟାମିନ ବି–୧୨ ଆବଶ୍ୟକ କରନ୍ତି । ସବୁଜ ଗୋଖାଦ୍ୟରେ କିଲୋଗ୍ରାମ ପ୍ରତି ୦.୧୦ ରୁ ୦.୧୭ ମିଲିଗ୍ରାମ ରହିଲେ ରୋମନ୍ଥକ ପ୍ରାଣୀ ସୁସ୍ଥ ରହନ୍ତି । ଓଡ଼ିଶାର ଅଧିକ ଚାଷୀ ରୋମନ୍ଥକ ପ୍ରାଣୀଙ୍କୁ ଶୁଖିଲା ଗୋଖାଦ୍ୟ ଦିଅନ୍ତି । ପରୀକ୍ଷାରୁ ଜଣାଯାଇଛି, ଶୁଖିଲା ଧାନ ନଡ଼ାରେ କିଲୋଗ୍ରାମ ପ୍ରତି ମାତ୍ର ୦.୦୪୩ ମିଲିଗ୍ରାମ କୋବାଲ୍ଟ ଅଛି; ଯାହାକି ପ୍ରାଣୀମାନଙ୍କ ପାଇଁ ଆବଶ୍ୟକ ପରିମାଣଠାରୁ କମ୍ । ବିଭିନ୍ନ ଅନ୍ୟାନ୍ୟ ଗୋଖାଦ୍ୟ ଅମ୍ଳମାଟିରେ ଚାଷହୋଇଥିବା ବାଜରାରେ ୦.୨ ରୁ ୦.୩୩ ମିଲିଗ୍ରାମ, ଜୁଆରରେ ୦.୨୦ ରୁ ୦.୫୦ ମିଲିଗ୍ରାମ, ଗିନି ଘାସରେ ୦.୨୪ରୁ ୦.୪୮ ମିଲିଗ୍ରାମ, ପାରା ଘାସରେ ୦.୩ ରୁ ୩୨ ମିଲିଗ୍ରାମ ଏବଂ ବରମୁଣ୍ଡା ଘାସରେ ୦.୨୬ ରୁ ୩.୭୫ ମିଲିଗ୍ରାମ କୋବାଲ୍ଟ କିଲୋଗ୍ରାମ ପ୍ରତି ଥାଏ । ତେଣୁ ଏହିସବୁ ସବୁଜ ଗୋଖାଦ୍ୟକୁ ରୋମନ୍ଥକ ପ୍ରାଣୀଙ୍କୁ ଖାଇବାକୁ ଦେବା ଉଚିତ୍ । ଅନ୍ୟପକ୍ଷରେ ଧାନ, ଗହମ ଏବଂ ଓଟ୍ ଜାତୀୟ ଗୋଖାଦ୍ୟ ଫସଲରେ କୋବାଲ୍ଟ କ୍ଲୋରାଇଡ୍ ପ୍ରୟୋଗକରିବା ଉଚିତ୍।

–ଶୈଳଶ୍ରୀବିହାର, ଭୁବନେଶ୍ୱର
ମୋ : ୯୫୫୬୨୬୬୦୮୫

## ସଅଳ କିସମ ଧାନ ଚାଷ



ସଅଳ କିସମ ଧାନ କାଟିବାର ଏକ ସପ୍ତାହ ପୂର୍ବରୁ ଜମିରୁ ପାଣି ନିଷ୍କାସନ କରିଦିଅନ୍ତୁ । ଶତକଡ଼ା ୮୫ ଭାଗ କେଣ୍ଡା ପାଚିଗଲେ ଅମଳକରି ୨/୩ ଟି ଟାଣଖରାରେ ଶୁଖାଇ ସାଇତି ରଖନ୍ତୁ । ବିଳମ୍ବରେ ରୁଆଯାଇଥିବା ଧାନରେ ଥୋଡ଼ସାର ହେକ୍ଟର ପ୍ରତି ୨୦ କି.ଗ୍ରା. ଯବକ୍ଷାରଜାନ ଓ ୨୦ କି.ଗ୍ରା. ପଟାସ୍ ଖାଦ୍ୟସାର ପ୍ରୟୋଗ କରନ୍ତୁ । ଗନ୍ଧିପୋକ ଦମନ ପାଇଁ କିଆରିରେ ନିମ୍ବମଞ୍ଜି ପ୍ରସ୍ତୁତ ଦ୍ରବଣ ୫ ପ୍ରତିଶତ ସିଞ୍ଚନ କରନ୍ତୁ କିମ୍ବା ମାଲାଥିଅନ୍ /କ୍ଲୋରୋପାଇରିଫସ୍ ଗୁଣ୍ଡ ଏକର ପିଛା ୮ କି.ଗ୍ରା. ହିସାବରେ ଭୋର ସମୟରେ ଗଛ ଉପରେ ମଶାରି କନା ଥଳି ଦ୍ୱାରା ଉଡ଼ାନ୍ତୁ। ମାଟିଆଗୁଣ୍ଡିର ପୂର୍ଣ୍ଣାଙ୍ଗ ପୋକ କିମ୍ବା ଅର୍ଭକ ଦେଖାଦେଲେ ନିମ୍ନଲିଖିତ ପରିଚାଳନା ପଦ୍ଧତି ଅବଲମ୍ବନ କରନ୍ତୁ। ପ୍ରଥମେ ଆକ୍ରାନ୍ତ କିଆରିରୁ ଠିଆପାଣି ନିଷ୍କାସନ କରନ୍ତୁ ଓ ଜମିକୁ ଶୁଷ୍କ ରଖନ୍ତୁ। ଅଦଳବଦଳକରି ଜମିରେ ପାଣି ମଡ଼ାନ୍ତୁ ଓ ଜମିରୁ ପାଣି ନିଷ୍କାସନ କରନ୍ତୁ। ପ୍ରତି ୬ ଫୁଟ ଅନ୍ତରରେ କନ୍ଦି/ପାହି ତିଆରି କରିଦିଅନ୍ତୁ। ଏହାଦ୍ୱାରା ବୁଦା ମୂଳକୁ ଆଲୋକ ଓ ବାୟୁ ଚଳାଚଳ ସହଜ ହୋଇଥାଏ ଓ କୀଟନାଶକ ପ୍ରୟୋଗକରିବା ସୁବିଧା ହୋଇଥାଏ। କୀଟନାଶକ ପ୍ରୟୋଗ ପୂର୍ବରୁ କନ୍ଦି/ପାହି ପ୍ରସ୍ତୁତ କରନ୍ତୁ। ନିଶ୍ଚୟ ଅନୁମୋଦିତ ମାତ୍ରାରେ କୀଟନାଶକ ପ୍ରୟୋଗ କରନ୍ତୁ। ସିଞ୍ଚନ ସମୟରେ ସ୍ପ୍ରେୟରର ନୋଜଲକୁ ବୁଦାମୂଳକୁ ଦେଖାଇ ସିଞ୍ଚନକରନ୍ତୁ ଯେପରିକି ପୋକଗୁଡ଼ିକ କୀଟନାଶକ ସଂସ୍ପର୍ଶରେ ଆସି ମୃତ୍ୟୁବରଣ କରିବେ। ଦରକାର ପଡ଼ିଲେ ୧୦ ଦିନ ଅନ୍ତରରେ କୀଟନାଶକ ପରିବର୍ତ୍ତନକରି ସିଞ୍ଚନ କରନ୍ତୁ।

## ଅକ୍ଟୋବରରେ

**ମକା :** ମକାର ଚୋପା ହଳଦିଆ ପଡ଼ି ଦାନା ପାକଳ ହେଲେ ଅମଳ କରନ୍ତୁ। ମକାର ଚୋପା ଛଡ଼ାଇ ୭–୮ ଦିନ ଖରାରେ ଶୁଖାଇ ମଞ୍ଜି ବାହାର କରନ୍ତୁ। ଏଥିପାଇଁ ହସ୍ତଚାଳିତ ବା ଶକ୍ତିଚାଳିତ ମକାଛଡ଼ା ଯନ୍ତ୍ର ବ୍ୟବହାର କରନ୍ତୁ ।

**ମାଣ୍ଡିଆ :** କେଣ୍ଡାଗୁଡ଼ିକ ଧୂସର ବର୍ଣ୍ଣ ହୋଇଗଲେ ୨ ରୁ ୩ ଥରରେ କେଣ୍ଡାକାଟି ଅମଳ କରନ୍ତୁ ଓ ମୂଳରୁ ଗଛ କାଟି ଗୋଖାଦ୍ୟ ରୂପେ ବ୍ୟବହାର କରନ୍ତୁ । କେଣ୍ଡାଗୁଡ଼ିକ ୩–୪ ଦିନ ଖରାରେ ଶୁଖାଇ ଅମଳ କରନ୍ତୁ ।

**ଗହମ :** ଗହମ ବୁଣିବା ପାଇଁ ଜମିକୁ



ଗୁଣ୍ଡଚାଷ କରନ୍ତୁ ଓ ମୂଳି ସଫାକରି ପଟାଳି ପ୍ରସ୍ତୁତ କରନ୍ତୁ । ଉନ୍ନତ ବିହନ ଯଥା: ସାଗରିକା, ଉତ୍କଳିକା, କଲ୍ୟାଣ ସୋନା, ୟୁପି–୨୬୨ ସଂଗ୍ରହ କରନ୍ତୁ ।

**କୋଳଥ :** ଉର୍ମି, ଡିଏସ୍ ୧–୨, ଡିଏସ୍୧–୨–୨, ନୟାଗଡ଼–୧ ଆଦି କିସମ ସଂଗ୍ରହକରି ଚଳିତ ମାସ ତୃତୀୟ ସପ୍ତାହ ସୁଦ୍ଧା ବୁଣାକାମ ଶେଷ କରନ୍ତୁ। ଜମି ପ୍ରସ୍ତୁତକରି ମୂଳସାର ହିସାବରେ ହେକ୍ଟର ପ୍ରତି ୫ ଟନ୍ ଶଢ଼ା ଗୋବରଖତ ବା କମ୍ପୋଷ୍ଟ, ୧୨.୫



କି.ଗ୍ରା. ଯବକ୍ଷାରଜାନ ଓ ୨୫ କି.ଗ୍ରା. ଫସ୍‌ଫରସ୍ ସାର ପ୍ରୟୋଗ କରନ୍ତୁ ।

**ଚିନାବାଦାମ :** ଖରିଫ ଚିନାବାଦାମ ମଞ୍ଜି ଗଛରେ ପାକଳ ହୋଇଯାଇଥିଲେ ଅମଳକରି ୩/୪ଟି ଟାଣ ଖରାରେ ଶୁଖାଇ ସାଇତି ରଖନ୍ତୁ। ନଦୀପଠା ଜମିରେ ହେକ୍ଟର ପ୍ରତି ୧୮୭ କି.ଗ୍ରା. ଚିନାବାଦାମ ବିହନ ଅର୍ଥାତ୍ ୧୨୫ କି.ଗ୍ରା. ଚିନାବାଦାମ ମଞ୍ଜି ସହ ରାଇଜୋବିୟମ୍ ଜୀବାଣୁ କଲ୍‌ଚର ବ୍ୟବହାରକରି ଧାଡ଼ିକୁ ଧାଡ଼ି ୨୫ ସେ.ମି ଓ ଗଛକୁ ଗଛ ୧୦ ସେ.ମି. ବ୍ୟବଧାନରେ ଲଗାନ୍ତୁ ।



ସ୍ମୃତି, ଦେବୀ, ଧରଣୀ, ଟି.ଜି.–୩୮, ଟିଏସ୍‌ଭି–୨ ଓ କାଦିରୀ–୬ ଦେବୀ କିସମ ବିହନ ବ୍ୟବହାର କରନ୍ତୁ ।

## ପ୍ରାଣୀଙ୍କ ପ୍ରାକୃତିକ ଖାଦ୍ୟ



ପ୍ରାଣୀଙ୍କ ପ୍ରାକୃତିକ ଖାଦ୍ୟ ପାଇଁ ବରଗୁଡ଼ି, ଓଟ୍, ଲୁସର୍ନ ଇତ୍ୟାଦି ଚାଷକରନ୍ତୁ। ଅଧିକ ଥଣ୍ଡା ଓ ଅଧିକ ଦିନ ଶୀତ ରହୁଥିବା ଅଞ୍ଚଳରେ ବର୍‌ସିମ୍ ଘାସ ଚାଷ କରନ୍ତୁ। ବାଛୁରୀ ରହୁଥିବା ଘରେ ଝରକା ବା ଜାଲିରେ ବସ୍ତା ଟାଙ୍ଗି ଥଣ୍ଡାରୁ ରକ୍ଷାକରିବା ବନ୍ଦୋବସ୍ତ କରନ୍ତୁ। ଗାଈଙ୍କୁ ଟିଙ୍କ ନିବାରଣ ବିଷ ସିଞ୍ଚନ କରନ୍ତୁ। ଗୋରୁଙ୍କୁ ପାଣି ଜମିଥିବା ସନ୍ତସନ୍ତିଆ ସ୍ଥାନକୁ ଚରିବା ପାଇଁ ଛାଡ଼ନ୍ତୁ ନାହିଁ । ଫାଟୁଆ, ବଜବଜିଆ, ଆନ୍ଥ୍ରାକ୍ସ ଏବଂ ସାହାଣ ରୋଗ ପ୍ରତିଷେଧକ ଟିକା ଦିଅନ୍ତୁ । ବର୍ଷାରେ ଭାଙ୍ଗିଯାଇଥିବା ଗୁହାଳକୁ ସଜାଡ଼ି ଭଲଭାବେ ପରିଷ୍କାର କରିଦିଅନ୍ତୁ। ଗୋରୁଙ୍କୁ ଗୋଳିଆପାଣି ପିଇବା ପାଇଁ ଦିଅନ୍ତୁ ନାହିଁ । ସେମାନଙ୍କୁ ପ୍ରତି ୩ ମାସରେ ଥରେ କୃମିନାଶକ ଔଷଧ ଖୁଆନ୍ତୁ । ପ୍ରତ୍ୟେକ ଦିନ ଗୁହାଳରୁ ବାହାରୁଥିବା ମଳ, ମୂତ୍ର, ବଳକା ଘାସ, କୁଟା ଓ ପାଉଁଶ ଇତ୍ୟାଦିକୁ ଖତଗଦାରେ ପକାନ୍ତୁ। ଖତଗଦାକୁ ଘରଠାରୁ ଅନ୍ୟୂନ ୧୦୦ ଫୁଟ ଦୂରରେ କରନ୍ତୁ ।

## ମାଛଚାଷ ସମୟରେ...



ବର୍ଷା ଦ୍ୱାରା କ୍ଷତିଗ୍ରସ୍ତ ପୋଖରୀ ହୁଡ଼ାକୁ ଠିକ୍ ଭାବରେ ପ୍ରସ୍ତୁତ କରନ୍ତୁ ଏବଂ ପୋଖରୀରେ ମୁଣ୍ଡା ଯାଆଁଳ ଛାଡ଼ନ୍ତୁ । ହେକ୍ଟର ପ୍ରତି ଦୈନିକ ୩.୫୦ କି.ଗ୍ରା. କାଣ୍ଡିଆ କୁଣ୍ଡା ଓ ୩.୫୦ କି.ଗ୍ରା. ବାଦାମ ପିଡ଼ିଆର ମିଶ୍ରଣ ପୋଖରୀରେ ପ୍ରୟୋଗ କରନ୍ତୁ । ଏହାବ୍ୟତୀତ ମାସିକ ହେକ୍ଟର ପ୍ରତି ୨୫ କି.ଗ୍ରା. ଚୂନ ପ୍ରୟୋଗ କରନ୍ତୁ । ଚୂନ ପ୍ରୟୋଗର ୭ ଦିନ ପରେ ୬୨୫ ରୁ ୭୫୦ କି.ଗ୍ରା. କଞ୍ଚା ଗୋବର ପୋଖରୀରେ ପ୍ରୟୋଗ କରନ୍ତୁ ଏବଂ ଗୋବର ପ୍ରୟୋଗର ୧୫ ଦିନ ପରେ କ୍ୟାଲ୍‌ସିୟମ୍ ଆମୋନିୟମ୍ ନାଇଟ୍ରେଟ୍ (ସିଏଏନ୍) ୨୦ ରୁ ୨୫ କି.ଗ୍ରା. ଏବଂ ସିଙ୍ଗଲ ସୁପର ଫସ୍‌ଫେଟ୍ (ଏସ୍‌ଏସ୍‌ପି) ସାର ୧୫ ରୁ ୨୦ କି.ଗ୍ରା. ମାଛ ପୋଖରୀରେ ପ୍ରୟୋଗ କରନ୍ତୁ ।

## ଆଖୁରେ ଅଗବିନ୍ଧା ପୋକ ଦମନ

ଆଖୁ କିଆରିରେ ଅଗବିନ୍ଧା ପୋକର ଦମନ ପାଇଁ ଟ୍ରାଇକୋଗାମା ଜାପୋନିକମ୍ ନାମକ ପରାଶ୍ରୟୀ କୀଟ ହେକ୍ଟର ପ୍ରତି ୫୦ ହଜାର ହିସାବରେ ୧୦ ଦିନ ବ୍ୟବଧାନରେ ୩–୪ ଥର ଛାଡ଼ନ୍ତୁ । ଏହା ବ୍ୟତୀତ ଆଲୋକ ଯନ୍ତା ବସାଇ ପୂର୍ଣ୍ଣାଙ୍ଗ କୀଟଗୁଡ଼ିକୁ ଧରି ମାରିଦିଅନ୍ତୁ। ପ୍ରତି ଲିଟର ପାଣିରେ ୨ ମି.ଲି. ହିସାବରେ କୁଇନାଲ୍‌ଫସ୍ କିମ୍ବା ୨ ଗ୍ରାମ୍ କାର୍ଟାପ୍ ହାଇଡ୍ରୋକ୍ଲୋରାଇଡ୍ ୫୦ ଏସ୍‌ପି ସିଞ୍ଚନ କରନ୍ତୁ । ପତ୍ରକନ୍ଦାରେ ଦାନାଦାର ପକାଇ ଏହି ପୋକକୁ



ନିୟନ୍ତ୍ରଣ କରାଯାଇପାରେ। ଜାହାଜ ପୋକ ଦେଖାଗଲେ ହେକ୍ଟର ପ୍ରତି ଇପିରିକାନିଆ ମେଲାନୋଲିଉକା ପରଜୀବୀର ୫୦୦୦ କୋଷା କିମ୍ବା ୪ ରୁ ୫ ଲକ୍ଷ ଅଣ୍ଡା ଅନ୍ୟ ଚାଷୀଭାଇଙ୍କ କ୍ଷେତରୁ ସଂଗ୍ରହକରି ଜମିରେ ଛାଡ଼ନ୍ତୁ। ଏହାବ୍ୟତୀତ ସନ୍ଧ୍ୟାରେ ଜମିରେ ଧୂଆଁଦେବା ବ୍ୟବସ୍ଥା କରନ୍ତୁ।

ଦହିଆପୋକ ଦମନ ପାଇଁ ପ୍ରତି ଲିଟର ପାଣିରେ ୦.୨୫ ଗ୍ରାମ୍ ହିସାବରେ ଥାଇଓମିଥୋକ୍‌ଜାମ୍ ୨୫% ଡବ୍ଲ୍ୟୁପି କିମ୍ବା ୨ ମି.ଲି. ପ୍ରୋଫେନୋଫସ୍ ୫୦ ଇ.ସି. ମିଶାଇ ସିଞ୍ଚନ କରନ୍ତୁ । ନାଳିଶଢ଼ା ରୋଗ ଦମନ ପାଇଁ ପ୍ରତି ଲିଟର ପାଣିରେ ୨ ଗ୍ରାମ୍ କାର୍ବେଣ୍ଡାଜିମ୍ କିମ୍ବା ୧.୫ ଗ୍ରାମ୍ ଥାୟୋଫେନେଟ୍ ମିଥାଇଲ୍ ମିଶାଇ ମାଟିଭିଜା କରନ୍ତୁ। ଆକ୍ରାନ୍ତ ହୋଇଥିବା ବୁଦା ଉପାଡ଼ିଦେଇ ନଷ୍ଟ କରିଦିଅନ୍ତୁ ।

## ପନିପରିବା ଚାଷରେ ରୋଗପୋକ ନିୟନ୍ତ୍ରଣ

ଲଙ୍କା ଫସଲରେ ଉକୁଣିଆ ପୋକ ଲାଗିଥିଲେ ୫ ଗ୍ରାମ୍ ଏସିଟାମିପ୍ରିଡ୍ ୨୦ ଏସ୍‌ପିକୁ କିମ୍ବା ୧୫ ମି.ଲି. ଆବାମେକ୍ଟିନ୍ ୧୫ ଲିଟର ପାଣିରେ ମିଶାଇ ସିଞ୍ଚନ କରନ୍ତୁ। ସହଳ କିସମ ଫୁଲକୋବିରେ ଶଁବାଲୁଆ ଲାଗିଲେ ୪ ମି.ଲି. ନିମତେଲ ୦.୧୫%କୁ ୧ ଲିଟର ପାଣିରେ ମିଶାଇ ସପ୍ତାହେ ଅନ୍ତରରେ ୨ଥର ସିଞ୍ଚନ କରନ୍ତୁ। ଅତ୍ୟଧିକ ବର୍ଷା କିମ୍ବା ବନ୍ୟା ଦ୍ୱାରା କ୍ଷତିଗ୍ରସ୍ତ ଡିପ ତଥା ମଝିଆଳି ଜମିରେ ବିଭିନ୍ନ ପ୍ରକାର ପନିପରିବା ଯଥା– ଶାଗ, ଧନିଆପତ୍ର, ବାଇଗଣ, ଲଙ୍କା, ଟମାଟୋ ଆଦି ଲଗାଇବାର ବନ୍ଦୋବସ୍ତ କରନ୍ତୁ । ପାଳଙ୍ଗ, ଧନିଆ, କୋଶଳା ଆଦି ଶାଗ ଚାଷ କଲେ ଅଧିକ ଲାଭ ମିଳିପାରିବ। ପିଆଜ ତଳି ପ୍ରସ୍ତୁତି



ପାଇଁ ଉଦ୍ୟମ ଆରମ୍ଭ କରନ୍ତୁ। ଏକର ପ୍ରତି ୪ କେ.ଜି. ହିସାବରେ ଏଗ୍ରିଫାଉଣ୍ଡ ଲାଇଟ୍ ରେଡ୍, ଆର୍କ ନିକେତନ୍ ଏଗ୍ରିଫାଉଣ୍ଡ ଡାର୍କରେଡ୍, ଭୀମା ସୁପର ଓ ଭୀମା ଶକ୍ତି ବିହନ କିସମ ସଂଗ୍ରହକରି ତଳି ପକାନ୍ତୁ। ଆଳୁ ପାଇଁ ହେକ୍ଟର ପ୍ରତି ୨୦ ରୁ ୨୫ କୁଇଣ୍ଟାଲ ବିହନ ଦରକାର ହୁଏ । ଓଡ଼ିଶା ଜଳବାୟୁ ପାଇଁ ନଭେମ୍ବର ଦ୍ୱିତୀୟ ସପ୍ତାହ ପୂର୍ବରୁ ୨–୩ ଟି ଆଖିଥିବା ୨୫ ଗ୍ରାମ୍‌ରୁ ୩୦ ଗ୍ରାମ୍ ଓଜନ କଟାଆଳୁ ବିହନ ଶତକଡ଼ା ୩ ଭାଗ ବୋରିକ୍ ଏସିଡ୍‌ରେ ବିଶୋଧନକରି ଲଗାନ୍ତୁ । ହେକ୍ଟର ପ୍ରତି ୧୮୦ କେ.ଜି. ଯବକ୍ଷାରଜାନ, ୮୦ କେ.ଜି. ଫସ୍‌ଫେଟ୍ ଓ ୧୦୦ କେ.ଜି. ପଟାସ୍ ସାର ବ୍ୟବହାର କରନ୍ତୁ ଓ ଆଳୁ ଲଗାଇ ଦିଅନ୍ତୁ। ବିଲାତି ବାଇଗଣ ଓ ବାଇଗଣର ଝାଉଁଳା ରୋଗ ପାଇଁ ୨୫ ଗ୍ରାମ୍ କପର ଅକ୍ସିକ୍ଲୋରାଇଡ୍ ସହ ୧.୫ ଗ୍ରାମ୍ ଷ୍ଟ୍ରେପ୍ଟୋସାଇକ୍ଲିନ୍ ୧୦ ଲିଟର ପାଣିରେ ମିଶାଇ ଗଛ ମୂଳକୁ ଭିଜାନ୍ତୁ।



4-Printed and published by Adyasha Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ– ତଥାଗତ ସତପଥୀ


Hero
125M
CELEBRATING 125 MILLION CUSTOMERS
ଆସୁଛି ଧନତେରସର ପରବ,
ହିରୋ ରେ ସବାର ହୋଇ
XTREME 125R
Pleasure+
GST ଲାଭ
ସୀମିତ ସମୟର ଅଫର
ଉତ୍ପାଦଗୁଡ଼ିକ | ଏକ୍ସ-ଶୋ'ରୁମ୍ ମୂଲ୍ୟ | GST ଲାଭ
Xtreme 125R | ₹1 01 845 ₹93 884# | ₹7 961
PLEASURE + | ₹76 773 ₹70 772# | ₹6 001
ଏବେ ବୁକ୍ କରନ୍ତୁ ଧନତେରସ୍‌ରେ ସୁନିଶ୍ଚିତ ଡିଲିଭେରି ପାଇଁ
ନଗଦ ବୋନସ୍ + ₹3 500~ ପର୍ଯ୍ୟନ୍ତ
+ ତୁରନ୍ତ ରିହାତି ₹10 000^ ପର୍ଯ୍ୟନ୍ତ
HDFC BANK କ୍ରେଡିଟ୍ କାର୍ଡ FESTIVE TREATS
Powered by pine labs
+ ଦୈନିକ EMI ₹59$ ରୁ ଆରମ୍ଭ
ଡାଉନ୍ ପେମେଣ୍ଟ ₹1 999$ ରୁ ଆରମ୍ଭ
ସ୍ୱତନ୍ତ୍ର କର୍ପୋରେଟ୍ ଅଫର୍ ₹3 200~ ପର୍ଯ୍ୟନ୍ତ
INDIA'S FIRST 5 YEAR WARRANTY*
*Conditions apply
Hero GoodLife
ଜିତିବାର ସୁଯୋଗ
100% କ୍ୟାସବ୍ୟାକ
24 କ୍ୟାରେଟ ସ୍ୱର୍ଣ୍ଣ ମୁଦ୍ରା
ଏବଂ ଆହୁରି ଅନେକ ସୁନିଶ୍ଚିତ ଲାଭ*
Additional offers on:
Flipkart amazon.in
Hero MotoCorp Ltd. Regd. Office: The Grand Plaza, Plot No.2, Nelson Mandela Road, Vasant Kunj Phase - II, New Delhi - 110070, India. I CIN: L35911DL1984PLC017354 I For further information, contact your nearest Hero MotoCorp authorized outlet or visit us on www.HeroMotoCorp.com. Accessories and features shown may not be a part of standard fitment. Always wear a helmet while riding a two-wheeler. ~Offer amount and combination of offer may vary for model/variant and states and it is applicable on select models only, for a limited time period or till stock lasts. $Finance offer is at the sole discretion of the Financier, subject to its respective T&Cs, Available at select dealerships. ^T&C apply, Offer available only on limited stores. *Limited period offer, T&C apply. As per cumulative dispatch numbers till August 2025. #Ex-showroom price of Xtreme 125R x Pleasure+ in Bhubaneswar.
TOLL FREE
1800 266 0018
Authorized Dealers: Baripada: Aditya Hero, Ph: 7799766370, Bhadrak: Sanjib Hero, Ph: 9289922608, Cuttack: JMG Hero, Ph: 9289922178, Sunny Hero, Ph: 9289922697, Essen Hero, Ph: 9289923078, Jagatsinghpur: SUNNY AUTOBIKES , Ph: 9289233592, Bhubaneswar: Rohan Hero, Ph: 9289922474, Bharat Hero, Ph: 9289922180, DD Hero, Ph: 0674-2747448 / 9439650824, Arundhati Hero, Ph: 9289923183, Vishal Hero, Ph: 9289922984, Nayagarh: Bhagabati Hero, Ph: 9289922687, Puri: Sanjib Hero, Ph:9289923107,Chandikhol: S. K. Hero, Ph: 9289922900, , Jajpur Road: Soumik Hero, Ph: 9289922611 Authorized HeroSure Dealers: Bhubaneshwar: Arundhati Motobikes ,Ph- 7682841658 Associate Dealers: Telkoi:Panchamukhi Motors-9717004926, Barbil:Wheels Motors-9776931870 Rairangpur:Maa Sakambari Motors-7008581719, Mayurbhanj:Jk Motors-9040909925, Mayurbhanj:Mahaveer Motors-7326872255/9853290346, BasudevPur:Bidyalalita Automobile-9827487072, Kamrda:Siddhivinayak Motors-7208675074 , Rahama:Sarala Automobiles-9937018532, Kendrapara: Baishnabi Motors-9437000437 Pattamundai:Mishra Auto-9853843713, Narsinghpur:Ambika Motocorp-9861811411, Nimapara:Basudev Automobiles-9861020724, Pipili:Shri Ram Motors-9437110789, Balugaon: Mahamayee Motors-9437004624, Khurdha:Dinesh Trading Co.-9778097876, Sakhigopal:Sai Motors-9439765820, Begunia:Rashmi Automobiles-9178316145, Balipatna:M/S Jagannath Motors-7064309702, Chandpur:Apsara-9861418161, Khuakia:Binayak Automobiles-9090444379 Jajpur Town:Ayush Automobiles-9556189870, Champus: SK Motors- 9437200263, Banamalipur: Duladei Motors- 7735425890, Sunderpada:Basudev Motors- 6371525029, Nakhra: S.G. Automobiles- 9778779778, Balichandanpur: Tarini Motocorp- 9437118933, Nischitakoili: AJS Automobiles- 9439754039, , Katikata: Naaz Automobiles- 9866243937, Tangi: Sanam Motors- 9438703786, Turmunga: Maa Tarini Motors- 9777780823, Harichandanpur: Kalindi Motors- 9938989407, Anandapur: Gouranga Motors- 7008437346, Aul:Mohanty Motors-9937425871.


mahindra Rise
ପାର୍ବଣ ଆଣିଛି
ପ୍ରଗତିର ପିକ୍-ଅପ୍ ର
ଉପହାର
ଏବେ ଲାଭ ବି ଅଧିକ । ନୂଆ GST ସହିତ ମୂଲ୍ୟ ବି କମ୍ ।
SUPRO PROFIT TRUCK
₹56 000.00* ପର୍ଯ୍ୟନ୍ତର GST ମୂଲ୍ୟ ହ୍ରାସ
+ ₹94 000.00* ପର୍ଯ୍ୟନ୍ତର ଲାଭ
BOLERO MaXX PIK-UP
₹94 000.00* ପର୍ଯ୍ୟନ୍ତର GST ମୂଲ୍ୟ ହ୍ରାସ
+ ₹54 000.00* ପର୍ଯ୍ୟନ୍ତର ଲାଭ
VEERO
₹78 000.00* ପର୍ଯ୍ୟନ୍ତର GST ମୂଲ୍ୟ ହ୍ରାସ
+ ₹1 02 000.00* ପର୍ଯ୍ୟନ୍ତର ଲାଭ
ସୀମିତ ଷ୍ଟକ୍ । ଆଜି ହିଁ କିଣନ୍ତୁ ।
CNG ରେ ମଧ୍ୟ ଉପଲବ୍ଧ
95% ପର୍ଯ୍ୟନ୍ତ ଅନ୍-ରୋଡ୍ ପାଣ୍ଠି ଉପଲବ୍ଧ*
mahindra with you hamesha 1800-209-6006
xmart SMART BUY. SMART EXCHANGE.
UDAY
ଦଶ ଲକ୍ଷ ଟଙ୍କାର ଦୁର୍ଘଟଣା ବୀମା
ପ୍ରଦର୍ଶିତ ସହ-ଉପକରଣସବୁ ମାନକ ଉପକରଣର ଭାଗ ନୁହେଁ ।
*GST ମୂଲ୍ୟ ହ୍ରାସ ଯୋଗୁଁ ନୂଆ ମୂଲ୍ୟ ୨୨ ସେପ୍ଟେମ୍ବର ୨୦୨୫ ରୁ ଲାଗୁ । *ନିୟମ ଏବଂ ସର୍ତ୍ତାବଳୀ ପ୍ରଯୁଜ୍ୟ ।
UTKAL AUTOMOBILES: BHUBANESWAR, CUTTACK, JAGATSINGHPUR, NAYAGARH: 9873942631
ADITYA MOTORS: CUTTACK, JAGATSINGHPUR, KENDRAPARA: 7873999023, JAJPUR, PANIKOILI: 7873999040

ଧରିତ୍ରୀ 51 Years
ପୃଷ୍ଠା-୮+୮
DHARITRI
ଭୁବନେଶ୍ୱର, ବୁଧବାର, ଅକ୍ଟୋବର ୧୫/୨୦୨୫ (୮+୮=୧୬ ପୃଷ୍ଠା) Bhubaneswar, Wednesday, October 15/2025 Page 16 ₹ 7.00
୫୧ଶ ଭାଗ ୩୧୯ ସଂଖ୍ୟା www.orissakhabar.com/www.dharitri.com | Printed at Bhubaneswar, Sambalpur, Rayagada & Angul VOLUME 51 ISSUE 319 ମୂଲ୍ୟ ₹୭/-

# ପୁରୁଷ ବନ୍ଧୁ ଖଳନାୟକ

## ଡାକ୍ତରୀ ଛାତ୍ରୀ ଗଣବଳାତ୍କାର ଘଟଣାରେ ନୂଆ ମୋଡ଼

**କୋଲକାତା,୧୪।୧୦**

ପଶ୍ଚିମବଙ୍ଗର ଦୁର୍ଗାପୁରସ୍ଥିତ ଏକ ଘରୋଇ ମେଡିକାଲ କଲେଜ ବାହାରେ ଓଡ଼ିଆ ଡାକ୍ତରୀ ଛାତ୍ରୀ ଗଣବଳାତ୍କାର ମାମଲା ମଙ୍ଗଳବାର ନୂଆ ମୋଡ଼ ନେଇଛି। ପୀଡ଼ିତାଙ୍କ ପୁରୁଷ ବନ୍ଧୁ ୱାସିଫ ଅଲ୍ଲୀ ଘଟଣାର ମୁଖ୍ୟ ଖଳନାୟକ ବୋଲି ପୋଲିସ ଜାଣିବାକୁ ପାଇଛି। ମଙ୍ଗଳବାର ସନ୍ଧ୍ୟାରେ ୱାସିଫଙ୍କୁ ପୋଲିସ ଗିରଫ କରିଥିବା ପୋଲିସ କମିଶନର ସୂଚନା ଦେଇଛନ୍ତି।

ବାଲେଶ୍ୱର ଜିଲା ଜଳେଶ୍ୱରର ଏହି ଛାତ୍ରୀ ଜଣକ ଶୁକ୍ରବାର ରାତିରେ ପୁରୁଷ ବନ୍ଧୁଙ୍କ ସହ ମେଡିକାଲ କଲେଜ ବାହାରକୁ ଡିନର କରିବାକୁ ଯାଇଥିବାବେଳେ ବଳାତ୍କାରର ଶିକାର ହୋଇଥିଲେ। ପୁରୁଷ ବନ୍ଧୁ ବଳାତ୍କାର କରିଥିଲେ ବୋଲି ପୀଡ଼ିତାଙ୍କ ବୟାନରୁ ଜଣାପଡ଼ିଛି। ପୀଡ଼ିତାଙ୍କ ବାପା ମଧ୍ୟ ଅଭିଯୋଗରେ ୱାସିଫଙ୍କ ନାଁ ନେଇଥିଲେ। ତାଙ୍କୁ ମିଶାଇ ମୋଟ ଗିରଫ ଅଭିଯୁକ୍ତଙ୍କ ସଂଖ୍ୟା ୬ରେ ପହଞ୍ଚିଛି। ୱାସିଫଙ୍କୁ ବୁଧବାର ସକାଳେ କୋର୍ଟରେ ହାଜର କରାଯିବ ବୋଲି ପୋଲିସ କହିଛି।

ଇତିମଧ୍ୟରେ ପୋଲିସ ଗଣବଳାତ୍କାର ଅଭିଯୋଗକୁ ଖଣ୍ଡନ କରିଛି। ଜଣେ ବ୍ୟକ୍ତି ହିଁ ଡାକ୍ତରୀ ଛାତ୍ରୀଙ୍କୁ ବଳାତ୍କାର କରିଥିଲେ। ପୀଡ଼ିତାଙ୍କ ବୟାନ, ପ୍ରାରମ୍ଭିକ ଭୌତିକ ପ୍ରମାଣ ଆଦିରୁ ଜଣେ ବ୍ୟକ୍ତି ହିଁ ବଳାତ୍କାର କରିଥିବା ସ୍ପଷ୍ଟ ହେଉଛି ବୋଲି ଆସନସୋଲ୍-ଦୁର୍ଗାପୁର ପୋଲିସ କମିଶନର ସୁନିଲ କୁମାର ଚୌଧୁରୀ ଏକ ଖବରଦାତା ସମ୍ମିଳନୀରେ କହିଛନ୍ତି। ତେବେ ଆମେ ସମସ୍ତ ଗିରଫ ଅଭିଯୁକ୍ତଙ୍କୁ ଜେରା କରିବା ସହ ସବୁ ଦିଗକୁ ଅନୁଧ୍ୟାନ କରୁଛୁ ବୋଲି ସେ କହିଛନ୍ତି।

ପୁରୁଷ ବନ୍ଧୁଙ୍କୁ ଗିରଫ କରାଯିବା ପୂର୍ବରୁ ଅପରାହ୍ନରେ ପୋଲିସ ୫ ଅଭିଯୁକ୍ତଙ୍କ ସହ ତାଙ୍କୁ ଅପରାଧ ସ୍ଥଳକୁ ନେଇ କ୍ରାଇମ୍ ସିନ୍‌ର ରିକ୍ରିଏଶନ କରିଥିଲା। କାଳୀବାରି ଶ୍ମଶାନ ନିକଟବର୍ତ୍ତୀ ଜଙ୍ଗଲରେ ଏମ୍‌ବିବିଏସ୍ ଛାତ୍ରୀଙ୍କୁ ଗଣବଳାତ୍କାର କରାଯାଇଥିଲା। ଅଭିଯୁକ୍ତ ଓ ପୁରୁଷ ବନ୍ଧୁଙ୍କୁ ସେଠାକୁ ନିଆଯାଇ ଶୁକ୍ରବାର ରାତିରେ ଅପରାଧ ଘଟାଇବା ବେଳେ ସେମାନେ କ'ଣ ସବୁ କରିଥିଲେ, ତାହା ପୁନର୍ବାର କରିବାକୁ ପୋଲିସ କହିଥିଲା। ସମ୍ପୂର୍ଣ୍ଣ ରିକ୍ରିଏଶନ ଦୃଶ୍ୟର ଭିଡିଓଗ୍ରାଫି କରାଯିବା ସହ ସେମାନଙ୍କ ବୟାନ ରେକର୍ଡ କରାଯାଇଛି। ଏହାକୁ ପୀଡ଼ିତାଙ୍କ ବୟାନ ସହ ଯାଞ୍ଚ୍ କରାଯିବ ବୋଲି ତଦନ୍ତକାରୀ ଟିମ୍‌ର ଜଣେ ପୋଲିସ୍ ଅଧିକାରୀ କହିଛନ୍ତି। ଅପରାଧ ସ୍ଥଳକୁ ନେବା ପୂର୍ବରୁ ପୀଡ଼ିତାଙ୍କ ବନ୍ଧୁଙ୍କୁ ପୋଲିସ ଘଣ୍ଟାଏ ଧରି ଜେରା କରିଥିଲା। ୨ ଗିରଫ ଅଭିଯୁକ୍ତଙ୍କୁ ମଙ୍ଗଳବାର ସେମାନଙ୍କ ଘରକୁ ନିଆଯାଇ ଅପରାଧ ସହ ସାମିଲ ଥିବା ପ୍ରମାଣକୁ ପୋଲିସ ଖୋଜିଥିଲା।

## ଦେଶର ୧୦୦ ଦୁର୍ଘଟଣାପ୍ରବଣ ଜିଲା ମଧ୍ୟରେ ସୁନ୍ଦରଗଡ଼, ଗଞ୍ଜାମ

**ଭୁବନେଶ୍ୱର, ୧୪।୧୦(ସୁନିତ୍ ମିଶ୍ର)**

କେନ୍ଦ୍ର ସଡ଼କ ପରିବହନ ମନ୍ତ୍ରଣାଳୟ ପକ୍ଷରୁ ଦେଶର ୧୦୦ଟି ଦୁର୍ଘଟଣାପ୍ରବଣ ଜିଲାକୁ ଚିହ୍ନଟ କରାଯାଇଛି। ସେଥିମଧ୍ୟରେ ଓଡ଼ିଶାର ସୁନ୍ଦରଗଡ଼ ଏବଂ ଗଞ୍ଜାମ ଜିଲା ରହିଛି। ଓଡ଼ିଶାର ଏହି ୨ ଜିଲାରେ ଘଟୁଥିବା ଦୁର୍ଘଟଣା ଏବଂ ଏଥିଜନିତ ହେଉଥିବା ମୃତ୍ୟୁସଂଖ୍ୟା ଯେଉଁଭଳି ବୃଦ୍ଧି ଘଟୁଛି ତାହା ଉଭୟ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ପାଇଁ ଚିନ୍ତାର ବିଷୟ ପାଲଟିଛି। ୨୦୨୪ରେ ଜାନୁଆରୀରୁ ଜୁଲାଇ ମଧ୍ୟରେ ଦୁର୍ଘଟଣାଜନିତ ମୃତ୍ୟୁସଂଖ୍ୟା ଯେତିକି ଘଟିଥିଲା ୨୦୨୫ ଜାନୁଆରୀରୁ ଜୁଲାଇ ମଧ୍ୟରେ ଘଟିଥିବା ଦୁର୍ଘଟଣାକୁ ତୁଳନାକଲେ ଏଥିରେ ୨୩ ପ୍ରତିଶତ ବୃଦ୍ଧି ଘଟିଛି। ୨୦୨୪ ଜାନୁଆରୀରୁ ☞ପୃଷ୍ଠା-୬

## ଡିସେମ୍ବର ୨୨ରୁ ଯୁକ୍ତ୨ ଇଣ୍ଟରନାଲ ପରୀକ୍ଷା

**ଭୁବନେଶ୍ୱର,୧୪।୧୦(ସୁଚିସ୍ମିତା ସାହୁ)**

ଯୁକ୍ତ୨ ଇଣ୍ଟରନାଲ ପରୀକ୍ଷା ଆସନ୍ତା ଡିସେମ୍ବର ୨୨ରୁ ଆରମ୍ଭ ହୋଇ ଜାନୁଆରୀ ୧୫ ତାରିଖ ପର୍ଯ୍ୟନ୍ତ ଚାଲିବ। ଦୁଇଟି ସ୍ଲଟରେ ଛାତ୍ରୀଛାତ୍ରମାନେ ପରୀକ୍ଷା ଦେଇପାରିବେ। ଯଦି ଛାତ୍ରୀଛାତ୍ର କୌଣସି କାରଣ ଯୋଗୁ ପରୀକ୍ଷା ଦେଇପାରି ନ ଥିବେ କିମ୍ବା ପ୍ରଥମ ପରୀକ୍ଷାରେ ଫେଲ ହୋଇଥିବେ, ☞ପୃଷ୍ଠା-୬

DSPL - 316



ଶ୍ରୀ ନରେନ୍ଦ୍ର ମୋଦୀ
ପ୍ରଧାନମନ୍ତ୍ରୀ



ଶ୍ରୀ ମୋହନ ଚରଣ ମାଝୀ
ମୁଖ୍ୟମନ୍ତ୍ରୀ, ଓଡ଼ିଶା

# କୃଷି ବିଦ୍ୟାନିଧି ଯୋଜନା

- ସିଏମ୍ କିଷାନ ହିତାଧିକାରୀ ପରିବାରର ମେଧାବୀ ଛାତ୍ରଛାତ୍ରୀଙ୍କୁ ବୃତ୍ତିଗତ ଓ ବୈଷୟିକ ଶିକ୍ଷା ପାଇଁ ଆର୍ଥିକ ସହାୟତାର ବ୍ୟବସ୍ଥା
- AISHE ମାନର ସରକାରୀ ଶିକ୍ଷାନୁଷ୍ଠାନର ସମସ୍ତ ଖର୍ଚ୍ଚ ଏବଂ ବେସରକାରୀ ଶିକ୍ଷାନୁଷ୍ଠାନର ନିର୍ଦ୍ଧାରିତ ହାରରେ ଖର୍ଚ୍ଚ ବହନ କରିବେ ରାଜ୍ୟ ସରକାର
- ଜାତୀୟ ଶିକ୍ଷାନୁଷ୍ଠାନ ଯଥା IIT, IIM, NIT, AIIMS ଏବଂ ICAR ରେ ଉଚ୍ଚଶିକ୍ଷା ପାଇଁ ଯୋଗ୍ୟ ଛାତ୍ରଛାତ୍ରୀଙ୍କୁ ସରକାରୀ ସହାୟତାର ବ୍ୟବସ୍ଥା

| କ୍ର.ନଂ | କାର୍ଯ୍ୟକ୍ରମ | ସମୟ ସୀମା (୨୦୨୫-୨୬) |
|---|---|---|
| ୧ | ଛାତ୍ରଛାତ୍ରୀମାନଙ୍କ ପାଇଁ ଅନ୍‌ଲାଇନ୍ ଆବେଦନର ଆରମ୍ଭ ତାରିଖ | ୧୫.୧୦.୨୦୨୫ |
| ୨ | ଛାତ୍ରଛାତ୍ରୀମାନଙ୍କ ଦ୍ୱାରା ଅନ୍‌ଲାଇନ୍ ଆବେଦନର ଶେଷ ତାରିଖ | ୩୦.୧୧.୨୦୨୫ |
| ୩ | ଅନୁଷ୍ଠାନର ପ୍ରଧାନ/ ମୁଖ୍ୟଙ୍କ ଦ୍ୱାରା ଛାତ୍ରଛାତ୍ରୀମାନଙ୍କ ରେକର୍ଡର ଅନ୍‌ଲାଇନ୍ ଯାଞ୍ଚର ଶେଷ ତାରିଖ | ୧୫.୧୨.୨୦୨୫ |
| ୪ | ମୁଖ୍ୟ ଜିଲ୍ଲା କୃଷି ଅଧିକାରୀଙ୍କ ଦ୍ୱାରା ଛାତ୍ରଛାତ୍ରୀମାନଙ୍କ ରେକର୍ଡର ଅନ୍‌ଲାଇନ୍ ଯାଞ୍ଚର ଶେଷ ତାରିଖ | ୧୫.୦୧.୨୦୨୬ |

ଯୋଗ୍ୟ ଛାତ୍ରଛାତ୍ରୀମାନେ www.scholarship.odisha.gov.inରେ ଆବେଦନ କରନ୍ତୁ

ଅଧିକ ସୂଚନା ପାଇଁ ୧୫୫୩୩୫/ ୧୮୦୦-୩୪୫-୬୭୭୦ରେ ଯୋଗାଯୋଗ କରନ୍ତୁ

OIPR-01102/13/0036/2526

କୃଷି ଓ କୃଷକ ସଶକ୍ତିକରଣ ବିଭାଗ, ଓଡ଼ିଶା ସରକାର




Honda Exclusive Authorized Dealerships: BHUBANESWAR: MO Honda - 0674-2964289, 7008990541; Gugnani Honda - 9778611111, 8658916111; PGL Honda - 0674-2354418, 7735012345; Khimji Honda - 7735734882, 7735734888; Shivam Honda - 7873024400, 7873024320; ATHAGARH: Sidhivinayak Honda - 9937060136, 9658080060; BALUGOAN: Khimji Honda - 8114605673, 9778045606; BANKI: Shree Honda - 9658201234; BIDHARPUR: Saivinayak Honda - 9937060477, KHURDA: Gugnani Honda- 7077771900, 9937844533; UTTARA: Gugnani Honda- 7077771944, 7852930844; JANKIA: PGL Honda- 7788001030; CUTTACK: Durga Honda - 9114800102\17\121; Durga Honda (Choudwar) - 9114800120; SGBL Honda - 7437010004, 9040433000; Utkal Honda - 9439827522, 9437029811; JAJPUR ROAD: TEZ Honda - 7504991301 7504994444; JAJPUR TOWN: Agasti Honda - 9437518600; MANGALPUR: SP Honda - 9861843931, 7609065533; KUAKHIA: Sai Honda - 9938906077; SINGHPUR: Ramachandi Honda - 7377688445; CHANDIKHOL: Basanti Honda - 06725-227011, 9853066000; BALICHANDRAPUR: Mahavir Honda - 7978393608, 9438553478; JAGATSINGHPUR: Kanchan Murali Honda - 7809568988, 9090876483; JAGATPUR: Durga Honda - 9114800118; JATNI: PGL Honda - 7788001046, 7788001033; NAYAGRAH: Pattnaik Honda - 7008812540, 6370422120, Nayagarh Honda - 06753-296355, 7437000507; CHANDPUR: Pattnaik Honda - 7978913904; NARSINGHPUR: Baba Honda - 9438057701; NIALI: Hindustan Honda - 9040091922, 0671-2803355; PURI: Shivam Honda - 7735743520, 9040088747; KUJANG: Kanchan Murali Honda - 9937786824; RAHAMA: Navjyoti Honda - 9938339189, 7809568988; SALEPUR: S.N.Honda - 9437439076; KENDRAPARA: Saisudha Honda - 9178455081/2/3/4; PATTAMUNDAI: Satya Honda - 9439375055; KANDARPUR: Jay Pee Honda - 9861007679; KAKATPUR: Shree Ganesh Honda - 9937842437; RAJSUNAKHALA: NC Honda - 9078583100; PARADEEP: Kanchan Murali Honda - 9040650040. NIMAPADA: Santosh Honda -8917353149; PIPLI: SR Honda-9437885004, 9437129924; KONRAK: Konrak Honda- 9777565956; BRAHAMGIRI: Om Sai Honda- 9078953555; BALIAPATNA: Swastik Honda- 9439744817; BADAMBA: Somanath Honda-9438560360/9937271125; NISCHINTAKOILI: Anant Honda- 9437271903
For Bulk/Institutional enquiries, please write us at: institutionalsales@honda2wheelersindia.com

# ଷଡ଼ଯନ୍ତ୍ରକାରୀ ବାପ, ପୁଅଙ୍କ ସମେତ ୪ ଗିରଫ

**ଏମ୍ସ କର୍ମଚାରୀଙ୍କୁ ଗୁଳିକରି ହତ୍ୟା ଘଟଣା**

- ମୁଖ୍ୟ ଅଭିଯୁକ୍ତ ଶିବାଙ୍କୁ ଖୋଜୁଛି ପୋଲିସ
- ଅପରାଧରେ ବ୍ୟବହୃତ ବନ୍ଧୁକ ଜବତ


ଗିରଫ ୪ ଅଭିଯୁକ୍ତ।

ଭୁବନେଶ୍ୱର,୧୪।୧୦(ସତ୍ୟଜିତ ରାଉତ)

ଖଣ୍ଡଗିରି ଥାନା ଅନ୍ତର୍ଗତ ସରକନ୍ତରା ଗାଁରେ ଜମିଜମା ବିବାଦକୁ ନେଇ ଏମ୍ସ କର୍ମଚାରୀ ସୁଧାଂଶୁ ଖୁଣ୍ଟିଆ ଓରଫ ରବି (୩୦)ଙ୍କୁ ଗୁଳି କରି ହତ୍ୟା ଘଟଣାରେ ମଙ୍ଗଳବାର ପୋଲିସ ୪ଜଣ ଅଭିଯୁକ୍ତଙ୍କୁ ଗିରଫ କରିଛି। ଏହି ଘଟଣାରେ ସୁଧାଂଶୁଙ୍କ ଦାଦାପୁଅ ଭାଇ ମୁଖ୍ୟ ଅଭିଯୁକ୍ତ ଶିବା ପ୍ରଧାନ ଫେରାର ଥିବାବେଳେ ପୋଲିସ ତାଙ୍କୁ ଧରିବାକୁ ଖୋଜାଖୋଜି ଜାରି ରଖିଛି। ଗିରଫ ଅଭିଯୁକ୍ତମାନେ ହେଲେ ଶିବାଙ୍କ ବାପା ସୁକାନ୍ତ ପ୍ରଧାନ ଓରଫ ଭାଲୁ, ବଡ଼ଭାଇ ଶୁଭେନ୍ଦୁ ପ୍ରଧାନ ଓରଫ ଛବି, ସାଙ୍ଗ ରାକେଶ ଖୁଣ୍ଟିଆ ଓରଫ ରାକା ଏବଂ ରଘୁନାଥନଗରର କାହ୍ନା ଓରଫ ସୁବ୍ରତ ସାହୁ। ଶିବା ହିଁ ସୁଧାଂଶଙ୍କୁ ଗୁଳି କରି ହତ୍ୟା କରିଥିଲେ ବୋଲି ଖବରଦାତା ସମ୍ମିଳନୀରେ ଜୋନ ଏସିପି-୩ ତାପସ ପ୍ରଧାନ କହିଛନ୍ତି। ଘଟଣା ଭିଆଇବା ପରେ ଶିବା ଉକ୍ତ ବନ୍ଧୁକକୁ ନେଇ ରାକେଶଙ୍କ ମାଧ୍ୟମରେ କାହ୍ନାଙ୍କୁ ଦେଇଥିଲେ। ପୋଲିସ କାହ୍ନାଙ୍କଠାରୁ ଅପରାଧରେ ବ୍ୟବହୃତ ବନ୍ଧୁକ (୭.୬୫ ଏମ୍ଏମ୍ ପିସ୍ତଲ) ଜବତ କରିଛି। ଅଭିଯୁକ୍ତମାନଙ୍କୁ କୋର୍ଟଚାଲାଣ କରାଯିବା ପରେ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି। ତେବେ ଶିବା କେଉଁଠାରୁ ବନ୍ଧୁକ ଆଣିଥିଲେ ସେନେଇ ଅଧିକ ତଦନ୍ତ କରାଯାଉଥିବା ପୋଲିସ ପକ୍ଷରୁ କୁହାଯାଇଛି।

ପୋଲିସ ସୂଚନା ଅନୁଯାୟୀ, ସୁଧାଂଶୁଙ୍କ ପରିବାର ଓ ଶିବାଙ୍କ ପରିବାର ମଧ୍ୟରେ ଘରଡିହ ଜମିକୁ ନେଇ ଦୀର୍ଘଦିନ ଧରି ବିବାଦ ଲାଗି ରହିଥିଲା। ଏପରିକି ୭ବର୍ଷ ହେବ ଭୁବନେଶ୍ୱର ସିଭିଲ କୋର୍ଟରେ ଏନେଇ ମାମଲା ମଧ୍ୟ ଚାଲିଛି। ମୃତ୍ୟୁ ପୂର୍ବରୁ ଜେଜେମା' ବିଳାସିନୀ ନାତି ସୁଧାଂଶୁଙ୍କ ନାଁରେ ଘରଡିହ କରିଦେଇଥିଲେ। କୋର୍ଟରେ ଏନେଇ ସୁଧାଂଶୁ ପ୍ରମାଣ ଦେବାରୁ ଦାଦା ପରିବାର ତାଙ୍କୁ ହତ୍ୟା କରିବାକୁ ଯୋଜନା ରଚିଥିଲେ। ଦାଦା ସୁକାନ୍ତ, ଦୁଇ ପୁଅ ଛବି ଓ ଶିବା ଏବଂ ସାଙ୍ଗ ରାକେଶ ଏନେଇ ଷଡ଼ଯନ୍ତ୍ର କରିଥିଲେ। କିଛିଦିନ ତଳେ ଶିବା ଏକ ବନ୍ଧୁକ ଯୋଗାଡ଼ କରି ଆଣିଥିଲେ। ସୁଧାଂଶୁ ସୋମବାର ସକାଳ ପ୍ରାୟ ୯ଟାରେ ବାଇକ ଯୋଗେ ଏମ୍ସକୁ ଡ୍ୟୁଟି କରିବାକୁ ଯାଉଥିବାବେଳେ ଗାଁ ରାସ୍ତାରେ ଶିବା ଛକି ରହିଥିଲେ। ରାକେଶ ସେହି ବାଟେ ଆସି ତାଙ୍କ ପଛରେ ସୁଧାଂଶୁ ଆସୁଥିବା ଜଣାଇଥିଲେ। ପରେ ସୁଧାଂଶୁଙ୍କୁ ରାସ୍ତାରେ ଅଟକାଇ ଶିବା ଗୁଳି କରି ହତ୍ୟା କରିଥିଲେ। ଏନେଇ ସୁଧାଂଶୁଙ୍କ ସାନଭାଇ ଦେବାଶିଷଙ୍କ ଏତଲାକ୍ରମେ ଖଣ୍ଡଗିରି ପୋଲିସ ଏକ ମାମଲା (ନଂ. ୭୩୮/୨୦୨୫) ରୁଜୁ କରି ଅଧିକ ତଦନ୍ତ ଜାରି ରଖିଛି।

# ଧରାପଡ଼ିଲା ବହୁ କୋଟି ଟଙ୍କାର ହେରଫେର

- ଅନୁଗୋଳ ଜିଲା ମୁଖ୍ୟ ଚିକିତ୍ସାଳୟ କନିଷ୍ଠ କିରାଣି ନିଲମ୍ବିତ
- ନକଲି ଇ-ଚାଲାଣ ଦେଇ ଆତ୍ମସାତ୍ କରୁଥିଲେ ଅର୍ଥ
- ଏଜିଙ୍କ ଅଡିଟ୍ ପରେ ଖୋଲିଗଲା ବହୁ ବର୍ଷର ଗୁମର


ନିଲମ୍ବିତ କନିଷ୍ଠ କିରାଣି।

ଅନୁଗୋଳ,୧୪।୧୦(ମାନସ ବିଶ୍ୱାଳ)

ଅନୁଗୋଳ ଜିଲା ମୁଖ୍ୟ ଚିକିତ୍ସାଳୟର ଆକାଉଣ୍ଟାଣ୍ଟ ଦାୟିତ୍ୱରେ ଥିବା କନିଷ୍ଠ କିରାଣି ସୁବ୍ରତ ବେହେରା ଦରମା ବାବଦ ଅର୍ଥରୁ ବହୁ କୋଟି ଟଙ୍କାର ହେରଫେର୍ କରିଥିବା ଜଣାପଡ଼ିବା ପରେ ତାଙ୍କୁ କାର୍ଯ୍ୟରୁ ମଙ୍ଗଳବାର ନିଲମ୍ବନ କରାଯାଇଛି। ବହୁବର୍ଷ ଧରି ସେ କିପରି ସରକାରୀ ଅର୍ଥ ଆତ୍ମସାତ୍ କରିଚାଲିଥିଲେ ତାହାର ଗୁମର ଖୋଲିଯାଇଛି। ଏ ସମ୍ପର୍କରେ ଆକାଉଣ୍ଟାଣ୍ଟ ଜେନେରାଲ (ଏଜି), ସ୍ୱାସ୍ଥ୍ୟ ବିଭାଗ ଅଡିଟ୍ ଟିମ୍ ଓ ମାନବ ସମ୍ବଳ ପରିଚାଳନା ବ୍ୟବସ୍ଥା (ଏଚ୍ଆର୍ଏମ୍ଏସ୍) ତଦନ୍ତ କରିବା ପରେ ସମ୍ପୂର୍ଣ୍ଣ ଘଟଣା ପଦାକୁ ଆସିଛି। ଏ ନେଇ କନିଷ୍ଠ କିରାଣିଙ୍କ ବିରୋଧରେ ଜିଲା ମୁଖ୍ୟ ଚିକିତ୍ସାଳୟ ପକ୍ଷରୁ ଥାନାରେ ଅଭିଯୋଗ କରାଯାଇଛି।

ସୂଚନା ଅନୁଯାୟୀ, ୨୦୦୭ ମସିହାରେ ସୁବ୍ରତଙ୍କୁ ଜିଲା ମୁଖ୍ୟ ଚିକିତ୍ସାଳୟରେ କନିଷ୍ଠ କିରାଣି ଭାବେ ନିଯୁକ୍ତି ମିଳିଥିଲା। ୨୦୧୫-୧୬ରୁ ସେ ଆକାଉଣ୍ଟାଣ୍ଟ ଭାବେ କାର୍ଯ୍ୟ କରୁଥିଲେ। ଇତିମଧ୍ୟରେ ସେ ନିଜ ଆକାଉଣ୍ଟକୁ ନିର୍ଦ୍ଧାରିତ ଦରମା ଠାରୁ ବହୁ କୋଟି ଟଙ୍କା ଅଧିକ ପଠାଇଥିବା ଜଣାପଡ଼ିଥିଲା। ଏଜିଙ୍କ ଅଡିଟ୍‌ରୁ ଏହା ଧରାପଡ଼ିବା ପରେ ତଦନ୍ତ ପରିଧି ବଢ଼ାଯାଇଥିଲା। ୫ ଦିନ ଧରି ଅନୁଗୋଳରେ ଏଜି ତଦନ୍ତ କରିବା ପରେ ସ୍ୱାସ୍ଥ୍ୟ ବିଭାଗ ଅଡିଟ୍ ଟିମ୍ ମଧ୍ୟ ଏହାର ତଦନ୍ତ କରିଥିଲା। କନିଷ୍ଠ କିରାଣି ସୁବ୍ରତ ଅଧିକାଂଶ ସମୟରେ ଡାକ୍ତରଖାନାର କର୍ମଚାରୀ, ଡାକ୍ତରଙ୍କ ଆକାଉଣ୍ଟକୁ ଜାଣିଶୁଣି ଅଧିକ ଦରମା ପଠାଇ ଦେଉଥିଲେ। ପରେ ଦରମା ବାବଦ ଯାଇଥିବା ଅଧିକ ଅର୍ଥ ଫେରସ୍ତ ପାଇଁ ସମ୍ପୃକ୍ତ କର୍ମଚାରୀ ଓ ଡାକ୍ତରଙ୍କ ଉପରେ ଚାପ ପ୍ରୟୋଗ କରୁଥିଲେ। ଏପରି କି ଅଧିକ ଅର୍ଥ ଫେରସ୍ତ ସମୟରେ ସେ ଏକ ନକଲି ଇ-ଚାଲାଣ ମଧ୍ୟ ଦେଉଥିବା ତଦନ୍ତରୁ ଜଣାପଡ଼ିଛି। ସମ୍ପୃକ୍ତ କିରାଣିଙ୍କ ଏପରି ଅର୍ଥ ଆତ୍ମସାତ୍ ଘଟଣାକୁ ଅନୁଗୋଳ ଜିଲା ମୁଖ୍ୟ ଚିକିତ୍ସା ଓ ଜନସ୍ୱାସ୍ଥ୍ୟ ଅଧିକାରୀ ଡା. ମଦନ ମୋହନ ପ୍ରଧାନ ସ୍ୱୀକାର କରିଛନ୍ତି।

# ମନ୍ଦିରରୁ ଚୋରି ହୋଇଥିବା ସାମଗ୍ରୀ ଜବତ, ୩ ଗିରଫ

ଆଠମଲ୍ଲିକ,୧୪।୧୦(ଉଦୀପ୍ତ ପୁରୋହିତ)


ଗିରଫ ଅଭିଯୁକ୍ତଙ୍କ ସହ ଜବତ ହୋଇଥିବା ବିପୁଳ ସାମଗ୍ରୀ।

ଅନୁଗୋଳ ଜିଲା ଆଠମଲ୍ଲିକ ଉପଖଣ୍ଡର ବିଭିନ୍ନ ମନ୍ଦିରରୁ ଚୋରି ହୋଇଥିବା ସାମଗ୍ରୀକୁ ପୋଲିସ ଜବତ କରିବା ସହ ଏଥିରେ ସମ୍ପୃକ୍ତି ଅଭିଯୋଗରେ ୩ ଜଣଙ୍କୁ ଗିରଫ କରିଛି। ଗିରଫ ଅଭିଯୁକ୍ତମାନେ ହେଲେ ଠାକୁରଗଡ଼ ଥାନା ତିଲେଶ୍ୱର ଗ୍ରାମର ମନମୋହନ ପ୍ରଧାନ ଓ ହେମନ୍ତ ପ୍ରଧାନ ଏବଂ ଚୋରି ସାମଗ୍ରୀ କିଣୁଥିବା ସଞ୍ଜୟ ମେହେନା। ସେମାନଙ୍କ ନିକଟରୁ କୁରୁମଟାପ ଶିବ ମନ୍ଦିର, କୃତ୍ତିବାସପୁର ଶିବ ମନ୍ଦିର, ହଣ୍ଡପା ଥାନା ନାକଚି ଶିବ ମନ୍ଦିରରୁ ଚୋରି ହୋଇଥିବା ବିପୁଳ ସାମଗ୍ରୀ ଜବତ କରାଯାଇଥିବା ଏସ୍‌ଡିପିଓ ସୁଶାନ୍ତ ତାଉଡ଼ିଆ ମଙ୍ଗଳବାର ଉପଖଣ୍ଡ ପୋଲିସ ମୁଖ୍ୟାଳୟରେ ଅନୁଷ୍ଠିତ ଖବରଦାତା ସମ୍ମିଳନୀରେ ସୂଚନା ଦେଇଛନ୍ତି।

ଏସ୍‌ଡିପିଓ କହିଛନ୍ତି, ଠାକୁରଗଡ଼ ଥାନା ଅଞ୍ଚଳର ମନମୋହନ ଓ ହେମନ୍ତ ବିଭିନ୍ନ ମନ୍ଦିରରୁ ଚୋରି କରୁଥିବାବେଳେ ସାମଗ୍ରୀଗୁଡ଼ିକୁ ସଞ୍ଜୟଙ୍କୁ ବିକ୍ରି କରୁଥିଲେ। ଘଟଣାର ତଦନ୍ତ କରୁଥିବା ପୋଲିସକୁ ଏହି ସୂଚନା ମିଳିବା ପରେ ମେହେନାଙ୍କ ଘରେ ଚଢ଼ାଉ କରାଯାଇ ଝରା ଗଡୁ, ଘଣ୍ଟି, ଥାଳି, ପରାତ, କମଣ୍ଡଳୁ ଗଡୁ, ତସଲା, ହାତଘଣ୍ଟି ଓ ମାଇକ ସେଟର ଆମ୍ପ୍ଲିଫାୟାର ମେଶିନ, ଚୋରି ସମୟରେ ବ୍ୟବହୃତ ବୁଲେଟ ମୋଟର ସାଇକେଲ ସହ ଲୁହାରଡ୍ ଜବତ କରାଯାଇଥିଲା। ଅଭିଯୁକ୍ତମାନଙ୍କୁ ଗିରଫ ପରେ କୋର୍ଟଚାଲାଣ କରାଯାଇଛି। ହଣ୍ଡପା ଥାନା ଆଇଆଇସି ନମିତା ନାଏକ, ଠାକୁରଗଡ଼ ଥାନା ଆଇଆଇସି ଶଶିଭୂଷଣ ବେହେରାଙ୍କ ନେତୃତ୍ୱରେ ଠାକୁରଗଡ଼ ଥାନା ଏସ୍ଆଇ ମନୋଜ କୁମାର ବେହେରା, ଏଏସ୍ଆଇ ଶେଷଦେବ ସାମଲ, ହଣ୍ଡପା ଥାନା ଏଏସ୍ଆଇ ବନିତା ପ୍ରଧାନ, କିଶୋରନଗର ଥାନା ଏଏସ୍ଆଇ ଗୋପାଳ ବେହେରା ପ୍ରମୁଖ ଅଭିଯୁକ୍ତମାନଙ୍କୁ ଗିରଫ କରିଥିଲେ।

# ସାମାଜିକ ଗଣମାଧ୍ୟମରେ ଅଶ୍ଳୀଳ ଭିଡିଓ ପ୍ରସାରଣକରି ଯୁବକ ଗିରଫ

କଟକ,୧୪।୧୦(କାର୍ତ୍ତିକ ସାହୁ)

ସାମାଜିକ ଗଣମାଧ୍ୟମରେ ଏକାଧିକ ଅଶ୍ଳୀଳ ଭିଡିଓ ଭାଇରାଲ କରିବା ଅଭିଯୋଗରେ କଟକ ସାଇବର ଥାନା ପୋଲିସ ଜଣଙ୍କୁ ଗିରଫ କରି ମଙ୍ଗଳବାର କୋର୍ଟ ଚାଲାଣ କରିଛି। ଗିରଫ ଅଭିଯୁକ୍ତ ଜଣକ ହେଲେ ସାଲେପୁର ଥାନା ଅନ୍ତର୍ଗତ ଜିଗିନି ପାଟପୁର ଗ୍ରାମର ବିଶ୍ୱବଲ୍ଲଭ ନନ୍ଦ। ବିଶ୍ୱବଲ୍ଲଭଙ୍କ ନିକଟରୁ ଗୋଟିଏ ସ୍ମାର୍ଟଫୋନ୍, ସିଡୀ ଓ ମୋବାଇଲ ସ୍କ୍ରିନ୍‌ସର୍ଟ ଜବତ ହୋଇଛି। ଏ ନେଇ ବିଭିନ୍ନ ଦଫାରେ କଟକ ସାଇବର ଥାନାରେ ଏକ ମାମଲା (ନଂ.୮୩/୨୦୨୫) ରୁଜୁ ହୋଇଛି।

ସୂଚନାନୁସାରେ ବିଶ୍ୱବଲ୍ଲଭ ସମାଜରେ ଜଣାଶୁଣା ବ୍ୟକ୍ତିମାନଙ୍କ ଫଟୋକୁ ବ୍ୟବହାର କରି କମ୍ପ୍ୟୁଟର ଜରିଆରେ ସେମାନଙ୍କ ମିଥ୍ୟା ତଥା ଅଶ୍ଳୀଳ ଭିଡିଓ ପ୍ରସ୍ତୁତ କରୁଥିଲେ। ସେଗୁଡ଼ିକୁ ଫେସ୍‌ବୁକ୍ ଭଳି ସାମାଜିକ ଗଣମାଧ୍ୟମରେ ପ୍ରସାରଣ କରି ସମ୍ପୃକ୍ତ ବ୍ୟକ୍ତିଙ୍କୁ ବଦନାମ କରିବାକୁ ଚେଷ୍ଟା କରୁଥିଲେ। ତେବେ ସେ ଲୋକମାନଙ୍କ ନିକଟରୁ ଅର୍ଥ ଦାବି କରୁଥିଲେ କି ନାହିଁ ପୋଲିସ ତାହାର ତଦନ୍ତ କରୁଛି।

# ଭାଜପା କର୍ମୀଙ୍କୁ ହତ୍ୟାକଲେ ମାଓବାଦୀ

ମାଲକାନଗିରି,୧୪।୧୦
(ଦୁର୍ଯ୍ୟୋଧନ ପାତ୍ର)

ମାଲକାନଗିରି ଜିଲା ସୀମାନ୍ତ ଛତିଶଗଡ଼ ବିଜାପୁର ଜିଲାରେ ପୁଣି ମାଓବାଦୀଙ୍କ ବର୍ବରକାଣ୍ଡ ଦେଖିବାକୁ ମିଳିଛି। ପୋଲିସ ସୂଚନାଦାତା ସନ୍ଦେହରେ ମାଓବାଦୀମାନେ ପୁଣି ଜଣେ ଭାଜପା କର୍ମୀଙ୍କୁ ହତ୍ୟା କରିଛନ୍ତି। ମଙ୍ଗଳବାର ରାତିରେ କେତେଜଣ ସଶସ୍ତ୍ର ମାଓବାଦୀ ବିଜାପୁର ଭାଜପା ମଣ୍ଡଳସ୍ତରୀୟ କର୍ମୀ ସତ୍ୟମ ପୁନେମଙ୍କୁ ତାଙ୍କ ଘରୁ ଉଠାଇନେଇ ନିର୍ମମ ଭାବେ ହତ୍ୟା କରିଛନ୍ତି। ଏଥିସହ ମୃତଦେହ ପାଖରେ ଏକ ଚିଠି ମଧ୍ୟ ଛାଡ଼ିଯାଇଛନ୍ତି। ସତ୍ୟମ ପୁନେମ ପୋଲିସ ସୂଚନାଦାତା ଥିଲେ। ତାଙ୍କୁ ମାଓବାଦୀ ସଂଗଠନ ତରଫରୁ ବାରମ୍ବାର ଚେତାବନୀ ଦେବା ସତ୍ତ୍ୱେ ସେ ପୋଲିସକୁ ମାଓବାଦୀଙ୍କ ସମ୍ପର୍କରେ ସୂଚନା ପ୍ରଦାନ କରୁଥିଲେ। ତେଣୁ ତାଙ୍କୁ ହତ୍ୟା କରାଯାଇଥିବା ଉକ୍ତ ଚିଠିରେ ଉଲ୍ଲେଖ ରହିଛି। ଘଟଣାସ୍ଥଳରେ ବିଜାପୁର ପୋଲିସ ପହଞ୍ଚି ତଦନ୍ତ ଆରମ୍ଭ କରିଥିବା ଜଣାପଡ଼ିଛି।

## Business

# ଡୋର ଟୁ ଡୋର ରେଳ ପାର୍ସଲ ସେବା ଆରମ୍ଭ

ଭୁବନେଶ୍ୱର,୧୪।୧୦



ରେଳ, ସୂଚନା ଓ ପ୍ରସାରଣ, ଏବଂ ଇଲେକ୍ଟ୍ରୋନିକ୍ସ ଏବଂ ସୂଚନା ପ୍ରଯୁକ୍ତିବିଦ୍ୟା ମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ ମଙ୍ଗଳବାର ସୋନିକ୍ ଇଣ୍ଟିଗ୍ରେଟେଡ୍ ଲଜିଷ୍ଟିକ୍ସ ହବ୍‌କୁ ଭର୍ଚୁଆଲ ମାଧ୍ୟମରେ ଉଦ୍‌ଘାଟନ କରିଛନ୍ତି। ଏହାସହ ୨ଟି ନୂତନ ଡୋର-ଟୁ-ଡୋର ମାଲ୍ ଏବଂ ପାର୍ସଲ ସେବାକୁ ପତାକା ଦେଖାଇ ଶୁଭାରମ୍ଭ କରିଛନ୍ତି। କେନ୍ଦ୍ର ମନ୍ତ୍ରୀ କହିଛନ୍ତି, ଡୋର-ଟୁ-ଡୋର ସେବା ଦକ୍ଷତା ବୃଦ୍ଧି କରିବ ଏବଂ ଲଜିଷ୍ଟିକ୍ସ ଖର୍ଚ୍ଚକୁ ଉଲ୍ଲେଖନୀୟ ଭାବରେ ହ୍ରାସ କରିବ। ଶିଳ୍ପଗୁଡ଼ିକ ଗନ୍ତବ୍ୟସ୍ଥଳକୁ ସମ୍ପୂର୍ଣ୍ଣ ରେକ୍ ପୂରଣ ନ କରି ଏକ ନିର୍ଦ୍ଦିଷ୍ଟ ସଂଖ୍ୟକ କଣ୍ଟେନର ପଠାଇପାରିବେ। କାରଖାନା ଏବଂ ଟ୍ରେନ୍‌ର ଲୋଡିଂ ଅନ୍‌ଲୋଡିଂ ପଏଣ୍ଟ ମଧ୍ୟରେ ଲଜିଷ୍ଟିକାଲ ବ୍ୟବଧାନକୁ ଡୋର-ଟୁ-ଡୋର ସେବା ମାଧ୍ୟମରେ ପୂରଣ କରିବ। ସାମଗ୍ରୀ ସେଡ୍ କିମ୍ବା ଲଜିଷ୍ଟିକ୍ସ ଟର୍ମିନାଲଗୁଡ଼ିକରେ କଣ୍ଟେନର ଷ୍ଟଫିଂ ଏବଂ ଡି-ଷ୍ଟଫିଂ ପାଇଁ ସୁବିଧା ରହିବ। ସୋନିକ୍ ଏହି ସୁବିଧା ପ୍ରଦାନ କରୁଥିବା ପ୍ରଥମ ସମନ୍ୱିତ ଲଜିଷ୍ଟିକ୍ସ ହବ୍ ପାଲଟିଛି। ଟର୍ମିନାଲଟି ଲକ୍ଷ୍ନୌରୁ ପ୍ରାୟ ୫୦ କିଲୋମିଟର ଏବଂ କାନପୁରରୁ ୨୦ କିଲୋମିଟର ଦୂରରେ ଅବସ୍ଥିତ। ଏହା କାନପୁର ଏବଂ ଲକ୍ଷ୍ନୌ ଅଞ୍ଚଳର ବର୍ଦ୍ଧିତ ଲଜିଷ୍ଟିକ୍ସ ଆବଶ୍ୟକତା ପୂରଣ କରିବ। କଣ୍ଟେନର କର୍ପୋରେଶନ ଅଫ୍ ଇଣ୍ଡିଆ ଲିମିଟେଡ୍ ସମସ୍ତ ଟର୍ମିନାଲ କାର୍ଯ୍ୟ ପରିଚାଳନା କରିବ। ଟର୍ମିନାଲଟି ସାର, ଖାଦ୍ୟଶସ୍ୟ, ସିମେଣ୍ଟ ଏବଂ ଟ୍ରାକ୍ଟର ଆଦି ସାମଗ୍ରୀ ପରିଚାଳନା କରିବାକୁ ପ୍ରସ୍ତୁତ। ଏହି ସୁବିଧାରେ ଅତ୍ୟାଧୁନିକ ଭିତ୍ତିଭୂମି ରହିଛି, ଯେଉଁଥିରେ ଗୋଦାମ, ଡୋର-ଟୁ-ଡୋର ସେବା ଏବଂ ଗ୍ରାହକ ଏବଂ ଶ୍ରମିକ ଉଭୟଙ୍କ ପାଇଁ ଆବଶ୍ୟକ ସୁବିଧା ଅନ୍ତର୍ଭୁକ୍ତ। ଏହି ମାର୍ଗ ଦିଲ୍ଲୀ - ଆଗ୍ରା - କାନପୁର - କୋଲକାତାକୁ ସଂଯୋଗକରେ। ରେଳ ପାର୍ସଲ ଭ୍ୟାନ୍ (ମୁମ୍ବାଇରୁ କୋଲକାତା) ବ୍ୟବହାରକରି ପାର୍ସଲ ସେବା ପ୍ରଦାନ କରିବ। ସଡ଼କ ପରିବହନ ତୁଳନାରେ, ରେଳ ପାର୍ସଲ ସେବା ଲଜିଷ୍ଟିକ୍ସ ଖର୍ଚ୍ଚରେ ୭.୫% ହ୍ରାସ କରିଥାଏ। ଏହା ସହ ରେଳ ପରିବହନ ଯଥେଷ୍ଟ ଦ୍ରୁତ, ପରିବହନ ସମୟରେ ପ୍ରାୟ ୩୦% ସଞ୍ଚୟ ପ୍ରଦାନକରେ। ଏହାସହ ଆଉ ଏକ ପରୀକ୍ଷଣ ମଧ୍ୟ ସଫଳ ହୋଇଛି - ଚାଷୀମାନଙ୍କୁ ଲାଭଦେବା ପାଇଁ ସୁଲଭ ମୂଲ୍ୟରେ ଟ୍ରାକ୍ଟର ଭଳି ଉପକରଣ ପରିବହନ କରାଯିବ। ଯେପରି କାର୍ କାର୍ଗୋକୁ ଦକ୍ଷତାର ସହିତ ସ୍ଥାନାନ୍ତର କରାଯାଏ, ସେହିପରି ଟ୍ରାକ୍ଟର ଏବଂ ଭାରି ନିର୍ମାଣ ଉପକରଣ ପାଇଁ ମଧ୍ୟ ସମାନ ପରିବହନ ସୁବିଧା ବିସ୍ତାର କରାଯିବ। ରେଳ ବୋର୍ଡର ଅଧ୍ୟକ୍ଷ ଏବଂ ସିଇଓ ସତୀଶ କୁମାର କହିଛନ୍ତି, ଡୋର-ଟୁ-ଡୋର ଡେଲିଭରି ପଦକ୍ଷେପ ଦ୍ୱାରା ଜଣେ କନ୍‌ସାଇନିଙ୍କ କନ୍‌ସାଇନମେଣ୍ଟ ସିଧାସଳଖ ଗୋଦାମ କିମ୍ବା କାରଖାନାରୁ ଉଠାଯାଏ ଏବଂ ଭାରତୀୟ ରେଳପଥ ଦ୍ୱାରା ଅନ୍ତିମ ଗନ୍ତବ୍ୟସ୍ଥଳରେ ପହଞ୍ଚାଯାଏ। ସୂଚନା ଥାଉକି, ଭାରତୀୟ ରେଳ (ଭାରତୀୟ ରେଳପଥ) ବିଶ୍ୱର ଦ୍ୱିତୀୟ ବୃହତ୍ତମ ମାଲବାହୀ ପରିବହନକାରୀ, ଯାହା ବାର୍ଷିକ ୧.୬ ବିଲିୟନ ଟନ୍ ସାମଗ୍ରୀ ପରିବହନକରେ।

# ଫାବ୍ ଇଣ୍ଡିଆ ଉଦ୍‌ଘାଟନ କଲେ ସୋନୁ ସୁଦ୍




ଭୁବନେଶ୍ୱର,୧୪।୧୦

ଲାଇଫଷ୍ଟାଇଲ ବ୍ରାଣ୍ଡ ଫାବ୍ ଇଣ୍ଡିଆର ନୂଆ ଷ୍ଟୋର ବାଲେଶ୍ୱର ଆଇଟିଆଇ ଛକରେ ଖୋଲିଛି। ବଲିଉଡ୍ ଅଭିନେତା ସୋନୁ ସୁଦ୍, ଖିମଜୀ ଜୁଏଲର୍ସର ମାଲିକ ମିତେଶ ଖିମଜୀ, ଷ୍ଟୋର ମାଲିକ ସଞ୍ଜିବ ମହାନ୍ତି, ତାଙ୍କ ମା' ଏବଂ ଦୁଇ ପାର୍ଟନର ମୋନାଶିଷ ଦାସ ଏବଂ ନିବେଦିତା ଦାସ ମଙ୍ଗଳବାର ଏହି ଷ୍ଟୋରର ଉଦ୍‌ଘାଟନ କରିଛନ୍ତି। ନୂଆ ଫାବ୍ ଇଣ୍ଡିଆ ଷ୍ଟୋରରେ ପୋଷାକ, ଘରକରଣା ଉପକରଣ, ଖାଦ୍ୟ ଓ ଆସେସୋରିଜ ଉପଲବ୍ଧ ହେଉଛି। ପୁରୁଷ, ନାରୀ ଓ ଶିଶୁଙ୍କ ପାଇଁ ପାରମ୍ପରିକ ଓ ଆଧୁନିକ ପୋଷାକ କୁର୍ତ୍ତା, ଶାଢ଼ି, ଟ୍ୟୁନିକ, ଶର୍ଟ ଆଦିର ସ୍ୱତନ୍ତ୍ର କଲେକ୍ସନ ରହିଛି। ଆସବାବପତ୍ର ବିଭାଗରେ ହସ୍ତଶିଳ୍ପ ଫର୍ନିଚର, ବେଡ୍‌ଲିନେନ, ପରଦା, ରଗ୍‌ସ ଓ ସାଜସଜ୍ଜା ସାମଗ୍ରୀ ରହିଛି। ୱେଲ୍‌ନେସ୍ ଓ ପର୍ସନାଲ କେୟାର ଶ୍ରେଣୀରେ ତ୍ୱଚା ଓ ଶରୀର ପାଇଁ ବିଭିନ୍ନ ସାମଗ୍ରୀ ମିଳୁଛି। ଜୈବିକ ଖାଦ୍ୟ ବିଭାଗରେ ଡାଲି, ମସଲା, ଚା, ତେଲ ଆଦି ଖାଦ୍ୟସାମଗ୍ରୀ ଉପଲବ୍ଧ। ସେହିପରି ଜୁଏଲେରି, ବ୍ୟାଗ୍ ଓ ଆସେସୋରିଜ ବିଭାଗରେ ଗ୍ରାହକଙ୍କ ମନ ଲାଖି ଉତ୍ପାଦ ରହିଛି। ଉଦ୍‌ଘାଟନୀ ଅବସରରେ ଫାବ୍ ଇଣ୍ଡିଆ ବାଲେଶ୍ୱର ଫ୍ରାଞ୍ଚାଇଜ ମାଲିକ ତଥା ଷ୍ଟୋର ପାର୍ଟନର ସଞ୍ଜୀବ ମହାନ୍ତି କହିଛନ୍ତି, ବାଲେଶ୍ୱରର ଲୋକଙ୍କ ନିକଟକୁ ଫାବ୍ ଇଣ୍ଡିଆର ପାରମ୍ପରିକତା ଓ ଆଧୁନିକତାର ସମନ୍ୱୟ ଆଣିପାରିଥିବାରେ ଆମେ ଗର୍ବିତ। ଫାବ୍ ଇଣ୍ଡିଆ ଏହି ନୂଆ ପଦକ୍ଷେପ ମାଧ୍ୟମରେ ଭାରତୀୟ ଶିଳ୍ପ ପରମ୍ପରାକୁ ସଂଯୋଗକରି ସ୍ଥାୟୀ ମନଲୋଭା ଓ ସଚେତନ ଜୀବନଶୈଳୀକୁ ପ୍ରେରିତ କରୁଛି।

# ମଧୁକୁଞ୍ଜର 'ଶୁଭ ଧନ୍‌ତେରସ୍' ଅଫର

ଭୁବନେଶ୍ୱର,୧୪।୧୦(ଅନୁରାଧା ମହାରଣା)

ଧନ୍‌ତେରସ୍ ଅବସରରେ ମଧୁକୁଞ୍ଜ ଗୋଲ୍ଡ ଆଣ୍ଡ ଡାଇମଣ୍ଡସ୍ ପକ୍ଷରୁ 'ଶୁଭ ଧନ୍‌ତେରସ୍' ଅଫର ଘୋଷଣା କରାଯାଇଛି। ଏହାର ଭୁବନେଶ୍ୱର, କଟକ ଓ ଜଟଣୀ ଶାଖାରେ ହୀରା, ସୁନା ଓ ରୁପା ଅଳଙ୍କାରର ଗଢ଼ା ମଜୁରିରେ ଫ୍ଲାଟ୍ ୪୦% ରିହାତି ପ୍ରଦାନ କରାଯାଉଛି। ଅକ୍ଟୋବର ୧୦ରୁ ଲାଗୁ ହୋଇଥିବା ଅଫର ନଭେମ୍ବର ୨ ପର୍ଯ୍ୟନ୍ତ ଚାଲିବ । ଏହା ସହ ସୁନା ଓ ରୁପା ମୁଦ୍ରା ଜିତିବାର ସୁଯୋଗ ରହିଛି । କମ୍ପାନୀ ପକ୍ଷରୁ ଆଜୀବନ ବାଏବ୍ୟାକ୍ ଗ୍ୟାରେଣ୍ଟି ସହ ନିଃଶୁଳ୍କ ମରାମତି ସୁବିଧା ମଧ୍ୟ ଦିଆଯାଉଛି। ଶତ ପ୍ରତିଶତ ୯୧୬ ବିଆଇଏସ୍ ହଲ୍‌ମାର୍କ ସୁନାଗହଣା ଏବଂ ଶତ ପ୍ରତିଶତ ଆଇଜିଆଇ ସ୍ୱୀକୃତିପ୍ରାପ୍ତ ହୀରା ଅଳଙ୍କାର ଷ୍ଟୋରରେ ଉପଲବ୍ଧ ହେଉଥିବା କମ୍ପାନୀ ଦାବି କରିଛି। ପୁରୁଣା ସୁନା ବଦଳରେ କୌଣସି କାଟ୍ କରାଯାଉ ନ ଥିବା କୁହାଯାଇଛି।

# ଆର୍‌ବିଆଇର ଡିଜିଟାଲ ରୁପି

ଭୁବନେଶ୍ୱର,୧୪।୧୦

ଭାରତୀୟ ରିଜର୍ଭ ବ୍ୟାଙ୍କ (ଆର୍‌ବିଆଇ) ଦ୍ୱାରା ମୁମ୍ବାଇରେ ଆୟୋଜିତ ଗ୍ଲୋବାଲ ଫିନ୍‌ଟେକ୍ ଫେଷ୍ଟ ୨୦୨୫ରେ ଅଫ୍‌ଲାଇନ 'ଡିଜିଟାଲ ରୁପି(ଇ-ରୁପି)' ଲଞ୍ଚ କରାଯାଇଛି। ଉକ୍ତ ଅଫ୍‌ଲାଇନ ଡିଜିଟାଲ ରୁପିର ବିଶେଷତ୍ୱ ହେଉଛି, ଇଣ୍ଟରନେଟ୍ କିମ୍ବା ମୋବାଇଲ ନେଟ୍‌ୱର୍କ ବିନା ମଧ୍ୟ ଉପଭୋକ୍ତା ଡିଜିଟାଲ ପେମେଣ୍ଟ କରିପାରିବେ। ଏହାକୁ ଆପଣ ନଗଦ ରୁପି ପରି ଖର୍ଚ୍ଚ କରିପାରିବେ। ଏଥିପାଇଁ କେବଳ ଏକ କ୍ୟୁଆର୍ କୋଡ୍ ସ୍କାନ୍ କରିବା କିମ୍ବା ଟାପ୍ କରିବା ଆବଶ୍ୟକ। ଏହାପରେ ଉପଭୋକ୍ତାଙ୍କର ପେମେଣ୍ଟ ସଫଳତାର ସହ ସମ୍ପୂର୍ଣ୍ଣ ହେବା ସହିତ ଉପଭୋକ୍ତା ନିଜ ଟଙ୍କାକୁ ଡିଜିଟାଲ ରୂପେ ନିଜର ୱାଲେଟ୍‌ରେ ରଖିପାରିବେ। ଏହି ଆପ୍‌କୁ ଗୁଗଲ ପ୍ଲେ ଷ୍ଟୋର କିମ୍ବା ଆପଲ ପ୍ଲେ ଷ୍ଟୋରରୁ ଡାଉନ୍‌ଲୋଡ୍ କରିପାରିବେ।

# ଡ. ସାରା ଜର୍ଜଙ୍କୁ ଲାଇଫ୍‌ଟାଇମ୍ ଆଚିଭମେଣ୍ଟ ଆୱାର୍ଡ

ଭୁବନେଶ୍ୱର,୧୪।୧୦



ଶିକ୍ଷାକ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ପାଇଁ ପଲ୍ ଜର୍ଜ ଗ୍ଲୋବାଲ ସ୍କୁଲ ଏବଂ ସେଣ୍ଟ ଜର୍ଜ ସ୍କୁଲର ନିର୍ଦ୍ଦେଶିକା ଡକ୍ଟର ସାରା ଜର୍ଜଙ୍କୁ ୫ମ ଲାଇଫ୍ ଟାଇମ୍ ଆଚିଭମେଣ୍ଟ ଆୱାର୍ଡ ପ୍ରଦାନ କରାଯାଇଛି। ୧୦,୦୦୦ରୁ ଅଧିକ ସ୍କୁଲ ସହ ନେଟ୍‌ୱର୍କ ଥିବା ଭାରତର କେ୧୨ ଶିକ୍ଷା କ୍ଷେତ୍ରକୁ ରୂପାନ୍ତରିତ କରୁଥିବା ଏକ ଅଗ୍ରଣୀ ସଂଗଠନ 'ହେଲ୍ପିଂ ଗୁରୁସ୍' ପକ୍ଷରୁ ଏହି ସମ୍ମାନ ପ୍ରଦାନ କରାଯାଇଛି। ଏହି ପୁରସ୍କାର ପୂର୍ବତନ ଭାରତୀୟ କୂଟନୀତିଜ୍ଞ ତଥା ଭାରତ ଓ ଆଫ୍ରିକାରେ ବିଶେଷ ଉପଦେଷ୍ଟା ଆମ୍ବାସାଡର ଦୀପକ ବୋହରାଙ୍କ ଦ୍ୱାରା ପ୍ରଦାନ କରାଯାଇଥିଲା। ସେ ଡକ୍ଟର ଜର୍ଜଙ୍କୁ ଜଣେ ଦୂରଦୃଷ୍ଟିସମ୍ପନ୍ନ ଶିକ୍ଷାବିତ୍ ଭାବେ ଅଭିହିତ କରିଥିଲେ। ସୂଚନା ଥାଉକି, ଡ. ସାରା ଜର୍ଜ ୧୯୮୨ରୁ ଶିକ୍ଷା କ୍ଷେତ୍ରରେ କାର୍ଯ୍ୟ କରିଆସୁଛନ୍ତି। ତାଙ୍କ ନେତୃତ୍ୱରେ ସେଣ୍ଟ ଜର୍ଜ ସ୍କୁଲ ଏବଂ ପଲ୍ ଜର୍ଜ ଗ୍ଲୋବାଲ ସ୍କୁଲ ସାମଗ୍ରିକ ଶିକ୍ଷା ଓ ଚରିତ୍ର ଗଠନର ପ୍ରତୀକ ହୋଇ ଉଠିଛି। ଦଶନ୍ଧି ଧରି ସେ ୧ ଲକ୍ଷରୁ ଅଧିକ ଛାତ୍ରୀଛାତ୍ର ଏବଂ ୧ ହଜାର ଶିକ୍ଷକଙ୍କ ଜୀବନରେ ପରିବର୍ତ୍ତନ ଆଣିବାରେ ଯୋଗଦାନ ରଖିଛନ୍ତି। ଶିକ୍ଷା ବ୍ୟତୀତ ଡ. ଜର୍ଜ ମହିଳା ସଶକ୍ତୀକରଣ ଏବଂ ଅବହେଳିତ ଶିଶୁମାନଙ୍କୁ ସମର୍ଥନ କରିବା ପାଇଁ ଉଦ୍ୟମ କରିଆସିଛନ୍ତି। ପୂର୍ବରୁ ନାସାର କେନେଡି ସ୍ପେସ୍ ସେଣ୍ଟର ପକ୍ଷରୁ ମଧ୍ୟ ସେ ସମ୍ମାନିତ ହୋଇଛନ୍ତି।

# ସାଇବର ସୁରକ୍ଷା ନେଇ ସତର୍କକଲା ବିଓଆଇ

ଭୁବନେଶ୍ୱର,୧୪।୧୦

ବ୍ୟାଙ୍କ ଅଫ୍ ଇଣ୍ଡିଆ(ବିଓଆଇ)ର ଭୁବନେଶ୍ୱର ଆଞ୍ଚଳିକ କାର୍ଯ୍ୟାଳୟ ପକ୍ଷରୁ ସତର୍କତା ଓ ସାଇବର ସୁରକ୍ଷା ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ଲୋକଙ୍କୁ ସୁରକ୍ଷିତ ଆର୍ଥିକ ଅଭ୍ୟାସ ସମ୍ପର୍କରେ ଅବଗତ କରାଇବା, ଅନ୍‌ଲାଇନ ଠକେଇ ରୋକିବା ଏବଂ ବ୍ୟାଙ୍କିଙ୍ଗ୍‌ରେ ସଚ୍ଚୋଟତାକୁ ପ୍ରୋତ୍ସାହିତ କରାଯାଇଛି। ଜଗତ୍‌ସିଂହପୁର ଡେରିକି ଶାଖା ପ୍ରବନ୍ଧକ ମନୋରଞ୍ଜନ ବେହେରା, ଭୁବନେଶ୍ୱର ଆଞ୍ଚଳିକ କାର୍ଯ୍ୟାଳୟ ଅଧିକାରୀ ଦିବ୍ୟରାଜ, ଜଗତ୍‌ସିଂହପୁର ଶାଖା ପ୍ରବନ୍ଧକ ହିମାଂଶୁ ଶେଖର ପାଣିଗ୍ରାହୀ, ଭୁବନେଶ୍ୱରର ବରିମୁଣ୍ଡ ଶାଖା ପ୍ରବନ୍ଧକ ଦେବଶ୍ରୀ ବରାଇ, ଖୋର୍ଦ୍ଧାର କେନ୍ଦୁପଲ୍ଲୀ ଶାଖା ପ୍ରବନ୍ଧକ ଚିନ୍ତାମଣି ବେହେରା ଏବଂ ନୟାଗଡ଼ର ଗୋଡ଼ିପଡ଼ା ଶାଖା ପ୍ରବନ୍ଧକ ଜ୍ଞାନରଞ୍ଜନ ସାହୁ ଏବଂ ଭୁବନେଶ୍ୱର ଆଞ୍ଚଳିକ କାର୍ଯ୍ୟାଳୟର ସତର୍କତା ଅଧିକାରୀ ନିରଜ କୁମାର ପ୍ରସାଦ ପ୍ରମୁଖ ଉପସ୍ଥିତ ଥିଲେ। କର୍ମଚାରୀ ଏବଂ ଅଧିକାରୀମାନେ 'ସତର୍କ ଭାରତ, ସମୃଦ୍ଧ ଭାରତ' ବାର୍ତ୍ତାକୁ ପ୍ରଚାର କରିଥିଲେ।

# ରାଜ ଇଲେକ୍ଟ୍ରୋନିକ୍ସର ଧନତେରସ, ଦିପାବଳୀ ସେଲ୍

ଭୁବନେଶ୍ୱର,୧୪।୧୦

RAJ ELECTRONICS
ଦୀର୍ଘବର୍ଷ ଧରି ସମଗ୍ର ଓଡିଶାବାସୀଙ୍କ ପରିଚିତ

ଚଳିତ ପାର୍ବଣ ଋତୁରେ ରାଜ ଇଲେକ୍ଟ୍ରୋନିକ୍ସରେ ଧନତେରସ ଏବଂ ଦିପାବଳୀ ସେଲ୍ ଆରମ୍ଭ ହୋଇଛି। ଗ୍ରାହକ ନୂତନ ଜିଏସଟି ହାର ଓ ସହଜ କିସ୍ତିରେ ପ୍ରଡକ୍ଟ ନେଇପାରିବେ। ଏହାସହିତ ୪୭% ପର୍ଯ୍ୟନ୍ତ ଡିସକାଉଣ୍ଟ, ୩୦ ହଜାର ଟଙ୍କା ପର୍ଯ୍ୟନ୍ତ କ୍ୟାସବ୍ୟାକ ଅଫର, ବିଭିନ୍ନ ପ୍ରଡକ୍ଟ ସହିତ ୨ କିମ୍ବା ୩ ବର୍ଷର ୱାରେଣ୍ଟି ଏବଂ ଫାଇନାନ୍ସ କମ୍ପାନୀ ପକ୍ଷରୁ ୨୫୦୦ ରୁ ୩୫୦୦ ଟଙ୍କା ପର୍ଯ୍ୟନ୍ତ କ୍ୟାସବ୍ୟାକ ଅଫର ସହିତ ୧ ରୁ ୨ ଇଏମଆଇ ଫ୍ରି ଆଦି ଅଫର ରହିଛି। ଏହାସହ ସମସ୍ତ ବ୍ରାଣ୍ଡେଡ କମ୍ପାନୀମାନଙ୍କର ବିଭିନ୍ନ ବର୍ଗର ପ୍ରଡକ୍ଟରେ ଭରପୂର ଶୋ'ରୁମ ରୁ ଗ୍ରାହକମାନେ ଏହି ଅଫର ମାଧ୍ୟମରେ କିଣିବାର ସୁଯୋଗ ପାଇବେ। ନଗଦ ଭାବେ ନଦେଇ ସବୁଠୁ କମ ଡାଉନପେମେଣ୍ଟରେ ୦% ସୁଧ ଓ ସହଜ କିସ୍ତିରେ ଗ୍ରାହକମାନେ ପ୍ରଡକ୍ଟ କିଣିବାର ଲାଭ ନେଇପାରିବେ। ଦିପାବଳୀ ପର୍ଯ୍ୟନ୍ତ ଏହି ଅଫର୍ ବୈଧ ରହିବ। ଏଲଇଡି ଟିଭି ମାନଙ୍କରେ ଅଫର ନ ରହିବା ଯୋଗୁଁ ଏହାର ମୂଲ୍ୟ ବୃଦ୍ଧି ପାଇବାର ସମ୍ଭାବନା ଅଛି । ଏସି ଏକ ଦୀର୍ଘସ୍ଥାୟୀ ଉପଭୋକ୍ତା ସାମଗ୍ରୀ ହୋଇଥିବାରୁ ଜଣେ ଗ୍ରାହକ ଏହାକୁ ବର୍ଷେ କିମ୍ବା ଦୁଇବର୍ଷ ପାଇଁ କିଣି ନଥାନ୍ତି, ୮ରୁ ୧୦ ବର୍ଷର ଆବଶ୍ୟକତା ପୂରଣ ପାଇଁ କ୍ରୟ କରିଥାନ୍ତି। ତେଣୁ ଆସନ୍ତା ଖରାଦିନରେ ମୂଲ୍ୟବୃଦ୍ଧି ପାଇବା ପୂର୍ବରୁ ଗ୍ରାହକମାନେ ବର୍ତ୍ତମାନର ପୂଜା ଅଫର ମୂଲ୍ୟରେ ଏସି କିଣି ମାଗଣା ଇନଷ୍ଟଲେସନ ଅଫର୍‌ରେ ଘରେ ଲଗାଇବା ଯୁକ୍ତିଯୁକ୍ତ ବୋଲି ରାଜ ଇଲେକ୍ଟ୍ରୋନିକ୍ସର ସ୍ୱତ୍ତ୍ୱାଧିକାରୀ ପ୍ରକାଶ କୁମାର ବିଶ୍ୱାଳ କହିଛନ୍ତି।


ଡେରାବିଶ ଛତାହାଟ ଛକ ଗଜଲକ୍ଷ୍ମୀ


ଚାନ୍ଦୋଳ ଷଣ୍ଢ ବଜାର


ଲକ୍ଷ୍ମୀନାରାୟଣ, ବଡ଼ବଜାର ଚାନ୍ଦୋଳ।

## କେନ୍ଦ୍ରାପଡ଼ା ଗଣପର୍ବ ଗଜଲକ୍ଷ୍ମୀ ପୂଜା

# ମା' ନେଲେ ମେଲାଣି

**କେନ୍ଦ୍ରାପଡ଼ା, ୧୪।୧୦ (ଜଗନ୍ନାଥ ଧଳ)**

କେନ୍ଦ୍ରାପଡ଼ା ଜିଲାର ଗଣପର୍ବ ମା' ଗଜଲକ୍ଷ୍ମୀ ପୂଜା ଶେଷ ପର୍ଯ୍ୟାୟରେ ପହଞ୍ଚିଛି। ସହରର ପୁରୁଣା ବସ୍‌ଷ୍ଟାଣ୍ଡରେ ଅନୁଷ୍ଠିତ ମେଳଣ ପର୍ବ ମଙ୍ଗଳବାର ଶେଷ ହୋଇଛି। ମା' ଧନଦାତ୍ରୀଙ୍କ ନିକଟରେ ଭୋଗଲାଗି ପରେ ଭସାଣି ଯାତ୍ରା ଆରମ୍ଭ ହୋଇଛି। ସୋମବାର ପୂର୍ବାହ୍ନରୁ ଏଠାରେ ମେଳଣ ପର୍ବ ଆରମ୍ଭ ହୋଇଥିଲା। ନୂଆ ବସ୍‌ଷ୍ଟାଣ୍ଡର ଗଜଲକ୍ଷ୍ମୀ ଥାନପତି ଭାବେ ସୋମବାର ପୂର୍ବାହ୍ନ ୧୦ଟାରେ ଆସ୍ଥାନରେ ଆସୀନ ହୋଇଥିଲେ। ଅପରାହ୍ନ ପରଠାରୁ ଅନ୍ୟ ମେଢ଼ ସବୁ ମେଳଣ ପଡ଼ିଆକୁ ପ୍ରବେଶ କରିଥିଲେ। ତେବେ ଜିଲା ପ୍ରଶାସନର ନିଷ୍ପତ୍ତି ଅନୁଯାୟୀ ମଙ୍ଗଳବାର ସକାଳ ୭ଟାରେ ଭୋଗଲାଗି ସମୟ ମଧ୍ୟରେ କେତୋଟି ମେଢ଼ ମଣ୍ଡପରେ ପହଞ୍ଚି ପାରି ନ ଥିଲେ। ଏପରି କି ମେଳଣ ଭୋଗଲାଗି ପୂର୍ବାହ୍ନର ନିର୍ଦ୍ଦିଷ୍ଟ ସମୟ ଧାର୍ଯ୍ୟ ହୋଇଥିଲେ ମଧ୍ୟ ମେଳଣ ପଡ଼ିଆକୁ ୧୦ରୁ ଉର୍ଦ୍ଧ୍ୱ ମେଢ଼ ପ୍ରବେଶ କରି ନ ଥିଲେ। ଅପରାହ୍ନ ୨ଟାରେ ଭୋଗଲାଗି


ଗୋବରୀ ନଦୀରେ ମା' ଗଜଲକ୍ଷ୍ମୀଙ୍କୁ ବିସର୍ଜନ କରାଯାଉଛି।

ପରେ ଥାନପତି ନୂଆ ବସ୍‌ଷ୍ଟାଣ୍ଡ ଗଜଲକ୍ଷ୍ମୀ ମେଳଣ ଆସ୍ଥାନ ଛାଡିଥିଲେ। ସମୂହ ଭୋଗଲାଗିରେ ସମସ୍ତ ମେଢ଼ ନ ଥିବାରୁ ଶ୍ରଦ୍ଧାଳୁଙ୍କ ଅସନ୍ତୋଷ ବଢ଼ିଥିଲା। ଏପରିକି ପ୍ରଶାସନିକ ଅବହେଳା ଏଥିପାଇଁ ଦାୟୀ ବୋଲି କେତେଗୋଟି ମେଢ଼ କମିଟି କର୍ମକର୍ତ୍ତା ଓ ଶ୍ରଦ୍ଧାଳୁ ମତ ଦେଇଛନ୍ତି। ଅପରପକ୍ଷରେ ଚାନ୍ଦି ମେଢ଼ ଓ ସୁନା ଅଳଙ୍କାରରେ ଭୂଷିତା ମା' ଗଜଲକ୍ଷ୍ମୀ ଶ୍ରଦ୍ଧାଳୁଙ୍କ ଆକର୍ଷଣର କେନ୍ଦ୍ରବିନ୍ଦୁ ଥିଲା। ଚଳିତବର୍ଷ ସହର ମଧ୍ୟରେ ୬୮ଟି ପୂଜାମଣ୍ଡପରେ ମା' ଧନଦାତ୍ରୀ ଓ ଦେବଦେବୀ ବିରାଜିତ ହୋଇଥିଲେ। ୩୦ରୁ ଉର୍ଦ୍ଧ୍ୱ ପୂଜାମଣ୍ଡପରେ ମା' ଗଜଲକ୍ଷ୍ମୀ ଚାନ୍ଦି ଓ ସୁନା ଅଳଙ୍କାରରେ ଭୂଷିତ ହୋଇଥିବା ଦେଖିବାକୁ ମିଳିଥିଲା। ଭସାଣି ଶୋଭାଯାତ୍ରାରେ ଲୋକକଳା, ଲୋକନୃତ୍ୟ, ଘଣ୍ଟ ବାଦନ, ଡିଜେ ଆଦି ସାମିଲ ହୋଇଥିଲା। ସେହିପରି ଆକର୍ଷଣୀୟ ସାଜସଜ୍ଜାରେ ବ୍ୟବସାୟ ଅନୁଷ୍ଠାନଗୁଡିକ ଯାତ୍ରୀଙ୍କ ଭିଡ଼ ଦେଖିବାକୁ ମିଳିଥିଲା। ଫାଷ୍ଟଫୁଡ, ଆଇସକ୍ରିମ, ଖେଳଣା ସହିତ ଘରକରଣା ସାମଗ୍ରୀ ଦୋକାନରେ ଭିଡ ଜମିଥିଲା। ସର୍ବାଧିକ ଯୁବବର୍ଗ ଯାତ୍ରୀଙ୍କୁ ଟାଟୁ ଦୋକାନରେ ଦେଖିବାକୁ ମିଳିଥିଲା। ଚଳିତବର୍ଷ ସହର ମଧ୍ୟରେ ଅନୁଷ୍ଠିତ ଏହି ମେଳଣ ପର୍ବରେ ଲକ୍ଷାଧିକ ଶ୍ରଦ୍ଧାଳୁ ସାମିଲ ହୋଇଥିଲେ। ଜିଲା ପୋଲିସ ଆଇନଶୃଙ୍ଖଳା ପରିସ୍ଥିତି ନିୟନ୍ତ୍ରଣ କରିଥିବା ବେଳେ ଜିଲା ପ୍ରଶାସନିକ ଅଧିକାରୀଙ୍କ ଅନୁପସ୍ଥିତି ସାଧାରଣରେ ଉଦ୍‌ବେଗ ସୃଷ୍ଟି କରିଥିଲା।


ମେଳଣ ପଡ଼ିଆରେ ସାମିଲ ହୋଇଥିବା ମେଢ ଦେଖିବାକୁ ଶ୍ରଦ୍ଧାଳୁଙ୍କ ଭିଡ।


ଭସାଣ ଉତ୍ସବରେ ଠାକୁରଙ୍କ ଆଗରେ ବିଭିନ୍ନ ବେଶଧାରୀ କଳା ପ୍ରଦର୍ଶନ କରୁଛନ୍ତି।


ଭସାଣି ଉତ୍ସବରେ ମା' ଗଜଲକ୍ଷ୍ମୀଙ୍କ ସମ୍ମୁଖରେ ଦୁଇ ବୃଦ୍ଧଙ୍କ ବାଡିଖେଳକୁ ଲୋକେ ଉପଭୋଗ କରୁଛନ୍ତି।


ଯୁବତୀ, ମହିଳାମାନେ ଇମିଟେସନ ସାମଗ୍ରୀ କିଣିବାକୁ ଗହଳି ଲଗାଇଛନ୍ତି।

## ସେଲ୍ଫି କର୍ନର ଧରିତ୍ରୀ

ଆମକୁ ପଠାନ୍ତୁ ଆପଣଙ୍କ ସେଲ୍ଫି

metroselfie@gmail.com


@ ଅବିନାଶ


@ ବିଷ୍ଣୁ


@ ପ୍ରମୋଦ


@ ଅବିନାଶ ନାୟକ

ସେଲ୍ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ। ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।

## ହୋଟେଲ ବନ୍ଦ କୋଠରିରୁ ଯୁବକଙ୍କ ମୃତଦେହ ଜବତ

**ପାରାଦୀପ,୧୪।୧୦ (ଶରତ ରାଉତ)**

ପାରାଦୀପ ଆଦର୍ଶଥାନା ଅନ୍ତର୍ଗତ ବ୍ୟାଙ୍କ ଲେନରେ ଥିବା ଏକ ହୋଟେଲ କୋଠରୀରୁ ମଙ୍ଗଳବାର ସନ୍ଧ୍ୟାରେ ଜଣେ ଯୁବକଙ୍କ ମୃତଦେହ ପୋଲିସ ଜବତ କରିଛି। ସେ ହେଲେ କେନ୍ଦ୍ରାପଡା ଜିଲା ମହାକାଳପଡ଼ା ଥାନା ଅନ୍ତର୍ଗତ ତେନ୍ତୁଳିକନ୍ଧା ଗ୍ରାମର ପ୍ରଶାନ୍ତ ରାଉତ (୨୫)। ସେ ଏକ ଠିକା ସଂସ୍ଥାରେ ସେ କାମ କରୁଥିଲେ। ମଙ୍ଗଳବାର ପୂର୍ବାହ୍ନରେ ସେ ହୋଟେଲ୍ ରୁମ ନେଇ ଭିତରକୁ ଯାଇଥିଲେ। ଏହାପରଠୁ କୋଠରୀ କବାଟ ବନ୍ଦ ରହିଥିଲା। ଅପରାହ୍ନ ସୁଦ୍ଧା କୌଣସି ପ୍ରତିକ୍ରିୟା ନ ମିଳିବାରୁ ହୋଟେଲ ପକ୍ଷରୁ ଥାନାକୁ ସୂଚନା ଦିଆଯାଇଥିଲା। ପୋଲିସ ଓ ସାଇଣ୍ଟିଫିକ ଟିମ ଆସି କବାଟ ଭାଙ୍ଗି ଦେଖିବା ବେଳକୁ ପ୍ରଶାନ୍ତ ପଙ୍ଖାରେ ଝୁଲୁଥିବା ଜଣାପଡ଼ିଥିଲା। ଏହାପରେ ପୋଲିସ ମୃତଦେହ ଜବତ କରି ପରିବାର ଲୋକଙ୍କୁ ସୂଚନା ଦେଇଛି। ଏନେଇ ତଦନ୍ତ ଜାରି ରହିଛି ବୋଲି ପୋଲିସ କହିଛି। ତେବେ ରିପୋର୍ଟ ଲେଖା ହେବା ସୁଦ୍ଧା ଥାନାରେ କୌଣସି ମାମଲା ରୁଜୁ ହୋଇ ନଥିଲା।

# ତାନ୍ତ୍ରିକ ମନ୍ତ୍ରରେ ପୂଜା ପାଉଛନ୍ତି ଗରୁଡ଼କାଳୀ



**ଯାଜପୁର ଟାଉନ,୧୪।୧୦ (ପ୍ରଯକ୍ତା ପ୍ରିୟଦର୍ଶିନୀ ମହାନ୍ତି):**

ଯାଜପୁରର ସର୍ବପୁରାତନ କାଳୀ ପୀଠ ଗରୁଡ଼କାଳୀ ମରହଟ୍ଟା ଯୁଗ ୧୭୫୦-୫୧ ମସିହାରୁ ତାନ୍ତ୍ରିକ ମନ୍ତ୍ରରେ ପୂଜା ପାଇ ଆସୁଛନ୍ତି। ଅଷ୍ଟାଦଶ ଶତାବ୍ଦୀରେ ଭାରତରେ କେତେଜଣ ତନ୍ତ୍ର ପୀଠ ସୃଷ୍ଟି କରାଯାଇଥିଲା। ତନ୍ମଧ୍ୟରୁ ଯାଜପୁରର ଇଷ୍ଟ ଦେବୀ କାଳୀ ତନ୍ତ୍ର ପୂଜାରେ ପୂଜିତ ହୋଇ ଆସୁଥିଲେ। ସେତେବେଳର ଜମିଦାର ବଡ଼ପଣ୍ଡା ମାଳ ଚୌଧୁରୀ ଆଦ୍ୟ କାଳୀଙ୍କୁ ପୂଜା କରି ଆସୁଥିଲେ। ମାତ୍ର

### ଯାଜପୁର ସହରରେ କାଳୀପୂଜା


ଭବପ୍ରସାଦ ଦାସ,ସଭାପତି, ଗରୁଡ଼ କାଳୀପୂଜା କମିଟି

ତତ୍କାଳୀନ ଜଣେ ରାଜାଙ୍କ ଦ୍ୱାରା ନିର୍ଯାତିତ ହୋଇ ଜମିଦାର ଜଣକ ଯାଜପୁର ଛାଡ଼ି ରାଜାଙ୍କ ଭୟରେ ସେଠାରୁ ପଳାଇ ଯାଇଥିବାବେଳେ ପୂଜା କରୁଥିବା ଯନ୍ତ୍ରକୁ ନେଇ ମାଳ ଅଞ୍ଚଳରେ ଏକ ମନ୍ଦିର ନିର୍ମାଣ କରିଥିଲେ। ସେହିଦିନଠାରୁ ଏହି ସ୍ଥାନକୁ ମାଳଆନନ୍ଦପୁର ବୋଲି କୁହାଯାଉଛି, ଯାହାକି ଯାଜପୁର ସହରର ଅନତି ଦୂରରେ ଅବସ୍ଥିତ। ବର୍ତ୍ତମାନ ଯେଉଁଠାରେ ଗରୁଡ଼କାଳୀ ପୂଜା ପାଇ ଆସୁଛନ୍ତି ସେଠାରେ ରାଜାଙ୍କ ରାଜ ପ୍ରସାଦ ଥିବାରୁ ତାକୁ ଉଆଁସିଡିହ ବୋଲି କୁହାଯାଏ। ତେବେ ମରହଟ୍ଟା ଯୁଗରୁ ପ୍ରଥମେ ଯାଜପୁର ପୌରପାଳିକା ଅନ୍ତର୍ଗତ ମାଧପୁର ଗ୍ରାମରେ ଗରୁଡ଼ କାଳୀ ପୂଜା ପାଇ ଆସୁଛନ୍ତି ବୋଲି ପଣ୍ଡିତ ଜ୍ଞାନରଞ୍ଜନ ପତି ମତ ପ୍ରକାଶ କରିଛନ୍ତି। ଜମିଦାରଙ୍କ ସେଠାରୁ ପଳାୟନ ପରେ ସ୍ଥାନୀୟ ଜମିଦାର ସାଧୁଚରଣ ଦାସଙ୍କ ପରିବାରର ନେତୃତ୍ୱ ଓ ସ୍ଥାନୀୟ ଜନସାଧାରଣଙ୍କ ସହଯୋଗରେ ଗରୁଡ଼କାଳୀଙ୍କର ପୂଜାର୍ଚ୍ଚନା ଚାଲି ଆସୁଛି। ପ୍ରତ୍ୟେକ ବର୍ଷ ସ୍ଥାନୀୟ ବାସିନ୍ଦାଙ୍କ ସହଯୋଗରେ ବହୁ ଆଡ଼ମ୍ବରରେ ତାନ୍ତ୍ରିକ ମନ୍ତ୍ରରେ ଏଠାରେ କାଳୀ ପୂଜା ଅନୁଷ୍ଠିତ ହୋଇଥାଏ। ଦୁଇ ବର୍ଷ ହେବ ଗରୁଡ଼ କାଳୀ ସମ୍ପୂର୍ଣ୍ଣ ଚାନ୍ଦି ମେଢ଼ରେ ସଜ୍ଜିତ ହେଉଛନ୍ତି। ଏଠାରେ ଯାଜପୁର ସହରର ବହୁ ଲୋକ ମାନସିକ ରଖୁଥିବା ବେଳେ ବଳି ମଧ୍ୟ ଦିଆଯାଇଥାଏ। ମା'ଙ୍କ ପୂଜା ରୀତିନୀତି ଅନୁସାରେ ହେବା ସହିତ ସମୂହ ପ୍ରସାଦ ସେବନ କରାଯାଇଥାଏ। ଏଠାରେ ସୁସଜ୍ଜିତ ତୋରଣକୁ ଦେଖିବା ପାଇଁ ହଜାର ହଜାର ସଂଖ୍ୟକ ଶ୍ରଦ୍ଧାଳୁ ଭିଡ଼ ଜମାଇଥାନ୍ତି। ମାତ୍ର କୌଣସି ସାଂସ୍କୃତିକ କାର୍ଯ୍ୟକ୍ରମ କରାଯାଇ ନ ଥାଏ। ଏହି ପୂଜାର ଆନୁମାନିକ ଖର୍ଚ୍ଚ ସାଜସଜ୍ଜାକୁ ନେଇ ୭୦ ରୁ ୮୦ ଲକ୍ଷ ପର୍ଯ୍ୟନ୍ତ କରାଯାଏ ବୋଲି ସଭାପତି ଭବପ୍ରସାଦ ଦାସ ସୂଚନା ଦେଇଛନ୍ତି।



# ରାଶନ କାର୍ଡରୁ କଟୁନି ମୃତକଙ୍କ ନାଁ

■୬୬୧ ମୃତକ ପାଉଛନ୍ତି ସାମଗ୍ରୀ
■ବିବାହ ପରେ ବି ବାଦ୍ ପଡୁନି ଝିଅଙ୍କ ନାଁ
■ସନ୍ଦେହରେ ପିଇଓ, ସରପଞ୍ଚଙ୍କ କାର୍ଯ୍ୟକଳାପ
■ସାମାଜିକ ସମୀକ୍ଷା ବଖାଣୁଛି କେଳେଙ୍କାରି

ନୟାଗଡ,୧୪।୧୦(ଲୋକନାଥ ମିଶ୍ର)

ମହାତ୍ମା ଗାନ୍ଧୀ ଜାତୀୟ ଗ୍ରାମୀଣ ନିଶ୍ଚିତ କର୍ମ ନିଯୁକ୍ତି ଯୋଜନା(ଏମ୍‌ଜିଏନ୍‌ଆର୍‌ଇଜିଏସ୍) ଓ ଜାତୀୟ ଖାଦ୍ୟ ସୁରକ୍ଷା ଆଇନ ଉପରେ ବ୍ଲକସ୍ତରୀୟ ଜନଶୁଣାଣି ବେଳେ ନୟାଗଡ ଜିଲାର ୫ ବ୍ଲକର ୬୬୧ ମୃତକ ରାଶନ ସାମଗ୍ରୀ ପାଉଥିବା ପ୍ରମାଣ ମିଳିଛି। ୬ ବର୍ଷ ହେଲା ରାଶନ ସାମଗ୍ରୀ କେଳେଙ୍କାରି ଚାଲିଥିଲେ ମଧ୍ୟ ମୃତକଙ୍କୁ ବାଦ୍ ଦିଆ ନ ଯିବା ସରପଞ୍ଚ ଓ ପଞ୍ଚାୟତ ନିର୍ବାହୀ ଅଧିକାରୀ(ପିଇଓ)ଙ୍କ ଭୂମିକା ଉପରେ ପ୍ରଶ୍ନବାଚୀ ସୃଷ୍ଟି କରୁଛି। ସେହିପରି ବ୍ଲକ ଯୋଗାଣ ଅଧିକାରୀଙ୍କ ଭୂମିକା ମଧ୍ୟ ସନ୍ଦେହ ଘେରକୁ ଆସୁଛି। ଖାଦ୍ୟସୁରକ୍ଷା ଯୋଜନାରେ ମୃତ ଓ ବିବାହିତ ମହିଳାଙ୍କୁ ତାଲିକାରୁ ବାଦ୍‌ଦେବା ନିୟମ ଥିବାବେଳେ ନାଁ କଟୁନଥିବାରୁ ବହୁ ଲୋକ ଯୋଜନାରେ ସାମିଲ ହୋଇପାରୁ ନାହାନ୍ତି।

ନୟାଗଡ ବ୍ଲକରେ ୧୯୩, ଭାପୁରରେ ୫୯, ଦଶପଲ୍ଲାରେ ୫୧, ଗଣିଆରେ ୩, ଖଣ୍ଡପଡାରେ ୨୫୧ ଓ ନୂଆଗାଁ ବ୍ଲକରେ ୧୦୪ ଏପରି ମୋଟରେ ୬୬୧ ମୃତକଙ୍କ ନାଁରେ ରାଶନ କାର୍ଡ ରହିଛି । ଅପରପକ୍ଷେ ଝିଅ ବିବାହ ହୋଇ ଶାଶୁ ଘରକୁ ଯିବା ପରେ ବି କାର୍ଡରେ ବାପ ଘରେ ଝିଅ ନାଁ ରହୁଛି । ଝିଅ ନାଁ ରାଶନ କାର୍ଡରୁ କଟୁ ନ ଥିଲେ ହେଁ ଏଥିପ୍ରତି ପଦକ୍ଷେପ ନିଆଯାଉ ନାହିଁ ।

ହରିଶ୍ଚନ୍ଦ୍ର ଯୋଜନା ନେଲା ପରେବି ଚିହ୍ନଟ ହୋଇ ପାରୁନି

ମୃତଦେହ ସଂସ୍କାର ପାଇଁ ହରିଶ୍ଚନ୍ଦ୍ର ଯୋଜନା ରହିଛି। ଏଥିରେ ସରକାରୀ ସହାୟତା ପାଇ ସାରିଥିଲେ ବି ପ୍ରଶାସନ ମୃତ ଲୋକଙ୍କୁ ଚିହ୍ନି ପାରୁନାହିଁ। ସେହିପରି ସ୍ୱାମୀଙ୍କ ମୃତ୍ୟୁପରେ ସ୍ତ୍ରୀ ବିଧବା ଭତ୍ତା ପାଉଛନ୍ତି। ତଥାପି ମୃତକମାନଙ୍କୁ ଚିହ୍ନଟ କରି ଖାଦ୍ୟ ସୁରକ୍ଷା ଯୋଜନାରୁ ବାଦ୍ ଦିଆଯାଇ ପାରୁନି। ଗତ କିଛି ମାସ ତଳେ ଜିଲା ପରିଷଦ ବୈଠକରେ ମୃତ ଲୋକ ଓ ଝିଅ ବିଭା ହୋଇ ଚାଲି ଯିବା ପରେ ରାଶନ ସାମଗ୍ରୀ ଉଠୁଥିବା ନେଇ ସରଗରମ ଆଲୋଚନା ହୋଇଥିଲା।

ଏ ଦିଗରେ ପଦକ୍ଷେପ ନେବାକୁ ଜିଲା ଯୋଗାଣ ବିଭାଗକୁ ତାଗିଦା କରାଯାଇଥିଲା, ତଥାପି ପଦକ୍ଷେପ ଶୂନ୍। ଏନେଇ ଜିଲା ଯୋଗାଣ ଅଧିକାରୀ ସିଏଚ ମୂରଲୀ କ୍ରିଷ୍ଣା କୁହନ୍ତି, ଗତ ଏପ୍ରିଲ ମାସରେ ୧୨ ହଜାର ୫୦୦ ହିତାଧିକାରୀଙ୍କୁ ବାଦ୍ ଦିଆଯାଇଛି। ବାଦ୍ ପଡିଥିବା ହିତାଧିକାରୀଙ୍କର ମୃତ୍ୟୁ ହୋଇଥିବାରୁ ବାଦ୍ ଦିଆଯାଇଛି। ଅନ୍ୟପକ୍ଷେ ଯେଉଁମାନେ ରହିଥିବା କୁହାଯାଉଛି ସେନେଇ ଆବଶ୍ୟକ କାଗଜାତ ଆବେଦନ ହେଉନି। ହରିଶ୍ଚନ୍ଦ୍ର ଯୋଜନାରେ ଯେଉଁମାନେ ସହାୟତା ନେଉଛନ୍ତି ସେମାନଙ୍କର ଆଧାରକାର୍ଡ ଉପଲବ୍ଧ ହେଉନି। ଏଣୁ ରାଶନ କାର୍ଡରୁ ନାଁ କାଟିବାରେ ଅସୁବିଧା ହେଉଛି। ମୃତକମାନଙ୍କ ସମ୍ପର୍କରେ ଜାଣିବା ପାଇଁ ବିଡିଓ ଏବଂ ବ୍ଲକ ଯୋଗାଣ ଅଧିକାରୀଙ୍କୁ ଚିଠି କରାଯିବ। ତଥ୍ୟ ମିଳିବା ପରେ ମୃତକଙ୍କ ନାଁ ବାଦ୍ ଦିଆଯିବ। ମୃତକଙ୍କ ସମ୍ପର୍କରେ ପରିବାର ସଦସ୍ୟଙ୍କ ସହଯୋଗ ରହିଲେ ସୁବିଧାରେ ନାଁ ବାଦ୍ ପଡି ପାରନ୍ତା। ତେବେ ଏନେଇ ସହଯୋଗ ମିଳୁନି ବୋଲି କହିଛନ୍ତି। ଜିଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ଲଗ୍ନଜିତ ରାଉତ କୁହନ୍ତି, ସାମାଜିକ ସମୀକ୍ଷା ସମୟରେ ମୃତକଙ୍କ ନାଁରେ ୨୦୧୯ରୁ ରାଶନ ସାମଗ୍ରୀ ଉଠୁଥିବା ଜଣାପଡିଛି। ଯାହା ଉଦ୍‌ବେଗର କାରଣ ବୋଲି କହିଛନ୍ତି । ତେବେ ତୁରନ୍ତ ସମ୍ପୃକ୍ତ ନାଁ ଗୁଡିକ କାଟିବା ପାଇଁ ପିଇଓ ଓ ସରପଞ୍ଚଙ୍କୁ କୁହାଯାଇଛି ବୋଲି ସେ କହିଛନ୍ତି ।

ସେଲ୍‌ଫି କର୍ନର ଧରିତ୍ରୀ DHARITRI
ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି
metroselfie@gmail.com



@ ଅବିନାଶ



@ ବିଷ୍ଣୁ



@ ପ୍ରମୋଦ



@ ଅବିନାଶ ନାୟକ

ସେଲ୍‌ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ । ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।

# ପୋଷଣଯୁକ୍ତ ଘରୋଇ ପ୍ରସ୍ତୁତ ଖାଦ୍ୟପସରା ପ୍ରଦର୍ଶିତ




ପ୍ରଦର୍ଶନ କରାଯାଇଥିବା ଖାଦ୍ୟପସରା।

## ରାଷ୍ଟ୍ରୀୟ ପୋଷଣ ମାସ ପାଳିତ

ଓଡ଼ଗାଁ, ୧୪।୧୦
(ଆଦର୍ଶ କୁମାର ପଟ୍ଟନାୟକ)

ନୟାଗଡ଼ ଜିଲା ଓଡ଼ଗାଁ ସମନ୍ୱିତ ଶିଶୁ ବିକାଶ କାର୍ଯ୍ୟାଳୟ ତରଫରୁ ବ୍ଲକ ପରିସରରେ ଥିବା ମିଶନ ଶକ୍ତି ଗୃହରେ ମଙ୍ଗଳବାର ରାଷ୍ଟ୍ରୀୟ ପୋଷଣ ମାସ ୨୦୨୫ ପାଳିତ ହୋଇଯାଇଛି। ସେପ୍ଟେମ୍ବର ୧୬ରୁ ଆରମ୍ଭ ହୋଇ ଅକ୍ଟୋବର ୧୭ ପର୍ଯ୍ୟନ୍ତ ପୋଷଣ ମାସ ପାଳିତ ହୋଇଥାଏ। ଗୋଟିଏ ପାର୍ଶ୍ୱରେ ଅଙ୍ଗନୱାଡ଼ି ୱାର୍କର୍ସଙ୍କ ଦ୍ୱାରା ଘରୋଇ ଭାବେ ପୋଷଣଯୁକ୍ତ ପ୍ରସ୍ତୁତ ଖାଦ୍ୟ ପସରା ପ୍ରଦର୍ଶିତ ହୋଇଥିଲା। ଅନ୍ୟପକ୍ଷରେ ଏହି ବିଷୟକୁ କେନ୍ଦ୍ରକରି ୧୦ ରୁ ୧୯ ବର୍ଷ ବୟସର କିଶୋରୀ ବାଳିକାଙ୍କ ମଧ୍ୟରେ ସାଧାରଣ ଜ୍ଞାନ, ଚିତ୍ରାଙ୍କନ, ରଚନା ଓ ବକ୍ତୃତା ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। କମ୍ ଓଜନର ମା' ଏବଂ ଶିଶୁର ଯତ୍ନ,ଜଙ୍କ ଫୁଡ ଅର୍ଥାତ୍ ବାହାର ଖାଦ୍ୟ ନ ଖାଇ ଘରେ ପ୍ରସ୍ତୁତ ସ୍ୱାଦିଷ୍ଟ ଖାଦ୍ୟ ଖାଇଲେ ଗର୍ଭବତୀ, ପ୍ରସୂତି, କିଶୋରୀ ବାଳିକାମାନଙ୍କର ସ୍ୱାସ୍ଥ୍ୟ ଭଲ ରହିବ ବୋଲି ବ୍ଲକ ସମନ୍ୱିତ ଶିଶୁ ବିକାଶ ଅଧିକାରୀ ଲହଡ଼ିମାଳା ପ୍ରଧାନ ଏବଂ ସାମାଜିକ ଶିକ୍ଷା ଅଧିକାରୀ ରାଜସ୍ୱିନୀ ପ୍ରଧାନ ପରାମର୍ଶ ଦେଇଥିଲେ। ବିଭିନ୍ନ ପ୍ରତିଯୋଗିତାରେ ପ୍ରଥମ, ଦ୍ୱିତୀୟ ଓ ତୃତୀୟ ସ୍ଥାନ ଅଧିକାର କରିଥିବା ପ୍ରତିଯୋଗୀଙ୍କୁ ପୁରସ୍କାର ବଣ୍ଟନ କରିଥିଲେ।

# ଚାନ୍ଦପୁର ସରପଞ୍ଚଙ୍କ ବିରୋଧରେ ଅନାସ୍ଥା

## ୧୮ରୁ ୧୭ ୱାର୍ଡମେମ୍ବର ଉପଜିଲାପାଳଙ୍କୁ ହେଲେ ଫେରାଦ

ନୟାଗଡ/ରଣପୁର,୧୪।୧୦
(ଲୋକନାଥ ମିଶ୍ର/ ସୁକାନ୍ତ କିଶୋର ଡାକୁଆ)

ନୟାଗଡ ଜିଲା ରଣପୁର ବ୍ଲକ ଚାନ୍ଦପୁର ସରପଞ୍ଚ ରଞ୍ଜିତା ସେନାପତିଙ୍କ ବିରୋଧରେ ଅନାସ୍ଥାପ୍ରସ୍ତାବ ଆଗତ ହୋଇଛି । ପଞ୍ଚାୟତର ୧୮ ୱାର୍ଡମେମ୍ବର ମଧ୍ୟରୁ ୧୭ ୱାର୍ଡମେ୍ବର, ନାଏବ ସରପଞ୍ଚ ବିଜୟ କୁମାର ନାୟକଙ୍କ ନେତୃତ୍ୱରେ ଉପଜିଲାପାଳ, ଜିଲା ପଞ୍ଚାୟତ ଅଧିକାରୀ, ରଣପୁର ବିଡିଓଙ୍କୁ ଗତ ୧୩ ତାରିଖରେ ଫେରାଦ୍ ହୋଇ ଅନାସ୍ଥା ପ୍ରସ୍ତାବ ଆବେଦନକୁ ଗ୍ରହଣ କରିବାକୁ ଅନୁରୋଧ କରିଛନ୍ତି ।

ଏଥିରେ ୨ ନଂ.ୱାର୍ଡମେମ୍ବର ବାଉରୀବନ୍ଧୁ ସାହୁ, ୩ ନଂ. ୱାର୍ଡମେମ୍ବର ରେବତୀ ବେହେରା, ୪ ନଂ. ୱାର୍ଡମେମ୍ବର ମାଧବ ନାୟକ, ୫ ନଂ. ୱାର୍ଡମେମ୍ବର ମାନିନି ପୃଷ୍ଟି, ୬ ନଂ. ୱାର୍ଡମେମ୍ବର ପ୍ରସନ୍ନ କୁମାର ଭୂୟାଁ, ୭ ନଂ. ୱାର୍ଡମେମ୍ବର ପ୍ରିୟା ମଲ୍ଲିକ, ୮ ନଂ. ୱାର୍ଡମେମ୍ବର ବସନ୍ତ ବେହେରା, ୯ ନଂ. ୱାର୍ଡମେମ୍ବର ପ୍ରମୋଦ କୁମାର ଦାସ, ୧୦ ନଂ. ୱାର୍ଡମେମ୍ବର ଗେଲି ଦେଇ, ୧୧ ନଂ. ୱାର୍ଡମେମ୍ବର ରାମକୃଷ୍ଣ ଦଳେଇ, ୧୨ ନଂ. ୱାର୍ଡମେମ୍ବର ଲିଲିବାଳା ସାହୁ, ୧୪ ନଂ. ୱାର୍ଡମେମ୍ବର ଶାନ୍ତିଲତା ବାରିକ, ୧୫ ନଂ. ୱାର୍ଡମେମ୍ବର ବାସୁଦେବ ସାହୁ, ୧୬ ନଂ. ୱର୍ଡ ମେମ୍ବର ମୁକ୍ତା ସାହୁ, ୧୭ ନଂ. ୱାର୍ଡମେମ୍ବର ବିଜୟ କୁମାର ସାହୁ, ୧୮ ନଂ. ୱାର୍ଡମେମ୍ବର ଚାରୁଲତା ସାହୁଙ୍କ ସ୍ୱାକ୍ଷର ରହିଛି। ୱାର୍ଡମେ୍ବରଙ୍କ ଅଭିଯୋଗ ଅନୁସାରେ ସରପଞ୍ଚ କାର୍ଯ୍ୟାଳୟକୁ ଆସୁ ନ ଥିବାବେଳେ ତାଙ୍କ ଦିଅର ସାଧାରଣ ଲୋକଙ୍କୁ ଖରାପ ବ୍ୟବହାର କରୁଛନ୍ତି। ଇନ୍ଦିରା କଲୋନୀ ସମ୍ମୁଖ ଗୋଚର ଜମିରେ ଶ୍ମଶାନକୁ ସ୍ଥାନୀୟ ଲୋକ ବିରୋଧ ସତ୍ତ୍ୱେ ୪ ପିଣ୍ଡି କରାଯାଇ ୨ ଲକ୍ଷ ଫଲସ୍ ବିଲ୍ କରାଯାଇଛି । ପୁଣି ମିଥ୍ୟା ଫଟୋ ଦେଇ ଜଳଛତ୍ର ନାଁରେ ଫଲସ୍ ବିଲ୍, ପଞ୍ଚାୟତରେ ଚତୁର୍ଥ ଶ୍ରେଣୀ କର୍ମଚାରୀ ଓ ସୁଇପର ନିଯୁକ୍ତି ନ କରି ବିଲ୍ କରାଯିବା ପରି ଅଭିଯୋଗ ରହିଛି । ପୁଣି ଗୋପବନ୍ଧୁ ନଗରରେ ଜଙ୍ଗଲ କିସମ ଜମିରେ ବିବେକାନନ୍ଦ ପାର୍କ କରି ସେଠାରେ ନିଜର ଶ୍ୱଶୁରଙ୍କ ନାଁ ଲିପିବଦ୍ଧ କରି ୫ ଲକ୍ଷ ସରକାରୀ ଅନୁଦାନ ଖର୍ଚ୍ଚ ହୋଇଛି।

ସେହିଭଳି ଗୋପବନ୍ଧୁନଗର ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ଫଲସ୍ ବିଲ୍ ଓ ୫ ବିଦ୍ୟାଳୟ ରାମଚଣ୍ଡୀ ସରକାରୀ ଉଚ୍ଚ ବିଦ୍ୟାଳୟରେ କାମରେ ଅନିୟମିତତା ପରି ଅନେକ ଅଭିଯୋଗ ରହିଛି। ଯାହାର ତଦନ୍ତ କରାଯାଇ କାର୍ଯ୍ୟାନୁଷ୍ଠାନ ନେବାକୁ ଅନୁରୋଧ କରାଯାଇଛି ।

# ନିଖୋଜର ୧୦ ବର୍ଷ ପରେ ଉଦ୍ଧାର

## ହଷ୍ଟେଲରେ ପଢୁଥିବାବେଳେ ହୋଇଥିଲେ ନିଖୋଜ

ନୟାଗଡ,୧୪।୧୦ (ଲୋକନାଥ ମିଶ୍ର)

ନୟାଗଡ ଟାଉନ ଥାନା ପୋଲିସ ଜଣେ ନିଖୋଜ ଛାତ୍ରଙ୍କୁ ୧୦ ବର୍ଷ ପରେ ଉଦ୍ଧାର କରିଛି । ୧୦ ବର୍ଷ ତଳେ ଖୋର୍ଦ୍ଧା ଜିଲା ବୋଲଗଡ ଥାନା ମାଣିକାଗୋଡା ଗାଁର କୁଳମଣି ବେହେରାଙ୍କ ପୁଅ ବିନୋଦ ବେହେରା (୧୫) ନୟାଗଡ ସହରର ଏନ୍‌ସି ଟ୍ୟୁଟୋରିଆଲରୁ ୪।୧୦।୨୦୧୫ରେ ନିଖୋଜ ହୋଇଥିଲେ । ଏନେଇ ଅଭିଯୋଗ ପରେ ପୋଲିସ ନଂ.୧୩୪/୧୫ରେ ମାମଲା ରୁଜୁକରି ତଦନ୍ତ କରୁଥିଲା। ବିନୋଦ ହାଇଦ୍ରାବାଦରେ ଯାଇ କୌଣସି କାମକରି ପେଟ ପୋଷୁଥିଲେ। ତେବେ ଗାଁକୁ ଆସିଥିବା ଖବରପାଇ ପୋଲିସ ବିନୋଦଙ୍କୁ ନିଜ ହେପାଜତକୁ ଆଣିଥିଲା। ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି।

# ବାଇକ୍ ଦୁର୍ଘଟଣାରେ ଯୁବକଙ୍କ ଗୋଡ଼ ଭାଙ୍ଗିଲା

ଭାପୁର,୧୪।୧୦(ପ୍ରଭାତ ବରାଡ)

ଫତେଗଡ ଥାନା ଅନ୍ତର୍ଗତ ଭାପୁର ବଜାରଠାରୁ ନିହଲପ୍ରସାଦ ଗାଁରାସ୍ତା ପୋଖରୀ ନିକଟରେ ମଙ୍ଗଳବାର ବାଇକ୍ ଦୁର୍ଘଟଣାରେ ଜଣେ ଯୁବକଙ୍କ ଡାହାଣ ଗୋଡ ଭାଙ୍ଗି ଯାଇଛି। ଅପରାହ୍ନ ପ୍ରାୟ ସାଢେ ୪ଟାରେ କେନ୍ଦୁପଲ୍ଲୀ ପଞ୍ଚାୟତ ଅଧୀନ ହନୁମନ୍ତପ୍ରସାଦ ଗ୍ରାମର ହରିହର ଜେନା (୩୦) ବାଇକ୍ (ନଂ ଓଡି ୦୨ ଏଏଫ ୪୬୪୧) ରେ କୌଣସି କାମରେ ଭାପୁର ଯାଇଥିଲେ। ଭାପୁର ଠାରୁ ଗୋଳାପୋଖରୀ ରାସ୍ତାରେ ବାଇକ୍‌ରେ ଯାଇଥିଲେ। ସେଠାରୁ ଦ୍ରୁତଗତିରେ ଭାପୁର ଫେରୁଥିବା ବେଳେ ନିହଲପ୍ରସାଦ ଗାଁ ରାସ୍ତା ନିକଟରେ ଥିବା ପୋଖରୀଠାରେ ରାସ୍ତା କଡ଼ରେ ଥିବା ତାଳଗଛରେ ପିଟିହୋଇ ଧାନ ବିଲରେ ପଡ଼ିଥିଲେ। ବାଟରେ ଯାଉଥିବା କେତେକ ଯୁବକ ଆହତ ହରିହରଙ୍କୁ ଉଦ୍ଧାର କରି ଭାପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ। ଡାକ୍ତରଙ୍କ ସୂଚନା ଅନୁଯାୟୀ ତାଙ୍କ ଡାହାଣ ଗୋଡ ଭାଙ୍ଗି ଯାଇଛି। ତାଙ୍କୁ ଭୁବନେଶ୍ୱର ସ୍ଥାନାନ୍ତର କରାଯାଇଥିବା ଜଣାପଡିଛି।

# ୨୮ ଇଭେଣ୍ଟରେ ପ୍ରଥମ ପ୍ରତିଯୋଗୀ ବ୍ଲକସ୍ତରକୁ ଉନ୍ନୀତ

## ଆଙ୍ଗସିଙ୍ଗି କ୍ଲଷ୍ଟର ସୁରଭି କାର୍ଯ୍ୟକ୍ରମ

ନୟାଗଡ/ ଶରଣକୁଳ,୧୪।୧୦
(ଲୋକନାଥ ମିଶ୍ର/ ଦୀପକ କର)

ଆଙ୍ଗସିଙ୍ଗି କ୍ଲଷ୍ଟରସ୍ତରୀୟ ସୁରଭି ଦଧିବାମନ ଜୀଉ ଉଚ୍ଚ ବିଦ୍ୟାଳୟ ଶିଖରପୁରରେ ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ୧୫ ସ୍କୁଲର ୧୫୦ ଛାତ୍ରୀଛାତ୍ର ଭାଗ ନେଇଥିଲେ। ବକ୍ତୃତା, ପ୍ରବନ୍ଧ, କୁଇଜ୍, ଦଳଗତ ନୃତ୍ୟ, ସଙ୍ଗୀତ ଓ ଚିତ୍ରାଙ୍କନ ଆଦି ୨୮ ପ୍ରତିଯୋଗିତା ହୋଇଥିଲା। କ୍ଲଷ୍ଟରସ୍ତରରୁ ଓଡଗାଁ ବ୍ଲକସ୍ତରକୁ ୨୮ ପ୍ରତିଯୋଗିତାର ୨୮ରୁ ଉର୍ଦ୍ଧ୍ୱ କନିଷ୍ଠ ଓ ବରିଷ୍ଠ ବିଭାଗ ପ୍ରତିଯୋଗୀ ଉନ୍ନୀତ ହୋଇଛନ୍ତି। ଦଧିବାମନ ଜୀଉ ଉଚ୍ଚ ବିଦ୍ୟାଳୟ ପ୍ରଧାନ ଶିକ୍ଷକ ସୁବାସ ଚନ୍ଦ୍ର ଦାସଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ଓଡଗାଁ ବ୍ଲକ ଶିକ୍ଷାଧିକାରୀ ରାଜ କିଶୋର ସାହୁ ମୁଖ୍ୟଅତିଥି ଭାବେ ଯୋଗଦେଇ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ। ବରିଷ୍ଠ ପାଲାଗାୟକ ମନୋଜ କୁମାର ମିଶ୍ର ମୁଖ୍ୟବକ୍ତା, ସମ୍ମାନିତ ଅତିଥି ବେତାର କଣ୍ଠଶିଳ୍ପୀ ପ୍ରଶାନ୍ତ କୁମାର ଦାଶ, ଶିଖରପୁର ସମିତି ସଭ୍ୟ ଭାଗବତ ସେଠୀ ଯୋଗ ଦେଇଥିଲେ। କବି ନିରାକାର ସ୍ୱାଇଁ ମଞ୍ଚ ପରିଚାଳନା କରିଥିବା ବେଳେ ଆଙ୍ଗସିଙ୍ଗି କ୍ଲଷ୍ଟର ସିଆରସିସି ରାଜେଶ କୁମାର ଷଡଙ୍ଗୀ ଧନ୍ୟବାଦ ଓ ଗୋଡିପଡା କ୍ଲଷ୍ଟରର ବିଜୟ କୁମାର ପୃଷ୍ଟି ସହଯୋଗ କରିଥିଲେ । ଦଳଗତ ନୃତ୍ୟରେ ଦଧିବାମନ ଜୀଉ ଉଚ୍ଚ ବିଦ୍ୟାଳୟ ଶିଖରପୁର ପ୍ରଥମ ହୋଇଥିବାବେଳେ ସେହି ସ୍କୁଲର ଅଷ୍ଟମ ଶ୍ରେଣୀ ଛାତ୍ରୀ ରିତିକା ଜେନା ବକ୍ତୃତାରେ ପ୍ରଥମ ହୋଇଥିଲେ । ପିଏମ୍ ପୋଷଣ ଶିଳ୍ପ କଳାରେ ବଡଗୋରଡା କୁବେର ଲୋକନାଥ ହାଇସ୍କୁଲର ଛାତ୍ରୀ ଆଦ୍ୟାଶା ପ୍ରିୟ ଦର୍ଶିନୀ ସ୍ୱାଇଁ, ସଙ୍ଗୀତରେ ଗୋପୀନାଥ ହାଇସ୍କୁଲ ଗୋଡିପଲ୍ଲୀର ଜାନକୀ ଦାସ, ପିଏମ୍ ପୋଷଣ ଚିତ୍ରକଳାରେ ଗୋଡିପଡା ଗୋପୀନାଥ ହାଇସ୍କୁଲର ପ୍ରିୟ ଦର୍ଶିନୀ ସ୍ୱାଇଁ, ସୃଜନଶୀଳ ଲେଖନରେ ସତ୍ୟବାଦୀ ହାଇସ୍କୁଲ ଚଢ଼େୟାପଲ୍ଲୀର ସ୍ଥିତିପ୍ରଜ୍ଞା ମନ୍ତ୍ରୀ, ବକ୍ତୃତାରେ ବଡଗୋରଡା ଆଙ୍ଗିସିଙ୍ଗି ସହଯୋଗୀ ଉଚ୍ଚ ବିଦ୍ୟାଳୟର ସୁଭଦ୍ରା ଡାକୁଆ ପ୍ରଥମ ସ୍ଥାନରେ ରହି ବ୍ଲକସ୍ତରକୁ ଉନ୍ନୀତ ହୋଇଛନ୍ତି।

ସେହିପରି କନିଷ୍ଠ ବିଭାଗ ବକ୍ତୃତାରେ ଶିଖରପୁର ବନମାଳୀ ୟୁପି ସ୍କୁଲର ରାନି ସ୍ୱାଇଁ, ସଙ୍ଗୀତରେ ବଡଗୋରଡା କୁବେର ଲୋକନାଥ ହାଇସ୍କୁଲର ପ୍ରଜ୍ଞା ମହାପାତ୍ର, ସୁନ୍ଦର ହସ୍ତାକ୍ଷରରେ ଗଙ୍ଗାଧର ଉଚ୍ଚ ପ୍ରାଥମିକ ଚଢ଼େୟାପଲ୍ଲୀ ସ୍କୁଲର ସ୍ଥିତି ପ୍ରଜ୍ଞା ତଦ୍ୱ ଅନୁରୂପ ଭାବେ ପ୍ରଥମ ସ୍ଥାନ ରହି ବ୍ଲକସ୍ତରକୁ ଉନ୍ନୀତ ହୋଇଛି।



ପୁରସ୍କୃତ ହୋଇଥିବା କୃତି ପ୍ରତିଯୋଗୀ ।



# ପିଏମ୍‌ଜିଏସ୍‌ୱାଇ କାମରେ ତ୍ରୁଟି

**ଯାଜପୁର,୧୪।୧୦ (ହର୍ଷବର୍ଦ୍ଧନ ବେହେରା):**

■ ଏନ୍‌କ୍ୟୁଏମ୍ ତଦନ୍ତରେ ଧରାପଡ଼ିଲା

■ ଟେକ୍ନିକାଲ କମିଟି ତଦନ୍ତ ପୂର୍ବରୁ ସଂଶୋଧନ ପାଇଁ ନିର୍ଦ୍ଦେଶ




ପ୍ରଧାନମନ୍ତ୍ରୀ ଗ୍ରାମ ସଡ଼କ ଯୋଜନା (ପିଏମ୍‌ଜିଏସ୍‌ୱାଇ) କାମରେ ତ୍ରୁଟି ଦେଖାଯାଇଛି। ୫ ବର୍ଷ ଅବଧି ମଧ୍ୟରେ ଚୁକ୍ତି ଅନୁଯାୟୀ ପ୍ରତିବର୍ଷ ରକ୍ଷଣାବେକ୍ଷଣ ହେଉ ନ ଥିବାରୁ ଯାଜପୁର ଜିଲାରେ ଏହାର ଦୀର୍ଘସ୍ଥାୟୀ ନେଇ ପ୍ରଶ୍ନ ଉଠିଛି। ଏଥିପାଇଁ ଉଦ୍ଦିଷ୍ଟ ଆବଣ୍ଟିତ ଅନୁଦାନକୁ ମିଳିମିଶି ଲୁଟ କରାଯାଉଥିବା ସନ୍ଦେହ କରାଯାଇଛି। ଯାଜପୁର ଗ୍ରାମ୍ୟ ନିର୍ମାଣ ଡିଭିଜନ ଅନ୍ତର୍ଗତ ୨ ପିଏମ୍‌ଜିଏସ୍‌ୱାଇ ରାସ୍ତାରେ ବିଭିନ୍ନ ତ୍ରୁଟି ଥିବା ବିଭାଗୀୟ ନ୍ୟାଶନାଲ କ୍ୱାଲିଟି ମନିଟର(ଏନ୍‌କ୍ୟୁଏମ୍) ନୀରିକ୍ଷଣରେ ଧରାପଡ଼ିଛି। ତେଣୁ ଆସନ୍ତା ନଭେମ୍ବର ଦ୍ୱିତୀୟ ସପ୍ତାହରେ ଟେକ୍ନିକାଲ କମିଟି ଦ୍ୱାରା ହେବାକୁ ଥିବା ନୀରିକ୍ଷଣ ଓ ମୂଲ୍ୟ ନିର୍ଦ୍ଧାରଣ ପୂର୍ବରୁ ରାସ୍ତାର ତ୍ରୁଟି ଥିବା ଅଞ୍ଚଳରେ ସଂଶୋଧନ କରିବାକୁ ସଂପୃକ୍ତ ଠିକାଦାରମାନଙ୍କୁ ବିଭାଗ ପକ୍ଷରୁ ନିର୍ଦ୍ଦେଶ ଦିଆଯାଇଛି। ଏଥିରୁ ପିଏମଜିଏସ୍‌ୱାଇ ରାସ୍ତାର ଗୁଣବତ୍ତା କିଭଳି ରହୁଛି ତାହା ସହଜେ ଅନୁମେୟ ବୋଲି ମତପ୍ରକାଶ ପାଇଛି।

ପିଏମ୍‌ଜିଏସ୍‌ୱାଇ ରାସ୍ତା ନିର୍ମାଣ ସମ୍ପୂର୍ଣ୍ଣ ହେବାର ୫ ବର୍ଷ ମଧ୍ୟରେ ରକ୍ଷଣାବେକ୍ଷଣ ବାଧ୍ୟତାମୂଳକ ଏବଂ ଏଥିପାଇଁ ଅର୍ଥ ମଞ୍ଜୁର ହୋଇଥାଏ। କିନ୍ତୁ ବିଭାଗୀୟ ଅବହେଳା କାରଣରୁ ଅନେକ ରାସ୍ତାରେ ଆଦୌ ରକ୍ଷଣାବେକ୍ଷଣ ହେଉ ନ ଥିବା ଦେଖିବାକୁ ମିଳିଛି। ଏନ୍‌କ୍ୟୁଏମ ରିପୋର୍ଟ ଅନୁସାରେ ଜାତୀୟ ରାଜପଥ ୨୦୦ଠାରୁ ବାହାଡ଼ପୋଷି ପିଏମ୍‌ଜିଏସ୍‌ୱାଇ ରାସ୍ତାର ବିଭିନ୍ନ ସ୍ଥାନରେ ତ୍ରୁଟି ରହିଥିବା ପରିଲକ୍ଷିତ ହୋଇଛି। ଏନକ୍ୟୁଏମ୍ ପକ୍ଷରୁ ୨୮।୬।୨୦୨୨ ଓ ୧୮।୧୨।୨୦୨୪ରେ ଏହି ରାସ୍ତାର ତଦନ୍ତ ହୋଇଥିଲା। ହେଲେ ଏପର୍ଯ୍ୟନ୍ତ ତ୍ରୁଟି ସଂଶୋଧନ ହୋଇ ପାରିନାହିଁ। ତେଣୁ ଢେଙ୍କାନାଳ ଜିଲା ନୂଆଭୁବନ ଗ୍ରାମର ସ୍ୱତନ୍ତ୍ର ଶ୍ରେଣୀ ଠିକାଦାର ହେମନ୍ତ ଚନ୍ଦ୍ର ପାତ୍ରଙ୍କୁ ଟେକ୍ନିକାଲ କମିଟି ଦ୍ୱାରା ହେବାକୁ ଥିବା ନୀରିକ୍ଷଣ ପୂର୍ବରୁ ରାସ୍ତାର ତ୍ରୁଟି ସଂଶୋଧନ କରିବାକୁ ବିଭାଗ ପକ୍ଷରୁ ନିର୍ଦ୍ଦେଶ ଦିଆଯାଇଛି। ସେହିପରି ଏନକ୍ୟୁଏମ୍ ପକ୍ଷରୁ ଅଶ୍ୱଥପାଳଠାରୁ ବାଲିଗୋଠ ପିଏମ୍‌ଜିଏସ୍‌ୱାଇ ରାସ୍ତାର ନୀରିକ୍ଷଣ କାର୍ଯ୍ୟ ୨୨।୧୨।୨୦୨୨ ଓ ୧୯।୧୨।୨୦୨୪ରେ ହୋଇଥିଲା। ଏଥିରେ ମଧ୍ୟ ରାସ୍ତାର ବିଭିନ୍ନ ସ୍ଥାନରେ ବ୍ୟାପକ ତ୍ରୁଟି ଥିବା ଏନକ୍ୟୁଏମ୍ ନୀରିକ୍ଷଣରେ ଧରାପଡ଼ିଥିଲା। ଆଗକୁ ଟେକ୍ନିକାଲ କମିଟି ଉକ୍ତ ରାସ୍ତାର ନୀରିକ୍ଷଣ ଓ ମୂଲ୍ୟ ନିର୍ଦ୍ଧାରଣ କରିବାକୁ ଥିବାବେଳେ ବିଭାଗୀୟ ଅଧିକାରୀଙ୍କ ଚେତା ପଶିଛି। ଅନୁରୂପ ଭାବେ ନିଜର ଦୋଷ ଦୁର୍ବଳତାକୁ ଲୁଚାଇବାକୁ ଯାଇ ଆସନ୍ତା ୨୦ ତାରିଖ ସୁଦ୍ଧା ତ୍ରୁଟିଗୁଡ଼ିକର ସଂଶୋଧନ କରିବାକୁ କେନ୍ଦ୍ରାପଡା ଜିଲା ଆଶ୍ରମ ବାଲିକୁଦା ଗ୍ରାମର ଠିକାଦାର ଭାବଗ୍ରାହୀ ବେହେରାଙ୍କୁ ନିର୍ଦ୍ଦେଶ ଦିଆଯାଇଛି। ନଚେତ ରାସ୍ତା ନିର୍ମାଣ ସମୟରେ ହୋଇଥିବା ବିଭିନ୍ନ ଅନିୟମିତତା ଧରାପଡିଯିବା ଭୟ ଘାରିଛି। ଜିଲାରେ ନିର୍ମାଣ ହୋଇଥିବା ଏକାଧିକ ପିଏମ୍‌ଜିଏସ୍‌ୱାଇ ରାସ୍ତା ନିମ୍ନମାନର ହୋଇଥିବାରୁ ବିଭିନ୍ନ ସ୍ଥାନରେ ଦବିଯାଇ ଗମନାଗମନ ଅନୁପଯୋଗୀ ହୋଇଥିବା ପୂର୍ବରୁ ବହୁ ଅଭିଯୋଗ ରହିଛି।

## ସଂକ୍ଷେପରେ

### ପୋଖରୀରୁ ମିଳିଲା ନିଖୋଜ ଯୁବକଙ୍କ ମୃତଦେହ

ଧର୍ମଶାଳା,୧୪। ୧୦(ବଟକୃଷ୍ଣ ପରିଡ଼ା): ଧର୍ମଶାଳା ଥାନା ନେଉଳପୁର ଶବର ସାହିର ନିଖୋଜ ଯୁବକଙ୍କ ମୃତହେଦ ମଙ୍ଗଳବାର ସ୍ଥାନୀୟ ପୋଖରୀରୁ ମିଳିଛି। ପୋଲିସ ମୃତଦେହ ଜବତ କରି ଧର୍ମଶାଳା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ବ୍ୟବଚ୍ଛେଦ କରାଇବା ପରେ ତାଙ୍କ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି। ସେ ହେଲେ ସାହିର କୁନ ଗେଡ଼ିଙ୍କ ପୁଅ ପ୍ରଦୀପ ଗେଡ଼ି(୩୬)। ପ୍ରଦୀପ ସୋମବାରଠାରୁ ନିଖୋଜ ହୋଇଯାଇଥିଲେ। ଏନେଇ ତାଙ୍କ ପରିବାର ପକ୍ଷରୁ ଧର୍ମଶାଳା ଥାନାରେ ଲିଖିତ ଅଭିଯୋଗ କରାଯାଇଥିଲା। ଚଣ୍ଡିଖୋଲ ଦମକଳବାହିନୀ ନେଉଳପୁର ପୋଖରୀରେ ଖୋଜାଖୋଜି କରି ପ୍ରଦୀପଙ୍କ ମୃତଦେହ ଉଦ୍ଧାର କରିଥିଲା। ପ୍ରଦୀପ ପୋଖରୀରେ ଶୌଚ ହେବାକୁଯାଇ ବୁଡ଼ି ଯାଇଥିବା ସନ୍ଦେହ କରାଯାଉଛି। ଏନେଇ ପୋଲିସ ନଂ.୩୭/୨୫ରେ ଅପମୃତ୍ୟୁ ମାମଲା ରୁଜୁକରି ତଦନ୍ତ ଚଳାଇଛି। ବ୍ୟବଚ୍ଛେଦ ରିର୍ପୋଟ ଆସିବା ପରେ ମୃତ୍ୟୁର କାରଣ ଜଣାପଡ଼ିବ ବୋଲି ଥାନା ଅଧିକାରୀ ରଞ୍ଜନ କୁମାର ମାଝୀ ସୂଚନା ଦେଇଛନ୍ତି।

### ମହିଳାଙ୍କୁ ଆକ୍ରମଣ ଅଭିଯୋଗରେ ଯୁବକ ଗିରଫ

ଧର୍ମଶାଳା,୧୪।୧୦(ବଟକୃଷ୍ଣ ପରିଡ଼ା): ଜେନାପୁର ଥାନା ଅର୍ନ୍ତଗତ ମଧୁସୂଦନପୁର ଗ୍ରାମର ଜଣେ ମହିଳାଙ୍କୁ ଆକ୍ରମଣ ସହ ତାଙ୍କ ବାଇକ୍ ଓ ସିସିଟିଭି ଭାଙ୍ଗିବା ଅଭିଯୋଗରେ ପୋଲିସ ଜଣେ ଯୁବକଙ୍କୁ ଗିରଫ କରି ମଙ୍ଗଳବାର କୋର୍ଟଚାଲାଣ କରିଛି। ସେ ହେଲେ ଗ୍ରାମର ବିକ୍ରମ ମଲ୍ଲିକ। ଆକ୍ରମଣର ଶିକାର ମହିଳା ହେଲେ ମଧୁସୂଦନପୁର ଗ୍ରାମର ମଙ୍ଗୁଳି ଓଝାଙ୍କ ସ୍ତ୍ରୀ କାମିନୀ ଓଝା। ସୋମବାର ସନ୍ଧ୍ୟାରେ ପୂର୍ବ ଶତ୍ରୁତାକୁ କେନ୍ଦ୍ରକରି ବିକ୍ରମଙ୍କ ସହ କାମିନୀଙ୍କ ପାଟିତୁଣ୍ଡ ହୋଇଥିଲା। ଏଥିରେ ବିକ୍ରମ ଉତ୍‌କ୍ଷିପ୍ତ ହୋଇ ଏକ ଭୁଜାଲିରେ କାମିନୀଙ୍କୁ ଆକ୍ରମଣ କରିଥିଲେ। ପରେ ତାଙ୍କ ଘରେ ପଶି ବାଇକ୍ ଓ ସିସିଟିଭିକୁ ବାଡ଼େଇ ଭାଙ୍ଗି ଦେଇଥିଲେ। ଏନେଇ କାମିନୀ ଥାନାରେ ଅଭିଯୋଗ କରିବା ପରେ ପୋଲିସ ନଂ.୩୫୯/୨୫ରେ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଥିଲା ବୋଲି ଥାନା ଅଧିକାରୀ ନିରୁପମା ଜେନା ସୂଚନା ଦେଇଛନ୍ତି।

### ଏସ୍‌ଆଇ ବିନତି ଦାସଙ୍କ ପଦୋନ୍ନତି



ସିଂହପୁର,୧୪।୧୦(ଅନଙ୍ଗ ଉଦୟ ବେଉରିଆ): ବିଞ୍ଝାରପୁର ଥାନାରେ ଏସ୍‌ଆଇ ଭାବେ କାର୍ଯ୍ୟ କରୁଥିବା ବିନତି ଦାସଙ୍କ ପଦୋନ୍ନତି ହୋଇଛି। ସେ ଆଇଆଇସି ଭାବେ ପଦୋନ୍ନତି ପାଇଛନ୍ତି। ଜଣେ ସଚୋଟ, କର୍ତ୍ତବ୍ୟ ନିଷ୍ଠ, ଦକ୍ଷ ପୋଲିସ ଏସଆଇ ଭାବେ ସେ ଅଞ୍ଚଳରେ ବେଶ ଜଣାଶୁଣା। ପଦୋନ୍ନତି ମିଳିବା ପରେ ବିଭିନ୍ନ ମହଲରୁ ତାଙ୍କୁ ଶୁଭେଚ୍ଛାର ସୁଅ ଛୁଟିଛି। ଡିଏସ୍‌ପି ବାମଦେବ ନନ୍ଦ, ଆଇଆଇସି ରଞ୍ଜନ କୁମାର ମଲ୍ଲିକ, ବିଞ୍ଝାରପୁର ସାମ୍ବାଦିକ ଦେବ ପ୍ରସାଦ ସାହୁ, ସାମାଜିକ କର୍ମୀ ରବୀନ୍ଦ୍ର ପରିଡ଼ା, ଦିଲୀପ ରାଉଳ ପ୍ରମୁଖ ବିନତିଙ୍କୁ ଶୁଭେଚ୍ଛା ଜଣାଇବାଛନ୍ତି।

### ନଦୀକୁ ଗାଧେଇବାକୁ ଯାଇ ମହିଳା ନିଖୋଜ

ବିଞ୍ଝାରପୁର,୧୪।୧୦(ରାମକୃଷ୍ଣ ଦାସ): ଖରସ୍ରୋତା ନଦୀକୁ ଗାଧେଇବାକୁ ଯାଇ ଜଣେ ମହିଳା ନିଖୋଜ ହୋଇଯାଇଛନ୍ତି। ନିଖୋଜ ମହିଳା ହେଲେ ବିଞ୍ଝାରପୁର ବ୍ଲକ ଓଳେଇ-ଚନ୍ଦନପୁର ଗ୍ରାମର ପିଣ୍ଟୁ ଦାସଙ୍କ ସ୍ତ୍ରୀ ଗୀତାରାଣୀ ଦାସ(୨୬)। ଗୀତା ପଡ଼ୋଶୀ ମହିଳାଙ୍କ ସହ ମଙ୍ଗଳବାର ସନ୍ଧ୍ୟାରେ ଘର ନିକଟ ନଦୀ ତୁଠକୁ ଗାଧୋଇବାକୁ ଯାଇଥିଲେ। ସେ ଗୀତା ଗାଧୋଉଥିବାବେଳେ ଗୋଡ଼ ଖସିଯିବାରୁ ନଦୀର ପ୍ରଖର ସ୍ରୋତରେ ଭାସିଯାଇଥିଲେ। ତାଙ୍କ ସହ ଯାଇଥିବା ମହିଳାମାନେ ତାଙ୍କୁ ଉଦ୍ଧାର କରିବାକୁ ଚେଷ୍ଟା କରିଥିଲେ ମଧ୍ୟ ସମ୍ଭବ ହୋଇପାରି ନ ଥିଲା। ଖବର ପାଇ ବିଞ୍ଝାରପୁର ଅଗ୍ନିଶମ ବାହିନୀ ପହଞ୍ଚି ଉଦ୍ଧାର କାର୍ଯ୍ୟ ଜାରି ରଖିଛି। ଖବର ଲେଖା ହେବା ବେଳକୁ ଗୀତାଙ୍କୁ ଉଦ୍ଧାର କରାଯାଇ ପାରି ନ ଥିଲା।

# ସ୍କୁଲ ଗାଡ଼ି-ଟ୍ରାକ୍ଟର ମୁହାଁମୁହିଁ ଧକ୍କା



ଦୁର୍ଘଟଣାଗ୍ରସ୍ତ ଟ୍ରାକ୍ଟର।

**ଯାଜପୁର ଟାଉନ,୧୪।୧୦ (ପ୍ରଯକ୍ତା ପ୍ରିୟଦର୍ଶିନୀ ମହାନ୍ତି):**

**ଅଳ୍ପକେ ବର୍ତ୍ତିଲେ ଛାତ୍ରୀଛାତ୍ର**

ଏକ ଟାଟା ମ୍ୟାଜିକ ସ୍କୁଲ୍ ଗାଡ଼ି ମଙ୍ଗଳବାର ଅପରାହ୍ନରେ ଯାଜପୁର କେନ୍ଦ୍ରୀୟ ବିଦ୍ୟାଳୟରୁ ୧୦/୧୨ ଛାତ୍ରୀଛାତ୍ରଙ୍କୁ ନେଇ ଫେରୁଥିବାବେଳେ ଯାଜପୁର ଦେବୀଦ୍ୱାର ମହାବୀର ଜିମ୍ନାସିୟମ ନିକଟରେ ବିପରୀତ ଦିଗରୁ ଆସୁଥିବା ଓଡି-୨୨ଟି-୯୭୨୭ ବାଲି ବୋଝେଇ ଟ୍ରାକ୍ଟର ସହ ଧକ୍କା ହୋଇଛି। ଦୁର୍ଘଟଣା ପରେ ଟ୍ରାକ୍ଟର ଏକ ଇଲେକ୍ଟ୍ରିକ୍‌ଖୁଣ୍ଟରେ ପିଟି ହୋଇଛି। ଭାଗ୍ୟ ବଶତଃ ସ୍କୁଲ ଛାତ୍ରୀଛାତ୍ର ଓ ଗାଡ଼ି ଚାଳକ ବର୍ତ୍ତି ଯାଇଛନ୍ତି। ଟ୍ରାକ୍ଟର ଚାଳକଙ୍କ ମଧ୍ୟ କିଛି କ୍ଷତି ହୋଇ ନ ଥିବା ଜଣାପଡ଼ିଛି। ଖବର ପାଇ ଯାଜପୁର ଟାଉନ ପୋଲିସ ପହଞ୍ଚି ଟ୍ରାକ୍ଟର ଚାଳକଙ୍କୁ କାବୁକରି ଥାନାରେ ଅଟକ ରଖିଛି। ଟ୍ରାକ୍ଟର ଚାଳକ ମଦ୍ୟ ପାନ କରି ଗାଡ଼ି ଚଳାଇ ଦୁର୍ଘଟଣା ଘଟାଇଥିବା ପୋଲିସ ଜାଣିବାକୁ ପାଇଛି।

# ଯୌତୁକ ନିଷେଧ ଅଧିନିୟମ ସମ୍ପର୍କରେ ପ୍ରଶିକ୍ଷଣ ଶିବିର



ଶିବିରରେ ଅତିରିକ୍ତ ଜିଲାପାଳ ଯୁଧିଷ୍ଠିର ନାଏକ ଓ ଅନ୍ୟ ଅଧିକାରୀମାନେ।

**ଯାଜପୁର,୧୪।୧୦(ହର୍ଷବର୍ଦ୍ଧନ ବେହେରା):**

ଯୌତୁକ ନିଷେଧ ଅଧିନିୟମ-୧୯୬୧ ସମ୍ପର୍କରେ ଜିଲାସ୍ତରୀୟ ପ୍ରଶିକ୍ଷଣ ଶିବିର ମଙ୍ଗଳବାର ଜିଲାପାଳଙ୍କ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଅତିରିକ୍ତ ଜିଲାପାଳ ଯୁଧିଷ୍ଠିର ନାଏକ ମୁଖ୍ୟଅତିଥି ଭାବେ ଯୋଗଦେଇ ଯୌତୁକ ନିର୍ଯାତନାକୁ କିଭଳି ନିୟନ୍ତ୍ରଣ କରାଯାଇ ପାରିବ ଏବଂ ଏ ଦିଗରେ ସରକାରଙ୍କ ବିଭିନ୍ନ ଆଇନଗତ ସହାୟତା ସମ୍ପର୍କରେ ଆଲୋଚନା କରିଥିଲେ। ଉକ୍ତ ପ୍ରଶିକ୍ଷଣ ଶିବିରରେ ସମାଜକୁ କିପରି ଯୌତୁକ ନିଷେଧ ସୁସ୍ଥ ସମାଜ କରିପାରିବେ ସେଥିପ୍ରତି ଉପସ୍ଥିତ ସମସ୍ତଙ୍କୁ ସଚେତନ କରାଯାଇଥିଲା। ଉକ୍ତ ସଭାରେ ପ୍ରଶିକ୍ଷକ ଭାବେ ଅଖିଳ ମୋହନ ଦାସ ଉପସ୍ଥିତ ରହି ଯୌତୁକ ନିଷେଧ ଅଧିନିୟମ ୧୯୬୧ ବିଷୟରେ ସବିଶେଷ ଆଲୋଚନା କରିଥିଲେ। ଜିଲା ସମାଜ ମଙ୍ଗଳ ଅଧିକାରୀ ପାର୍ବତୀ ସାହୁ ଏହି ସଭା କାର୍ଯ୍ୟକୁ ପରିଚାଳନା କରିଥିଲେ। ଉକ୍ତ ସଭାରେ ଜିଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ କାମିନୀ ରଞ୍ଜନ ପଟ୍ଟନାୟକ, ଜିଲା କାର୍ଯ୍ୟକ୍ରମ ଅଧିକାରୀ, ଜିଲା ସବ-ଡିଭିଜନାଲ ଅଧିକାରୀ, ସଖୀ ପରିଚାଳିକା ଓ ସଦସ୍ୟା, ସ୍ୱେଚ୍ଛାସେବୀ କର୍ମକର୍ତ୍ତା, ଅଙ୍ଗନୱାଡି କର୍ମୀ ଓ କିଶୋରୀ ବାଳିକା ପ୍ରମୁଖ ଉପସ୍ଥିତ ଥିଲେ।

# ପାରିବାରିକ କଳହ ଯୋଗୁ ରଶି ଲଗାଇ ଆତ୍ମହତ୍ୟା

**ଯାଜପୁର ଟାଉନ,୧୪।୧୦ (ପ୍ରଯକ୍ତା ପ୍ରିୟଦର୍ଶିନୀ ମହାନ୍ତି):**

ଯାଜପୁର ପୌରାଞ୍ଚଳ ୧ନଂ. ୱାର୍ଡ ବରାହନାଥ ଗ୍ରାମରେ ଜଣେ ବ୍ୟକ୍ତି ପାରିବାରିକ କନ୍ଦଳ ଯୋଗୁ ନିଜ ଘରେ ରଶି ଲଗାଇ ଆତ୍ମହତ୍ୟା କରିଥିବା ଜଣାପଡ଼ିଛି। ସେ ହେଲେ ଗଣେଶ ଚନ୍ଦ୍ର ଦୀକ୍ଷିତ୍(୫୮)। ଗଣେଶ ନିଜ ଶୋଇବା ଘରେ ରଶି ଲଗାଇ ଦେଇଥିଲେ। ଗ୍ରାମବାସୀଙ୍କ କହିବାନୁଯାୟୀ, ଗଣେଶଙ୍କ ଘରେ କିଛି ଦିନ ହେବ ପାରିବାରିକ କଳହ ଲାଗି ରହିଥିଲା। ସୋମବାର ରାତିରେ ଗଣେଶ ଘରେ କିଛି ଦରକାରୀ କାଗଜପତ୍ର ବାହାରେ ଆଣି ପୋଡ଼ିଦେଇଥିଲେ। ଗ୍ରାମବାସୀ ପଚାରିବାରୁ ଏହି କାଗଜ କିଛି କାମରେ ଆସିବ ନାହିଁ ବୋଲି କହିଥିଲେ। ମଙ୍ଗଳବାର ସକାଳେ ଘର ଲୋକେ କବାଟ ଖୋଲିବାରୁ ଗଣେଶ ଫ୍ୟାନରେ ଝୁଲୁଥିବା ଦେଖିବାକୁ ପାଇଥିଲେ। ଖବରପାଇ ଯାଜପୁର ଟାଉନ ପୋଲିସ ଘଟଣା ସ୍ଥଳରେ ପହଞ୍ଚି ମୃତଦେହ ଶବକୁ ଜବତ କରି ବ୍ୟବଚ୍ଛେଦ ପାଇଁ ଜିଲା ମୁଖ୍ୟ ଚିକିତ୍ସାଳୟକୁ ପଠାଇ ତଦନ୍ତ ଚଳାଇଛି।

# ଆଇନଜୀବୀଙ୍କୁ ଆକ୍ରମଣର ନିନ୍ଦା



**ଚଣ୍ଡିଖୋଲ/ବଡ଼ଚଣା,୧୪।୧୦ (ପ୍ରଦୀପ୍ତ କୁମାର ପୃଷ୍ଟି/ ଦିଲୀପ କୁମାର ମହାନ୍ତି):**

ଚଣ୍ଡିଖୋଲ କୋର୍ଟରେ ଆଇନଜୀବୀ ମନିର ମହମ୍ମଦ କୋର୍ଟରୁ ଘରକୁ ଯିବା ବାଟରେ ସୋମବାର କେତେଜଣ ଦୁର୍ବୃତ୍ତ ତାଙ୍କୁ ମରଣାନ୍ତକ ଆକ୍ରମଣ କରିଛନ୍ତି। ଏହି ଘଟଣାକୁ ଚଣ୍ଡିଖୋଲ କୋର୍ଟ ବାର ଆସୋସିଏଶନ ପକ୍ଷରୁ ଦୃଢ଼ ନିନ୍ଦା କରାଯାଇଛି। ଏନେଇ ମଙ୍ଗଳବାର ଆସୋସିଏଶନ ସଭାଗୃହରେ ସଭାପତି ସୁରେଶ ଚନ୍ଦ୍ର ପଣ୍ଡାଙ୍କ ଅଧ୍ୟକ୍ଷତାରେ ଏକ ବୈଠକ ଅନୁଷ୍ଠିତ ହୋଇଥିଲା। ସମ୍ପାଦକ ପ୍ରକାଶ ଦାଶ ପ୍ରାରମ୍ଭରେ ନିନ୍ଦା ପ୍ରସ୍ତାବ ଆଗତ କରିଥିଲେ। ଏହାକୁ ସର୍ବସମ୍ମତିକ୍ରମେ ପାରିତ କରାଯାଇ ଆହତ ଆଇନଜୀବୀଙ୍କ ସୁରକ୍ଷା ଦିଗରେ ଉଦ୍‌ବେଗ ପ୍ରକାଶ ପାଇଥିଲା। ଆକ୍ରମଣର ଶିକାର ଆଇନଜୀବୀଙ୍କୁ ବ୍ୟକ୍ତିଗତ ସୁରକ୍ଷା ଯୋଗାଇଦେବା ପାଇଁ ଆସୋସିଏଶନ ପକ୍ଷରୁ ଯାଜପୁର ଜିଲାପାଳ ଓ ଜିଲା ଆରକ୍ଷୀ ଅଧୀକ୍ଷକଙ୍କ ନିକଟରେ ଦାବି କରାଯାଇଥିଲା। ସେହିପରି ଘଟଣାକୁ ସ୍ୱତନ୍ତ୍ର ତଦନ୍ତକାରୀ ସଂସ୍ଥା ଦାରା ତଦନ୍ତ କରିବା ପାଇଁ ଅନୁରୋଧ କରାଯାଇଥିଲା। ଏଥିସହିତ ଆକ୍ରମଣକାରୀଙ୍କୁ ୪୮ ଘଣ୍ଟା ମଧ୍ୟରେ ଗିରଫ କରିବା ସହ ଦଫା ୧୦୯ ଭାରତୀୟ ନାଗରିକ ସୁରକ୍ଷା ଆଇନରେ ଦଣ୍ଡ ଦେବାକୁ ଦାବି କରାଯାଇଥିଲା। ବୈଠକରେ ଆସୋସିଏଶନର ପୂର୍ବତନ ସଭାପତି ଶରତ ଷଡ଼ଙ୍ଗୀ, ଦେବରାଜ ବେହେରା, ପ୍ରତାପ ଦାସ, ଜନ ବେହେରା, ପୂର୍ବତନ ଉପସଭାପତି ପ୍ରେମାନନ୍ଦ ବେହେରା, କୈଳାସ ସାମଲ, ସୁରେଶ ସାହାଣୀ, ଶ୍ରୀକାନ୍ତ ବଳ, ଦୀପକ ଦୋରା, ଉପସଭାପତି ରାମଚନ୍ଦ୍ର ତ୍ରିପାଠୀ, ଯୁଗ୍ମସଂପାଦକ ଶିରିଷ ସାମଲ, ସହସମ୍ପାଦକ ବୀରେନ ବିଶ୍ୱାଳ, ଦୀନବନ୍ଧୁ ନାୟକ, ତରୁଣ ବିଶ୍ୱାଳ, କାର୍ଯ୍ୟକାରିଣୀ ସଦସ୍ୟ ଆଶିଷ ମହାପାତ୍ର, ଲକ୍ଷ୍ମୀପ୍ରିୟା କର, ବେବିନା ଓଝା, ଚିନ୍ମୟ ସ୍ୱାଇଁ, ବିଶ୍ୱରଞ୍ଜନ ବେହେରା ପ୍ରମୁଖ ଯୋଗଦେଇଥିଲେ।

# ସରକାରୀ ଦୋକାନରୁ ହେଉଛି ଚୋରାମଦ ଚାଲାଣ

**ବରୀ, ୧୪।୧୦(ମହେନ୍ଦ୍ର ସ୍ୱାଇଁ):**

ବରୀ ରାମଚନ୍ଦ୍ରପୁର ଥାନା ଅଧୀନରେ ୪ଟି ମଦ ଦୋକାନ ରହିଛି। ଏହି ଥାନା ଅଧୀନରେ ବାଲିଆପାଳ ଓ ରତ୍ନଗିରିଠାରେ ଠିପି ବନ୍ଦ ସରକାରୀ ମଦଦୋକାନ ରହିଥିବାବେଳେ ଶଙ୍ଖାରିଗଡ଼ା ଓ ଚତରଠାରେ ଠିପି ଖୋଲା ମଦଦୋକାନ ରହିଛି। ଥାନା ଅଧୀନରେ କୌଣସି ସ୍ଥାନରେ ଚୋରା ମଦ ପ୍ରସ୍ତୁତ ହେଉ ନ ଥିବାବେଳେ ସରକାରୀ ମଦଦୋକାନ ଚୋରା ମଦ ଚାଲାଣ ହେଉଛି ବୋଲି ସାଧାରଣରେ କୁହାଯାଉଛି। ସରକାରଙ୍କ ଅପରେଶନ ପ୍ରହାର ମାଧ୍ୟମରେ ଚୋରାମଦ ପ୍ରସ୍ତୁତକାରୀ ଓ ବିକ୍ରେତାଙ୍କ ଉପରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଥିବାବେଳେ ଏହାର ବ୍ୟତିକ୍ରମ ବରୀ ଅଞ୍ଚଳରେ ଦେଖିବାକୁ ମିଳିଛି। ବିଶେଷକରି ବରୀ ଅଞ୍ଚଳର କାଇପଡ଼ା, ଆନନ୍ଦପୁର, ବାଲିଆପାଳ, ରାମଚନ୍ଦ୍ରପୁର, ଅଳିପୁର, ରାଜାତୋଟା, ଅଜାଣ, ଅଲିଆବାଦ, ଧାରପୁର, ବାଲିଆ, ସ୍ୱାଇଁଖଣ୍ଡଠାରୁ ଆରମ୍ଭକରି ଶତାଧିକ ସ୍ଥାନରେ ସରକାରୀ ମଦ ଦୋକାନର ଏଜେଣ୍ଟମାନେ ବେଆଇନ ଭାବେ ଏହି ଅଞ୍ଚଳଗୁଡିକୁ ଚୋରା ମଦ ଯୋଗାଇ ଦେଉଛନ୍ତି। ବିଭିନ୍ନ ସମୟରେ ଧର୍ମକୁ ଆଖିଠାର ସଦୃଶ ଅବକାରୀ ଓ ପୋଲିସ ବିଭାଗ କିଛି ଚୋରା ବ୍ୟବସାୟୀଙ୍କଠାରୁ ମଦ ଜବତକରି ସେମାନଙ୍କୁ ନୋଟିସ ଦେଇ ଛାଡ଼ିଦେଉଛନ୍ତି। ଫଳରେ ଚୋରା ମଦ ବ୍ୟବସାୟୀମାନେ ପୁନଶ୍ଚ ତାଙ୍କର ବ୍ୟବସାୟ ଆରମ୍ଭ କରୁଛନ୍ତି। ଫଳରେ ବରୀ ଥାନା ଅଞ୍ଚଳରେ ଚୋରି, ଛିନ୍‌ତାଇଠାରୁ ଆରମ୍ଭକରି ବିଭିନ୍ନ ଅସାମାଜିକ କାର୍ଯ୍ୟକଳାପ ବୃଦ୍ଧି ପାଇବାରେ ଲାଗିଛି। ଅବକାରୀ ବିଭାଗ ପକ୍ଷରୁ ବରୀ ଅଞ୍ଚଳରେ ଚୋରା ମଦ କାରଖାନା ନ ଥିଲେ ମଧ୍ୟ ଚୋରା ମଦ ବ୍ୟବସାୟକୁ ବନ୍ଦ କରିବା ପାଇଁ ଯଦି ସରକାରୀ ମଦଦୋକାନରୁ ଚୋରା ମଦ ଯୋଗାଣ କରାଯାଉଛି କି ନାହିଁ ଦୋକାନରେ ଲାଗିଥିବା ସିସିଟିଭି ଫୁଟେଜ୍‌କୁ ଯାଞ୍ଚ କରିବାକୁ ସାଧାରଣରେ ନିବେଦନ କରାଯାଇଛି। ଏଥିସହ ଏହାର ସତ୍ୟତାକୁ ଅନୁଭବକରି ସମ୍ପୃକ୍ତ ସରକାରୀ ମଦଦୋକାନ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଗଲେ ଚୋରା ମଦ କାରବାର ଉପରେ ରୋକ ଲାଗିପାରନ୍ତା ବୋଲି ବହୁ ବୁଦ୍ଧିଜୀବୀ ମତ ରଖିଛନ୍ତି। ଚୋରା ମଦ କାରବାରରେ ରୋକ ଲଗାଇବା ଉପରେ ବାରମ୍ବାର ଅଭିଯୋଗ ପରେ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ ନ କରାଯିବାରୁ ବାଲିଆ ଗ୍ରାମବାସୀଙ୍କ ପକ୍ଷରୁ ୨୨।୯।୨୫ରେ ଜିଲାପାଳଙ୍କ ଜନଶୁଣାଣି ଶିବିରରେ ଲିଖିତ ଅଭିଯୋଗ କରିଥିଲେ। ଏହି ଅଭିଯୋଗକୁ ସ୍ଥାନୀୟ ଅଞ୍ଚଳରେ ଥିବା ମଦଦୋକାନୀମାନେ ଖଣ୍ଡନ କରିଛନ୍ତି। ଏ ସମ୍ପର୍କରେ ଅବକାରୀ ବିଭାଗର ଏସ୍‌ଆଇ ଶୁଭଶ୍ରୀ ଚକ୍ରଙ୍କୁ ପଚାରିବାରେ ଚୋରା ମଦ ବ୍ୟବସାୟ ହେଉଥିବା ଅଭିଯୋଗ ବରୀର ବିଭିନ୍ନ ମହଲରୁ ଆସୁଛି। ଏହାକୁ ଗୁରୁତ୍ୱ ଦିଆଯାଇ ଚୋରା ମଦ ବିକ୍ରି ଉପରେ ରୋକ ଲଗାଇବା ପାଇଁ ପଦକ୍ଷେପ ନିଆଯିବ ବୋଲି ସେ କହିଛନ୍ତି।

# ବ୍ଲକ କାର୍ଯ୍ୟାଳୟରେ ବିଡିଓଙ୍କୁ ଗାଳିଗୁଲଜ

ଚଣ୍ଡିଖୋଲ,୧୪।୧୦(ପ୍ରଦୀପ୍ତକୁମାରପୃଷ୍ଟି): ବଡ଼ଚଣା ବ୍ଲକ କାର୍ଯ୍ୟାଳୟରେ ପଶି ସୋମବାର କେତେଜଣ ବ୍ୟକ୍ତି ବିଡିଓ ରବୀନ୍ଦ୍ର କୁମାର ପ୍ରଧାନଙ୍କୁ ଗାଳିଗୁଲଜ କରିଥିବା ବଡ଼ଚଣା ଥାନାରେ ଅଭିଯୋଗ ହୋଇଛି। ଅଭିଯୋଗ ପାଇବା ପରେ ପୋଲିସ ନଂ.୩୬୩/୨୫ରେ ଏକ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଛି। ବିଡିଓଙ୍କ କାର୍ଯ୍ୟାଳୟରେ ଛତୁଆ ଯୋଗାଣ ନେଇ ଟେଣ୍ଡର ସୋମବାର ଖୋଲା ଯାଇଥିଲା। ଟେଣ୍ଡର ଖୋଲିବା ସମୟରେ ଆବେଦନକାରୀମାନେ ଉପସ୍ଥିତ ଥିଲେ। ଏହି ସମୟରେ ଉପସ୍ଥିତ ଜୟ ପ୍ରକାଶ ସାମଲ, ସତ୍ୟ ପ୍ରକାଶ ସାମଲ ଓ କୃଷ୍ଣ ଚନ୍ଦ୍ର ସାହୁ ହଠାତ ବିଡିଓଙ୍କୁ ଖରାପ ଭାଷାରେ ଗାଳି କରିବା ସହ ମାରିବାକୁ ଧମକ ଦେଇଥିଲେ। ଏନେଇ ବିଡିଓ ଥାନାରେ ଅଭିଯୋଗ କରିଥିଲେ।

# ପ୍ରଭାବଶୂନ୍ୟ ସମୀକ୍ଷା ନେଇ ଉଦ୍‌ବେଗ

**ବ୍ଲକସ୍ତରୀୟ ସାମାଜିକ ସମୀକ୍ଷା ଜନଶୁଣାଣି ଶିବିର**

**ରସୁଲପୁର,୧୪।୧୦(ରଞ୍ଜିତ ରାଉତ):**



ଶିବିରରେ ଯୋଗଦେଇଥିବା ପ୍ରଶାସନିକ ଅଧିକାରୀମାନେ ଜନ ଅଭିଯୋଗର ଶୁଣାଣି କରୁଛନ୍ତି।

ରସୁଲପୁର ବ୍ଲକ ସମ୍ମିଳନୀ କକ୍ଷରେ ମଙ୍ଗଳବାର ବ୍ଲକସ୍ତରୀୟ ସାମାଜିକ ସମୀକ୍ଷା ଜନଶୁଣାଣି ଶିବିର ବିଡିଓ ସତ୍ୟାନନ୍ଦ ଦାଶଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ମହାତ୍ମା ଗାନ୍ଧୀ ଜାତୀୟ ଗ୍ରାମୀଣ ନିଶ୍ଚିତ କର୍ମନିଯୁକ୍ତି ଯୋଜନା (ଏମ୍‌ଜିଏନ୍‌ଆର୍‌ଇଜିଏସ୍) ଓ ଜାତୀୟ ଖାଦ୍ୟ ସୁରକ୍ଷା ଆଇନକୁ ନେଇ ଅନୁଷ୍ଠିତ ହୋଇଥିବା ପଞ୍ଚାୟତସ୍ତରୀୟ ସମୀକ୍ଷାର ରିପୋର୍ଟ ଉପସ୍ଥାପନ କରାଯାଇଛି। ଶିବିରରେ ୨୦୨୫-୨୬ ଆର୍ଥିକବର୍ଷର ପ୍ରଥମ ପର୍ଯ୍ୟାୟ ସାମାଜିକ ସମୀକ୍ଷାରେ ଉପସ୍ଥାପିତ ରିପୋର୍ଟକୁ ନେଇ ଦ୍ୱନ୍ଦ୍ୱ ଉପୁଜିଛି। ଏଥିସହ ସାମାଜିକ ସମୀକ୍ଷା କାହା ସ୍ୱାର୍ଥରେ ବୋଲି ସରପଞ୍ଚମାନେ ପ୍ରଶ୍ନ କରିଛନ୍ତି। ସମୀକ୍ଷା ଜରିଆରେ ହସ୍ତଗତ ହେଉଥିବା ରିପୋର୍ଟ ଆଧାରରେ ବ୍ଲକ ଓ ଜିଲାସ୍ତରରେ କୌଣସି ସନ୍ତୋଷଜନକ ପଦକ୍ଷେପ ଗ୍ରହଣ କରାଯାଉ ନ ଥିବା ଓ ଶିବିରରେ ଜିଲାସ୍ତରୀୟ ଅଧିକାରୀ ଅନୁପସ୍ଥିତ ରହିବାରୁ ସମୀକ୍ଷା ପ୍ରଭାବଶୂନ୍ୟ ହୋଇପଡୁଛି ବୋଲି କହି ସରପଞ୍ଚମାନେ ଶିବିରରେ ଉଦ୍‌ବେଗ ପ୍ରକାଶ କରିଛନ୍ତି।

ରାହାମ୍ବା ସରପଞ୍ଚ ଚନ୍ଦନ ରାଉତ ସାମାଜିକ ସମୀକ୍ଷାକୁ ନେଇ ପଞ୍ଚାୟତରେ ପ୍ରସ୍ତୁତ ହେଉଥିବା ରିପୋର୍ଟ ପରବର୍ତ୍ତୀ ସମୟରେ ବ୍ଲକରେ ବଦଳି ଯାଉଛି ବୋଲି ଅଭିଯୋଗ କରିଛନ୍ତି। ଏଭଳି ଅନିୟମିତତା ପ୍ରତି ଦୃଷ୍ଟି ଦେବାକୁ ଶିବିରରେ ଉପସ୍ଥିତ ଅଧିକାରୀଙ୍କ ଦୃଷ୍ଟି ଆକର୍ଷଣ କରିଛନ୍ତି। ସେହିପରି ବିଭିନ୍ନ ପଞ୍ଚାୟତର ସାମାଜିକ ସମୀକ୍ଷାରେ ନିୟୋଜିତ ହେଉଥିବା ଭିଆରପିଙ୍କୁ ପଞ୍ଚାୟତ ପ୍ରତିନିଧି, ପଞ୍ଚାୟତ କାର୍ଯ୍ୟନିର୍ବାହୀ ଅଧିକାରୀ, ଏଡିଇଓ ଆଦିଙ୍କଠାରୁ ଠିକ୍ ଭାବରେ ସହଯୋଗ ମିଳୁ ନ ଥିବା ନେଇ ଅଭିଯୋଗ ହୋଇଛି। ଭିଆରପିମାନଙ୍କ ଅଭିଯୋଗକୁ ବୈଠକରେ ଗୁରୁତ୍ୱ ଦିଆଯାଇ ପରବର୍ତ୍ତୀ ସମୟରେ ଏହାର କିଭଳି ପୁନଃରାବୃତ୍ତି ନ ହେବ ସେଥିପ୍ରତି ବ୍ଲକ ପ୍ରଶାସନ ପକ୍ଷରୁ ଧ୍ୟାନ ଦିଆଯିବ ବୋଲି କୁହାଯାଇଛି।

ପଞ୍ଚାୟତରେ କରାଯାଉଥିବା ସାମାଜିକ ସମୀକ୍ଷାକୁ ନେଇ ଅନୁଷ୍ଠିତ ହେଉଥିବା ଗ୍ରାମସଭାକୁ ଅଧିକ ପ୍ରଭାବୀ କରିବା ଉପରେ ଗୁରୁତ୍ୱ ଦେବାକୁ ସରପଞ୍ଚମାନଙ୍କୁ ପରାମର୍ଶ ଦିଆଯାଇଛି। ଗ୍ରାମସଭାରେ ଆଲୋଚନା ହେଉଥିବା ବିଷୟ ଓ ତା' ଉପରେ ନିଆଯାଉଥିବା ନିଷ୍ପତ୍ତି ଆଧାରରେ ରିପୋର୍ଟ ପ୍ରସ୍ତୁତ କରିବା ଏବଂ କୌଣସି ସମସ୍ୟା ଥିଲେ ତାକୁ ଗ୍ରାମସଭା ଜରିଆରେ ସମାଧାନ ପାଇଁ କୁହାଯାଇଛି। ଏପିଓ ସୁଚିସ୍ମିତା ଜେନା ଶିବିରରେ ନିର୍ଦ୍ଧାରିତ ସମୟସୀମା ମଧ୍ୟରେ ପଞ୍ଚାୟତଗୁଡ଼ିକରେ କାର୍ଯ୍ୟକାରୀ ହୋଇଥିବା ପ୍ରକଳ୍ପ ଓ ନିୟୋଜିତ ଜବକାର୍ଡଧାରୀଙ୍କ ତଥ୍ୟ ଉପସ୍ଥାପନ କରିଥିଲେ। ବ୍ଲକ ସାମାଜିକ ସମୀକ୍ଷା ଅଧିକାରୀ ରିଙ୍କୁନ ସ୍ୱାଇଁ ବିଭିନ୍ନ ପଞ୍ଚାୟତରୁ ଆସିଥିବା ସମୀକ୍ଷା ରିପୋର୍ଟକୁ ଉପସ୍ଥାପନ କରିଥିଲେ। ଜିଲା ସାମାଜିକ ସମୀକ୍ଷକ ଅମର କିଶୋର ସାହୁ ସମୀକ୍ଷାକୁ ନେଇ ଅନୁଷ୍ଠିତ ଜନଶୁଣାଣି ଓ ତା'ର ଗୁରୁତ୍ୱ ସମ୍ପର୍କରେ ସୂଚନା ପ୍ରଦାନ କରିଥିଲେ। ଏବିଡିଓ ଶାରଦା ପ୍ରସନ୍ନ ମହାନ୍ତି ଧନ୍ୟବାଦ ଦେଇଥିଲେ।

# ସାମାଜିକ କର୍ମୀଙ୍କ ଅଭିନବ ଧାରଣା

**କାଏମା,୧୪।୧୦ (ଶିବପ୍ରସାଦ ମହାନ୍ତି):**



ଧର୍ମଶାଳା ଅଞ୍ଚଳର ସାମାଜିକ କର୍ମୀ ସନ୍ତୋଷ ଓଝା ଅଭିନବ ଉପାୟରେ ଧାରଣା ଦେଇଛନ୍ତି। ଜାରକା ଅଞ୍ଚଳରେ ଦିନକୁ ଦିନ ଚୋରି, ରାହାଜାନୀ ବଢ଼ି ଚାଲୁଥିବାରୁ ସେ ଏହାର ପ୍ରତିବାଦ କରିଛନ୍ତି। ଏଥିସହିତ ଯୁବପିଢ଼ି ନିଶା କାରବାରରୁ ଦୂରେଇ ରହିବାର ବାର୍ତ୍ତା ଦେଇଛନ୍ତି। ସନ୍ତୋଷ ଜାରକା ଓଭର୍ ବ୍ରିଜ ତଳେ ମୁହଁରେ କପଡ଼ା ବାନ୍ଧି ବସି ରହିଛନ୍ତି। ସନ୍ତୋଷ ଏକ ଫ୍ଲା କାର୍ଡ ଉପରେ ସଚେତନତା ବାର୍ତ୍ତା ଲେଖି ଲୋକଙ୍କୁ ସଚେତନ କରୁଛନ୍ତି। ତାଙ୍କର ଏହି କାର୍ଯ୍ୟକୁ ବୁଦ୍ଧିଜୀବୀ ମହଲରେ ପ୍ରଶଂସା କରାଯାଇଛି।

**OFFICE OF THE SUPERINTENDING ENGINEER, ELECTRICAL CIRCLE (R&B) NIRMAN SOUDHA, BHUBANESWAR**

E-mail : seec.bbsr2010@gmail.com

**Bid Identification No.S.E.E.C (R&B) 15/2025-26**

No. 3689 / Date : 10.10.2025

**No.B-602** : The Superintending Engineer, Electrical Circle (R&B), Odisha, Bhubaneswar on behalf of the Governor of Odisha invites percentage rate bids for E.I. works which are to be received through online bidding, double cover system as detailed in : https://tendersorissa.gov.in. The details of bid documents will be available in the above website from dt.14.10.2025 at 05.00 P.M. to dt.29.10.2025 up to 05.00 P.M. The bidders must possess compatible Digital Signature Certificate of Class II or III. Bids received online shall be opened dt.30.10.2025 at 11.30 A.M. in the Office of the Superintending Engineer, Electrical Circle (R&B), Odisha, Bhubaneswar. Further details can be seen from the e-procurement portal www.tendersorissa.gov.in.

Addendum / Corrigendum, if required, will be available only in the Website.

Sd./- Superintending Engineer
Electrical Circle (R&B), Odisha, BBSR

OIPR-34006/11/0053/2526

# ଜନ କଲ୍ୟାଣ ଏବେ ବ୍ୟବସାୟ ପାଲଟିଛି

## ସରକାରୀ ହସ୍ପିଟାଲର ଦୁର୍ଦ୍ଦଶା

ପଟ୍ଟାମୁଣ୍ଡାଇ, ୧୪।୧୦ (କଳ୍ପତରୁ ନାୟକ)

ସ୍ୱାସ୍ଥ୍ୟସେବା ସମାଜର ମୌଳିକ ଆବଶ୍ୟକତା। ଏ ନେଇ ରାଜ୍ୟ ଓ କେନ୍ଦ୍ର ସରକାର ଲୋକମାନଙ୍କୁ ଉପଯୁକ୍ତ ସ୍ୱାସ୍ଥ୍ୟସେବା ଯୋଗାଇ ଦେବାକୁ ଅନେକ ଯୋଜନା କାର୍ଯ୍ୟକାରୀ କରିଛନ୍ତି। ହେଲେ କେନ୍ଦ୍ରାପଡ଼ା ଜିଲା ପଟ୍ଟାମୁଣ୍ଡାଇକୁ ଉପଖଣ୍ଡ ଚିକିତ୍ସାଳୟରେ ଆବଶ୍ୟକ ବିଶେଷଜ୍ଞ ଡାକ୍ତର ନ ଥିବାରୁ ରୋଗୀ ଉତ୍ତମ ସ୍ୱାସ୍ଥ୍ୟସେବାରୁ ବଞ୍ଚିତ ହେଉଛନ୍ତି। ଉପଖଣ୍ଡ ଚିକିତ୍ସାଳୟ ମାନ୍ୟତା ପରେ ଯେଉଁ ସରକାରୀ ଡାକ୍ତର କାର୍ଯ୍ୟରତ ଅଛନ୍ତି, ସେମାନେ ସେବା ଯୋଗାଇବା ପରିବର୍ତ୍ତେ ଘରୋଇ କ୍ଲିନିକରେ କାର୍ଯ୍ୟ କରୁଥିବା ଦେଖାଯାଉଛି। ଏହାଦ୍ୱାରା ସରକାରୀ ଡାକ୍ତରଖାନା ଉପରେ ନିର୍ଭରଶୀଳ ରୋଗୀମାନେ ଠିକ୍ ସମୟରେ ଉପଯୁକ୍ତ ସ୍ୱାସ୍ଥ୍ୟସେବା ପାଇବାରୁ ବଞ୍ଚିତ ହେଉଛନ୍ତି। ଫଳରେ ସେମାନେ ବାଧ୍ୟ ହୋଇ ସରକାରଙ୍କ ମାଗଣା ଚିକିତ୍ସା ସେବା ଓ ଔଷଧ ନ ପାଇ କଟକ, ଭୁବନେଶ୍ୱର ଘରୋଇ ଡାକ୍ତରଖାନାକୁ ଯାଇ ଅଯଥା ଖର୍ଚ୍ଚାନ୍ତ ଓ ହଇରାଣ ହେଉଛନ୍ତି।

ରାଜ୍ୟରେ ଅନେକ ଘରୋଇ ହସ୍ପିଟାଲ ଅଛି। କିନ୍ତୁ ସେଠାରେ ରୋଗୀଙ୍କ ଚିକିତ୍ସା ବ୍ୟୟ ସାପେକ୍ଷ ହୋଇଥିବାରୁ ସାଧାରଣ ରୋଗୀଙ୍କ ପାଇଁ ଅପହଞ୍ଚ ହେଉଛି। ଆୟୁଷ୍ମାନ ଭାରତ ଯୋଜନାରେ ରୋଗୀମାନେ ଗୁରୁତର ଚିକିତ୍ସାରୁ ବଞ୍ଚିତ ହେଉଛନ୍ତି। ଘରୋଇ ହସ୍ପିଟାଲରେ ଯେଉଁମାନେ ଆୟୁଷ୍ମାନ କାର୍ଡ ପାଇ ନାହାନ୍ତି, ସେମାନେ ଆଧାର କାର୍ଡ ଦେଖାଇଲେ ଚିକିତ୍ସା ମିଳୁନାହିଁ। ତେଣୁ ଭାଗ୍ୟକୁ ଆଦରି ରୋଗୀ ଘରକୁ ଫେରୁଛନ୍ତି। ଅପରପକ୍ଷେ ବେସରକାରୀ ହସ୍ପିଟାଲଗୁଡ଼ିକ ପ୍ୟାକେଜ୍ ରେଟ୍‌ରେ ପରିବର୍ତ୍ତନ କରିବା, ନୋଡାଲ ଅଫିସରଙ୍କୁ ନିୟୋଜନ କରିବା, ଅଭିଯୋଗ ଶୁଣାଣି ବ୍ୟବସ୍ଥା କରିବା ଉପରେ ରାଜ୍ୟ ସରକାର ତୁରନ୍ତ ପଦକ୍ଷେପ ଗ୍ରହଣ କରିବା ଦରକାର। ସ୍ୱାସ୍ଥ୍ୟସେବାକୁ ବ୍ୟବସାୟୀକରଣରୁ ମୁକ୍ତ କରି ସାମାଜିକ ସେବା ଭାବେ ବିବେଚନା କରାଇବାକୁ ବୁଦ୍ଧିଜୀବୀ ମହଲରେ ମତପ୍ରକାଶ ପାଇଛି।

### ରୋଗୀ ମହଙ୍ଗା ଚିକିତ୍ସା କରିବାକୁ ବାଧ୍ୟ ହେଉଛନ୍ତି



ଅର୍ଥ ଲୋଭ ଯୋଗୁ ସ୍ୱାସ୍ଥ୍ୟସେବା ବ୍ୟବସାୟୀକରଣ ହୋଇଗଲାଣି। ଯେତେ ବଡ଼ ବିଶେଷଜ୍ଞ ଡାକ୍ତର ସେତେ ଅଧିକ ପରୀକ୍ଷା। ପରୀକ୍ଷା ରିପୋର୍ଟ ଆସିବା ପରେ, ରୋଗୀଙ୍କୁ ଭୟଭିତ କରାଯାଉଛି। ତାଙ୍କୁ ବୁଝାଇ ଦିଆଯାଏ ଯେ ଉକ୍ତ ରୋଗ ଭବିଷ୍ୟତରେ ଜୀବନ ପ୍ରତି ବିପଦପୂର୍ଣ୍ଣ। ରୋଗୀ ମହଙ୍ଗା ଚିକିତ୍ସା ପାଇଁ ରାଜି ହେବାକୁ ବାଧ୍ୟ ହୁଅନ୍ତି। ଏହା ବ୍ୟତୀତ ହସ୍ପିଟାଲ ଅଧିକାରୀ, ଡାକ୍ତର ଉଭୟ ଚିକିତ୍ସା ନୀତିର ଅପବ୍ୟବହାର କରି ଫାଇଦା ନେଉଛନ୍ତି। ସେହି ଚିକିତ୍ସା କେବଳ ଘରୋଇ ଡାକ୍ତରଖାନାରେ ସମ୍ଭବ ହୁଏ ବୋଲି ରୋଗୀକୁ କୁହାଯାଉଛି। ଫଳରେ ରୋଗୀମାନେ ସଞ୍ଚୟ ଅର୍ଥ ଖର୍ଚ୍ଚ କରିବାକୁ ବାଧ୍ୟ ହେଉଛନ୍ତି।

–ଶିକ୍ଷାବିତ୍ ପ୍ରଫୁଲ୍ଲ ଦାଶ

### ସ୍ୱାସ୍ଥ୍ୟ ସେବାରେ ସମ୍ପୂର୍ଣ୍ଣ ସ୍ୱଚ୍ଛତା ବଜାୟ ରହୁ



ସ୍ୱାସ୍ଥ୍ୟସେବା ମାନବଜାତି ପାଇଁ ଅତ୍ୟାବଶ୍ୟକ ହୋଇଥିବାବେଳେ ସରକାର ଏଥିପ୍ରତି ଗମ୍ଭୀର ନୁହନ୍ତି। ଜନସଂଖ୍ୟା ଅନୁସାରେ ସରକାରୀ ହସ୍ପିଟାଲ ସଂଖ୍ୟା ବୃଦ୍ଧି କରୁନାହାନ୍ତି, କି ଚିକିତ୍ସା ଅଧିକାରୀ, ନର୍ସ, ଟେକ୍ନିସିଆନ୍‌ଙ୍କ ଅଭାବକୁ ଦୂର କରାଯାଉନାହିଁ। ଏହାର ଫାଇଦା ନେଇ ବ୍ୟବସାୟୀମାନେ ବଡ଼ ବଡ଼ ଘରୋଇ ହସ୍ପିଟାଲ୍ ଖୋଲୁଛନ୍ତି। ଫଳରେ ଡାକ୍ତରଙ୍କ ଚିନ୍ତାଧାରା ବାଣିଜ୍ୟିକ ହୋଇପଡୁଛି। ଡାକ୍ତରମାନେ ସେମାନଙ୍କ ଫିସ୍ ଦୁଇଗୁଣ କରିବା ସହ ମହଙ୍ଗା ପରୀକ୍ଷା ଏବଂ ଔଷଧ ଲେଖୁଛନ୍ତି। ଡାକ୍ତରମାନେ ଔଷଧ ଏବଂ ପରୀକ୍ଷା ଉପରେ ପୃଥକ୍ କମିଶନ ହାତଉଛନ୍ତି, ଯାହାର ଲକ୍ଷ୍ୟ ରୋଗ ଭଲ କରିବା ଅପେକ୍ଷା ଅଧିକ ଟଙ୍କା ରୋଜଗାର କରିବା।

–ଆଇନଜୀବୀ ଶତ୍ରୁଜିତ ନାୟକ

### ସରକାର କଠୋର ରହିବା ଉଚିତ



ସରକାରୀ ଡାକ୍ତରଖାନାରେ ଚିକିତ୍ସା ମାଗଣାରେ ମିଳୁଛି। କିନ୍ତୁ ଅପେକ୍ଷା କରିବାକୁ ପଡ଼ିଥାଏ। ଅନେକ ଡାକ୍ତର ଘରୋଇ ହସ୍ପିଟାଲ ଖୋଲିଥିବାବେଳେ ଦିନଦିନ ଧରି ସରକାରୀ ଡାକ୍ତରଖାନାରେ ଅନୁପସ୍ଥିତ ରହୁଛନ୍ତି। ଗୁରୁତ୍ୱପୂର୍ଣ୍ଣ କଥା ହେଲା ଜଣେ ଡାକ୍ତର ନିଜ ଦାୟିତ୍ୱ ନ ତୁଲାଇ ସରକାରୀ ଚିକିତ୍ସାଳୟରେ ଚିକିତ୍ସା ନ କରି ଅଧିକ ଅର୍ଥ ଲୋଭରେ ଘରୋଇ ହସ୍ପିଟାଲରେ ଚିକିତ୍ସା କରୁଛନ୍ତି। ସେତେବେଳେ ସେ ଆଉ ସେବା କରନ୍ତି ନାହିଁ, ବ୍ୟବସାୟ ହିଁ କରନ୍ତି। ଚିକିତ୍ସାରେ ଖର୍ଚ୍ଚ ବୃଦ୍ଧି, ଔଷଧ କମ୍ପାନୀଗୁଡ଼ିକରୁ କମିଶନ ପାଇଁ ଡାକ୍ତର ପ୍ରଲୋଭିତ ହେବା, ବ୍ୟକ୍ତିଗତ ଲାଭ ପାଇଁ ଅନାବଶ୍ୟକ ପରୀକ୍ଷା କରାଉଛନ୍ତି। ଏଭଳି ଡାକ୍ତରଙ୍କ ପାଇଁ ସ୍ୱାସ୍ଥ୍ୟସେବା ବିପର୍ଯ୍ୟସ୍ତ ହୋଇପଡୁଛି। ଏହା ଉପରେ ସରକାର କଠୋର ହେଲେ ସ୍ୱାସ୍ଥ୍ୟସେବାରେ ସ୍ୱଚ୍ଛତା ଆସି ପାରିବ।

– ସାମାଜିକ କର୍ମୀ ପ୍ରବୀର ନାୟକ

### ପଟ୍ଟାମୁଣ୍ଡାଇ ଅଞ୍ଚଳରେ ଅସନ୍ତୋଷ ଦାନା ବାନ୍ଧୁଛି



ପଟ୍ଟାମୁଣ୍ଡାଇର ଉପଖଣ୍ଡସ୍ତରୀୟ ସ୍ୱାସ୍ଥ୍ୟକେନ୍ଦ୍ର ଉପରେ ପଟ୍ଟାମୁଣ୍ଡାଇ ସମେତ ଆଳି, ରାଜନଗର, ମହାକାଳପଡ଼ା, ରାଜକନିକା ବ୍ଲକର ବହୁ ରୋଗୀ ଚିକିତ୍ସା ପାଇଁ ଆସିଥାନ୍ତି। ହେଲେ ଏଠାରେ ଡାକ୍ତରଙ୍କ ଅଭାବ ଯୋଗୁ ଠିକ୍ ସମୟରେ ଚିକିତ୍ସା ମିଳୁନାହିଁ। ଏଠାରେ ୨ ଜଣ ବିଶେଷଜ୍ଞ ଡାକ୍ତରଙ୍କ ସହ ୭ ଜଣ ଡାକ୍ତର ରହିଛନ୍ତି। ଶିଶୁ, ଭେଷଜ ଏବଂ ସ୍ତ୍ରୀ ଓ ପ୍ରସୂତି ପରି ଗୁରୁତ୍ୱପୂର୍ଣ୍ଣ ବିଭାଗରେ ଡାକ୍ତରଙ୍କ ପଦବୀ ଖାଲି ପଡିଛି। ତେଣୁ ସାମାନ୍ୟ କିଛି ଅସୁବିଧା ହେଲେ ବି ଅଧିକ ଖର୍ଚ୍ଚ କରି ବାହାରକୁ ଚିକିତ୍ସା ପାଇଁ ରୋଗୀଙ୍କୁ ଯିବାକୁ ପଡୁଛି। ଏହାକୁ ନେଇ ପଟ୍ଟାମୁଣ୍ଡାଇ ଅଞ୍ଚଳରେ ଅସନ୍ତୋଷ ଦାନା ବାନ୍ଧୁଛି।

– ବୁଦ୍ଧିଜୀବୀ ରମେଶ ଦେ

## ଆଜି ଚାନ୍ଦୋଳ ବଜାରରେ ଭସାଣି

### ସରିଲା ଗଜଲକ୍ଷ୍ମୀ ପୂଜା

ଡେରାବିଶ , ୧୪।୧୦(ବେବର୍ତ୍ତା ଅଜୟ ଦାସ)

ଡେରାବିଶ ବ୍ଲକ ଅଞ୍ଚଳର ଗଣପର୍ବଭାବେ ପରିଚିତ ଗଜଲକ୍ଷ୍ମୀ ପୂଜା ମଙ୍ଗଳବାର ନବମ ଦିନରେ ପହଞ୍ଚିଛି। ବୁଧବାର ଭସାଣି ଉତ୍ସବ ଅନୁଷ୍ଠିତ ହେବ। କୁମାର ପୂର୍ଣ୍ଣିମାଠାରୁ ବ୍ଲକର ୭୦ରୁ ଊର୍ଦ୍ଧ୍ୱ ପୂଜା ମଣ୍ଡପରେ ମା' ଗଜଲକ୍ଷ୍ମୀଙ୍କୁ ଆବାହନ କରାଯାଇଥିଲା। ସେଥିମଧ୍ୟରୁ ଚାନ୍ଦୋଳ ବଜାରରେ ସର୍ବାଧିକ ୧୮ଟି ମଣ୍ଡପ ସ୍ଥାନ ପାଇଥିଲା। ପ୍ରତ୍ୟହ ସନ୍ଧ୍ୟାରେ ପୂଜା ମଣ୍ଡପ ନିକଟରେ ବହୁ ଶ୍ରଦ୍ଧାଳୁଙ୍କ ଭିଡ ପରିଲକ୍ଷିତ ହୋଇଥିଲା। ଏପରିକି ସାଂସ୍କୃତିକ କାର୍ଯ୍ୟକ୍ରମ ଦେଖିବାକୁ ରାତି ୧୧ଟା ପର୍ଯ୍ୟନ୍ତ ଶ୍ରଦ୍ଧାଳୁ ମଣ୍ଡପ ନିକଟରେ ଉପସ୍ଥିତ ରହିଥିଲେ। ଏହି ଅବସରରେ ଭସାଣି ନିମନ୍ତେ ପ୍ରଶାସନିକ ପ୍ରସ୍ତୁତି ସରିଛି। ଭସାଣି ଉତ୍ସବକୁ ଶୃଙ୍ଖଳାର ସହ ସମ୍ପନ୍ନ ପାଇଁ ପ୍ରଶାସନ ପକ୍ଷରୁ ବିଭିନ୍ନ ପୂଜା କମିଟି ବ୍ୟବସାୟୀ ସଂଘ ଓ ଶାନ୍ତି କମିଟି ସହିତ ଆଲୋଚନା କରାଯାଇଛି। ମଙ୍ଗଳବାର ସନ୍ଧ୍ୟାରୁ ଛତା ଓ ଓଲଢି ଛକଠାରେ ଭସାଣି ଉତ୍ସବ ଆରମ୍ଭ ହୋଇଛି। ଚାନ୍ଦୋଳ ବଜାରରେ ବୁଧବାର ଅପରାହ୍ନ ୩ଟାରୁ ଭସାଣି ଉତ୍ସବ ଅନୁଷ୍ଠିତ ହେବ। ଛତା ଓ ଓଲଢି ଛକରେ ଭସାଣି ଉତ୍ସବକୁ ଶୃଙ୍ଖଳିତ କରିବାକୁ ଡେରାବିଶ ଥାନା ପକ୍ଷରୁ ବ୍ୟାପକ ବ୍ୟବସ୍ଥା ଗ୍ରହଣ କରାଯାଇଛି। ଆଇଆଇସି ଅମ୍ବିକା ପ୍ରସାଦ ଦାସଙ୍କ ନେତୃତ୍ୱରେ ବ୍ୟାପକ ଫୋର୍ସ ମୂତୟନ କରାଯାଇଛି। ଚାନ୍ଦୋଳ ବଜାରରେ ଭସାଣି ଉତ୍ସବ ଅପରାହ୍ନ ୩ଟାରୁ ଆରମ୍ଭ ହୋଇ ରାତି ୧୧ଟା ମଧ୍ୟରେ ସମ୍ପନ୍ନ କରାଯିବା ନେଇ ପ୍ରଶାସନିକ ସ୍ତରରେ ନିର୍ଦ୍ଦେଶନାମା ପ୍ରକାଶ ପାଇଛି।

## ଗହୀରମଥା ମହୋତ୍ସବ କମିଟିର ପ୍ରସ୍ତୁତି ବୈଠକ

ମହାକାଳପଡ଼ା, ୧୪।୧୦ (ପ୍ରତାପ ଚନ୍ଦ୍ର ସ୍ୱାଇଁ)

ମହାକାଳପଡ଼ା ବ୍ଲକ ସୁନିତିପଞ୍ଚାୟତସ୍ଥିତ ଜଗରୀଜୋର ଜନକଲ୍ୟାଣ ହାଟ କମିଟି ଶ୍ୟାମାକାଳୀ ପଡ଼ିଆଠାରେ ଗହୀରମଥା ମହୋତ୍ସବ କମିଟି ପକ୍ଷରୁ ପ୍ରସ୍ତୁତି ବୈଠକ ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ଅଞ୍ଚଳର ମୁରବୀ, ହାଟ କମିଟି ଓ ଗଣମାଧ୍ୟମ ପ୍ରତିନିଧିଙ୍କ ମିଳିତ ସହଯୋଗରେ ଆଗାମୀ କାଳୀପୂଜା ଅବସରରେ ଗହୀରମଥା ମହୋତ୍ସବ ଅନୁଷ୍ଠିତ ହେବାର କାର୍ଯ୍ୟକ୍ରମ ରହିଛି। ଏହି କାର୍ଯ୍ୟକ୍ରମରେ ସ୍ଥାନୀୟ ବିଧାୟକ ଓ ମନ୍ତ୍ରୀ ଯୋଗ ଦେବାର କାର୍ଯ୍ୟକ୍ରମ ସ୍ଥିର ହୋଇଛି। ଏହି ଅଞ୍ଚଳର ଗହୀରମଥା ସାମୁଦ୍ରିକ ଅଭୟାରଣ୍ୟ ଅଞ୍ଚଳ ଥିବାରୁ ମହୋତ୍ସବ କିଭଳି ସରସ ସୁନ୍ଦର ସମାପନ କରାଯିବ ସେଥିପାଇଁ ଉପସ୍ଥିତ ସଦସ୍ୟମାନଙ୍କ ସହଯୋଗ କରିବାକୁ ଆଲୋଚନା ହୋଇଥିଲା। ଏହି ବୈଠକରେ ମହୋତ୍ସବ କମିଟି ସଭାପତି ସମରେନ୍ଦ୍ର ମାହାଳି, ହାଟ କମିଟି ପକ୍ଷରୁ ଗଗନ କୁମାର ପ୍ରଧାନ, ମନୋଜ କୁମାର ପାତ୍ର, ରାଜୁ ଭୂୟାଁ, ଗୋବିନ୍ଦ ଚନ୍ଦ୍ର ଦାସ, ରତ୍ନାକର ନାୟକ, ବାଣୀ ଭୂଷଣ ନାୟକ, ପବିତ୍ର ଚୌଧୁରୀ, ବିରଞ୍ଚି ନାରାୟଣ ଦାସ, ଅଶୋକ କୁମାର ସ୍ୱାଇଁ, ସୁବାସ ସ୍ୱାଇଁ, କଳ୍ପତରୁ ସାମଲ, ଚିତ୍ତରଞ୍ଜନ ଜେନା, ପ୍ରଦୀପ ଦାସ, ଅନୁପ ମଣ୍ଡଳ, ବିମଳ ଗନ୍ତାୟତ, ଅଶୋକ ମହୋତାଙ୍କ ସମେତ ଅନ୍ୟ ସଦସ୍ୟମାନେ ଉପସ୍ଥିତ ଥିଲେ।

## ମଣ୍ଡଳସ୍ତରୀୟ ବିଜ୍ଞାନ ସେମିନାର ଉଦ୍‌ଯାପିତ




କାର୍ଯ୍ୟକ୍ରମରେ ମଞ୍ଚାସୀନ ଅତିଥି।

ରାଜକନିକା,୧୪।୧୦
(ରବୀନ୍ଦ୍ର ଦାସ/ସଞ୍ଜୟ କୁମାର ଦାଶ)

ରାଜକନିକା ମଣ୍ଡଳସ୍ତରୀୟ ବିଜ୍ଞାନ ସେମିନାର ପଞ୍ଚାୟତ ନୋଡାଲ ହାଇସ୍କୁଲ, ଜୟନଗର ପରିସରରେ ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମକୁ ଏସ୍‌ଏନ୍ ମହାବିଦ୍ୟାଳୟର ପ୍ରାଧ୍ୟାପିକା ଡ. ମିଥିଲା ଦାସ ମୁଖ୍ୟଅତିଥି ଭାବେ ଯୋଗଦେଇ ଉଦ୍‌ଘାଟନ କରିଥିଲେ। ରାଜକନିକା ମଣ୍ଡଳ ସମିତି ବିଜ୍ଞାନ ସଭାପତି ସଞ୍ଜୟ କୁମାର ସାମଲଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ମୁଖ୍ୟବକ୍ତା ଭାବେ ଏସ୍‌ଏନ୍ ମହାବିଦ୍ୟାଳୟର ପ୍ରଫେସର ଡ. ଫକିର ଚନ୍ଦ୍ର ପ୍ରଧାନ, ସମ୍ମାନିତ ଅତିଥି ଭାବେ ମଣ୍ଡଳ ଅତିରିକ୍ତ ଶିକ୍ଷା ଅଧିକାରୀ କୈଳାସ ଚନ୍ଦ୍ର ସାହୁ, ନୋଡାଲ ପ୍ରଧାନ ଶିକ୍ଷକ ଧର୍ମଜ୍ୟୋତି ରାଉତ ପ୍ରମୁଖ ଯୋଗଦେଇଥିଲେ। ରାଜକନିକା ମଣ୍ଡଳ ବିଜ୍ଞାନ ସଂଯୋଜକ ନିରଞ୍ଜନ ବେହେରାଙ୍କ ସଂଯୋଜନାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ରାଜକନିକା ବ୍ଲକର ୩୫ ଉଚ୍ଚ ବିଦ୍ୟାଳୟରୁ ୩୫ ମନୋନୀତ ଛାତ୍ରୀଛାତ୍ର ସକ୍ରିୟ ଅଂଶଗ୍ରହଣ କରିଥିଲେ। ଏହି ବିଜ୍ଞାନ ସେମିନାରରେ ବିଚାରପତି ଭାବେ ଏସ୍‌ଏନ୍ ମହାବିଦ୍ୟାଳୟର ପଦାର୍ଥ ବିଜ୍ଞାନର ଅଧ୍ୟାପିକା ଜ୍ୟୋତି ପୁଷ୍ପା ବେହେରା ଓ ଗଣିତ ବିଭାଗର ଅଧ୍ୟାପକ ଦୀପକ କୁମାର ପ୍ରଧାନ ଯୋଗଦେଇ କୃତୀ ପ୍ରତିଯୋଗୀଙ୍କୁ ଚୟନ କରିଥିଲେ। ଉଦ୍‌ଯାପାନୀ ଉତ୍ସବରେ ମୁଖ୍ୟ ଅତିଥି ଭାବେ ବିଇଓ ରତିକାନ୍ତ ସେନାପତି ଯୋଗଦେଇ କୃତୀ ଛାତ୍ରୀଛାତ୍ରଙ୍କୁ ପୁରସ୍କୃତ କରିଥିଲେ। ଏହି ଅବସରରେ ପଞ୍ଚାୟତ ନୋଡାଲ ହାଇସ୍କୁଲର ପ୍ରଧାନ ଶିକ୍ଷକ ରତିକାନ୍ତ ରାଉତ ସ୍ୱାଗତ ଭାଷଣ ଦେଇଥିଲେ। ପଞ୍ଚାୟତ ନୋଡାଲ ହାଇସ୍କୁଲର ସମସ୍ତ ଶିକ୍ଷୟିତ୍ରୀଶିକ୍ଷକ ସହଯୋଗ କରିଥିଲେ।

## ଗହୀରମଥାରେ ଡଲ୍‌ଫିନଙ୍କ ଜଳକ୍ରୀଡ଼ା

ମହାକାଳପଡ଼ା,୧୪।୧୦ (ପ୍ରତାପ ଚନ୍ଦ୍ର ସ୍ୱାଇଁ)



ଗହୀରମଥା ସାମୁଦ୍ରିକ ଅଭୟାରଣ୍ୟ ଅଞ୍ଚଳ ନୀଳ ଜଳରାଶିରେ ଡଲଫିନ୍ ଜଳ କ୍ରୀଡା।

ପ୍ରାକୃତିକ ପରିବେଶ ଶୋଭା ମନୋମୁଗ୍ଧକରେ, ପର୍ଯ୍ୟଟକମାନଙ୍କୁ ଆକର୍ଷିତ କରିଥାଏ। ବିଶ୍ୱ ପ୍ରସିଦ୍ଧ ଚିଲିକା ହ୍ରଦର ଡଲଫିନ କେନ୍ଦ୍ରାପଡ଼ା ଜିଲା ଗହୀରମଥା ସାମୁଦ୍ରିକ ଅଭୟାରଣ୍ୟ ଅଞ୍ଚଳର ନୀଳ ଜଳରାଶିରେ କିଛିବର୍ଷ ଧରି ଦେଖିବାକୁ ମିଳୁଛନ୍ତି। ବିଶେଷକରି ବିରଳ ପ୍ରଜାତିର ଇରାୱାଡ଼ି, ଗାଙ୍ଗେଟକ, ବଟଲନୋଜ, ହମ୍ପବେକ୍ , ଷ୍ଟିପେଡ଼ ଭଳି ଡଲଫିନ ଗଭୀର ସମୁଦ୍ରରୁ ଗହୀରମଥା ସାମୁଦ୍ରିକ ଅଞ୍ଚଳ ଅଭିମୁଖେ ଆସୁଥିବା ପରିବେଶବିତ୍‌ମାନେ କହିଛନ୍ତି। ଏଠାରେ ଡଲଫିନ୍ ଜଳକ୍ରୀଡ଼ା କରୁଥିବା ଦେଖିବାକୁ ମିଳିଛି।

ବିଶେଷକରି ଧାମରା ମୁହାଣଠାରୁ ମହାନଦୀ ତ୍ରିକୋଣ ଭୂମି ମୁହାଣ ପର୍ଯ୍ୟନ୍ତ ୧୪୨୦ ବର୍ଗ କିମି ଅଞ୍ଚଳରେ ଅଲିଭ ରିଡ୍‌ଲେ କଇଁଛ, ଡଲଫିନ, ନୀଳରକ୍ତ କଙ୍କଡ଼ା, ଜେଲିଫିସ୍, ହର୍ଣ୍ଣୁ କ୍ରାବ୍, ନାଲି ରଙ୍ଗର କଙ୍କଡ଼ା ଭଳି ବିରଳ ପ୍ରଜାତିର ମାଛ, ସାମୁଦ୍ରିକ ଜଳଜୀବ ଦେଖିବାକୁ ମିଳେ। ଏହି ସାମୁଦ୍ରିକ ବିରଳ ପ୍ରଜାତିର ଜଳଜୀବ ବିଶେଷ କରି ପ୍ରଶାନ୍ତ ମହାସାଗରୀୟ ଜଳବାୟୁରେ ବହୁଳ ଭାବେ ଦେଖିବାକୁ ମିଳନ୍ତି। ଅପରପକ୍ଷରେ ଏମାନଙ୍କ ବିପଦ ସୃଷ୍ଟି କରୁଛି ବଡ଼ ବଡ଼ ଜାହାଜ ଚଳାଚଳ ଓ ଟ୍ରଲରମାନଙ୍କ ଗାଞ୍ଜି ଜାଲରେ ପଡ଼ିବା ଆଶଙ୍କା ରହିଛି ବୋଲି କୁହାଯାଇଛି। ପୂର୍ବବର୍ଷଗୁଡ଼ିକରେ ଡଲଫିନ ନୀଳ ଜଳ ରାଶିରେ ବିଶେଷଜ୍ଞ ଦଳ ୫ ଶହରୁ ଅଧିକ ଗଣନା କରଯାଇଥିଲା ବୋଲି ବିଭାଗୀୟ ସୂତ୍ରରୁ କୁହାଯାଇଛି। ସେହିପରି ବିସ୍ତୀର୍ଣ୍ଣ ସାମୁଦ୍ରିକ ଜଳରାଶିରେ ହାବେଳି ଖଟି, ଏକକୁଳା ନାଶି, ବାବୁବାଲି, ସାତଭାୟା, ଅଗର ନାଶି, ହୁକିଟୋଲା, ଲାଞ୍ଚଘୋଲା, ଷୋଳ ମୁହାଣ, ମାଦଳି ଓ ମହାନଦୀ ତ୍ରିକୋଣ ଭୂମି ଅବବାହିକାରେ ଡଲଫିନ ଜଳକ୍ରୀଡ଼ାରେ ଦେଖିବାକୁ ମିଳେ। ଏମାନଙ୍କ ନିରାପଦ ସୁରକ୍ଷା ପାଇଁ ଗହୀରମଥା ସାମୁଦ୍ରିକ ଅଭୟାରଣ୍ୟ ବନ ବିଭାଗ ଅଧୀନରେ ଅବସ୍ଥିତ ରହିଛି। ଅପରପକ୍ଷରେ ଗହୀରମଥା ସ୍ଥଳ ଭାଗରେ ଲୁଣା ହେନ୍ତାଳ ଜଙ୍ଗଲ, ତଣ୍ଡା ବେଳାଭୂମି ଝାଉଁବଣ ପରିବେଶରେ ହରିଣ, ବାଘ୍ରା, ହେଏନା, ବଣ ବିରାଡ଼ି, ଅରଣା ମଇଁଷି, ଶିଆଳ, ବିଭିନ୍ନ ସରୀସୃପ ଆଦି ଅଞ୍ଚଳରେ ଦେଖିବାକୁ ମିଳେ ବୋଲି ବୁଦ୍ଧିଜୀବୀ ବିରଞ୍ଚି ନାରାୟଣ ଦାସ ଓ ସୁବାସ ସ୍ୱାଇଁ ପ୍ରମୁଖ କହିଛନ୍ତି। ଏ ସଂକ୍ରାନ୍ତରେ ଗହୀରମଥା ସାମୁଦ୍ରିକ ଅଭୟାରଣ୍ୟ ରେଞ୍ଜ ଅଧିକାରୀ କପିଳ ପ୍ରଧାନଙ୍କୁ ପଚାରିବାରେ ପାଣିପାଗ ଜଳବାୟୁକୁ ନେଇ ବିଶେଷଜ୍ଞ ଦଳ ଡଲଫିନ ଗଣନା ଆରମ୍ଭ ହୋଇଥାଏ ବୋଲି ସେ କହିଛନ୍ତି।

## ମାର୍ଶାଘାଇରେ ଭିନ୍ନକ୍ଷମ ସାମର୍ଥ୍ୟ ଶିବିର

ମାର୍ଶାଘାଇ,୧୪।୧୦ (ଶୁଭେନ୍ଦୁ ପ୍ରସାଦ ଚୌଧୁରୀ)

ମାର୍ଶାଘାଇ ବ୍ଲକ ପରିସରରେ ବ୍ଲକସ୍ତରୀୟ ଭୀମଭୋଇ ଭିନ୍ନକ୍ଷମ ସାମର୍ଥ୍ୟ ଶିବିର ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୋଟ ୩୬୨ ଭିନ୍ନକ୍ଷମଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରାଯାଇଥିଲା। ଏହାକୁ ବ୍ଲକ ଅଧ୍ୟକ୍ଷା ମଧୁସ୍ମିତା ସାମଲ ଉଦ୍‌ଘାଟନ କରିଥିଲେ। ଏହି କାର୍ଯ୍ୟକ୍ରମରେ ବିଡିଓ ପଞ୍ଚାନନ ମଲ୍ଲିକ, ଜିଲା ଭାରପ୍ରାପ୍ତ ସାମାଜିକ ସୁରକ୍ଷା ଅଧିକାରୀ ସଂଗ୍ରାମ ବେଉରା, ମାର୍ଶାଘାଇ ସମିତି ସଭ୍ୟ ପ୍ରସନ୍ନ କୁମାର ସାହୁ, ସାମାଜିକ କର୍ମୀ ନିଗମ ପ୍ରସାଦ ରଥ, ଉମେଶ ସାହୁ, ବିଘ୍ନେଶ୍ୱର ନାୟକ ପ୍ରମୁଖ ମଞ୍ଚାସୀନ ଥିଲେ। ବ୍ଲକ ସାମାଜିକ ସୁରକ୍ଷା ଅଧିକାରୀ ସୌମ୍ୟରଞ୍ଜନ ମଲ୍ଲିକ କାର୍ଯ୍ୟକ୍ରମ ପରିଚାଳନା କରିଥିବା ବେଳେ ଆର୍ଯ୍ୟ କୁମାର ପୃଥ୍ୱୀରାଜ ନାୟକ, ପ୍ରଗତି ସହାୟକ ପ୍ରିୟାଶ୍ରୀ ନାୟକ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ। ଶିବିରରେ ଦୃଷ୍ଟି ବାଧିତ ୫୪, ଶ୍ରବଣ ବାଧିତ ୪୧, ମାନସିକ ଅନଗ୍ରସର ୫୬ ଶିଶୁ ରୋଗ ୧୯, ପକ୍ଷାଘାତ ଏବଂ ପୋଲିଓ ୪୩, ଅସ୍ଥି ଶଲ୍ୟ ୧୪୯ ନାମ ପଞ୍ଜୀକୃତ କରିଥିଲେ। ଶିବିରରେ ବିଭିନ୍ନ ବିଭାଗର ଡାକ୍ତରମାନେ ଉପସ୍ଥିତ ରହି ପଞ୍ଜୀକୃତ ଆବେଦନକାରୀଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରିଥିଲେ।

## ଦେବୀ ନଦୀ ପଠାରୁ ମୃତଦେହ ଜବତ

ବାଲିକୁଦା,୧୪।୧୦(ତାପସ ସ୍ୱାଇଁ)

ବାଲିକୁଦା ଥାନା ଅନ୍ତର୍ଗତ ତରାସାହି ପଞ୍ଚାୟତ ନିକଟରେ ପ୍ରବାହିତ ହେଉଥିବା ଦେବୀ ନଦୀରୁ ମୃତଦେହ ଜବତ କରାଯାଇଛି। ନଦୀରେ ମୃତଦେହ ଭାସୁଥିବା ଦେଖି ସ୍ଥାନୀୟ ଲୋକେ ବାଲିକୁଦା ଥାନା ସମେତ ଅଗ୍ନିଶମ ବିଭାଗକୁ ଅବଗତ କରାଇଥିଲେ। ଖବରପାଇ ବାଲିକୁଦା ଥାନା ଅଧିକାରୀ, ବାଲିକୁଦା ଅଗ୍ନିଶମ ବିଭାଗ କର୍ମଚାରୀ, ଘଟଣାସ୍ଥଳରେ ପହଞ୍ଚି ମୃତଦେହ ଜବତ କରିଛି। ଏଥିସହ ନଂ.୨୪/୨୫ରେ ଏକ ଅପମୃତ୍ୟୁ ମାମଲା ରୁଜୁ କରି ଜଗତସିଂହପୁର ଚିକିତ୍ସାଳୟକୁ ମୃତଦେହ ବ୍ୟବଚ୍ଛେଦ ପାଇଁ ପଠାଇଛି। ଏସମ୍ପର୍କରେ ବାଲିକୁଦା ଥାନା ଅଧିକାରୀ ସୁଶାନ୍ତ କୁମାର ସାହୁ ପତି କହିଛନ୍ତି, ସୋମବାର କଟକ ବଇଆଳିଶି ମୌଜା ଥାନା ଅଞ୍ଚଳରେ ୨ ନାବାଳକ ଦେବୀ ନଦୀରେ ବୁଡି ଥିଲେ। ସେମାନଙ୍କ ମଧ୍ୟରୁ ଜଣଙ୍କ ମୃତଦେହ ଜବତ କରାଯାଇଥିବା ବେଳେ ଅନ୍ୟ ଜଣେ ଯୁବକ ନିଖୋଜ ଥିଲା ବୋଲି ସୂଚନା ଥିଲା। ଏହି ଆଧାରରେ ଉକ୍ତ ଥାନା ସହ ଯୋଗାଯୋଗ କରିବାରୁ ଏହି ମୃତ ଦେହ ଉକ୍ତ ଥାନା ଅଧୀନ ବସନ୍ତକୁଣ୍ଡଳ ଗ୍ରାମର ବିନୋଦ କୁମାର ବାରିକଙ୍କ ୧୨ ବର୍ଷର ନାବାଳକ ପୁତ୍ର ସାଗର କୁମାର ବାରିକଙ୍କ ବୋଲି ଜଣାପଡ଼ିଛି। ସେ ସୋମବାର କ୍ରିକେଟ ଖେଳୁଥିବାବେଳେ ବଲ ନଦୀରେ ପଡିଯିବାରୁ ତାକୁ ଆଣିବାକୁ ଯାଇ ପାଣିରେ ବୁଡ଼ିଯାଇଥିଲେ। ଖବରପାଇ ଉକ୍ତ ପରିବାର ଲୋକେ ଜଗତସିଂହପୁର ମୁଖ୍ୟ ଚିକିତ୍ସାଳୟରେ ପହଞ୍ଚି ମୃତଦେହ ବ୍ୟବଚ୍ଛେଦ ପରେ ଆବଶ୍ୟକ ପ୍ରମାଣପତ୍ର ଯାଞ୍ଚ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଛି।

## ଭୁବନେଶ୍ୱରରୁ ଯୁବକଙ୍କ ଗଳିତ ମୃତଦେହ ଜବତ

ଏରସମା, ୧୪। ୧୦(ଦୀପ୍ତି ଖଣ୍ଡୁଆଳ)

ଏରସମା ଥାନା ଅନ୍ତର୍ଗତ ଗୋଡ଼ା ଗ୍ରାମର ଜଣେ ଅବିବାହିତ ଯୁବକଙ୍କ ଗଳିତ ମୃତଦେହ ଭୁବନେଶ୍ୱରସ୍ଥିତ ଏକ ଭଡା ଘରୁ ମଙ୍ଗଳବାର ପୋଲିସ ଜବତ କରାଯାଇଛି। ସେ ହେଲେ ପ୍ରସନ୍ନ ବିଶ୍ୱାଳ ( ୨୮ )। ମିଳିଥିବା ଖବର ଅନୁସାରେ, ପ୍ରସନ୍ନ ଭୁବନେଶ୍ୱରସ୍ଥିତ ଏକ ବ୍ୟବସାୟିକ ସଂସ୍ଥାରେ ମାର୍କେଟିଂ ଦାୟିତ୍ୱରେ ଥିଲେ। ସେ ରହିଥିବା ଭଡା ଘର ୨ ଦିନ ହେବ ପଛପଟୁ ବନ୍ଦ ଥିଲା। ମଙ୍ଗଳବାର ଦୁର୍ଗନ୍ଧ ହେବାରୁ ଘର ମାଲିକ କବାଟ ତାଡି ଦେଖିବାରୁ ବାଥରୁମ ସାୱାରରେ ପସନ୍ନଙ୍କ ଝୁଲନ୍ତା ମୃତଦେହ ଦେଖିଥିଲେ। ମୃତକଙ୍କ ବାପା ସୁଶାନ୍ତ ବିଶ୍ୱାଳଙ୍କ ଅଭିଯୋଗକ୍ରମେ ବରଗଡ଼ ଥାନାରେ ମାମଲା ରୁଜୁ କରାଯିବା ସହ ମୃତଦେହ ବ୍ୟବଚ୍ଛେଦ କରାଯାଇଛି। ପ୍ରେମ ବ୍ୟାପାରକୁ ନେଇ ପ୍ରସନ୍ନ ଆତ୍ମହତ୍ୟା କରିଥିବା କେତେଜଣ କହୁଥିବା ବେଳେ ଆଉ କେତେଜଣ ତାଙ୍କ ମୃତ୍ୟୁ ପଛରେ ଅନ୍ୟ କାହାର ସମ୍ପୃକ୍ତିକୁ ସନ୍ଦେହ କରିଛନ୍ତି। ଏହି ମାମଲାର ଉପଯୁକ୍ତ ତଦନ୍ତ କରିବା ପାଇଁ ବାପା ସୁଶାନ୍ତ ନିବେଦନ କରିଛନ୍ତି।

## କ୍ଲଷ୍ଟରସ୍ତରୀୟ ସୁରଭି ପ୍ରତିଯୋଗିତା



କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଉଛି।

ପାଟକୁରା, ୧୪।୧୦ (ରବୀନ୍ଦ୍ର ନାଥ ବାରିକ)

ଗରଦପୁର ବ୍ଲକର ଚିତ୍ରୋତ୍ପଳା ବାଳିକା ଉଚ୍ଚ ବିଦ୍ୟାଳୟରେ ସାନଅଢ଼ଙ୍ଗା କ୍ଲଷ୍ଟରସ୍ତରୀୟ ଶିଶୁ ମହୋତ୍ସବ ସୁରଭି ପ୍ରତିଯୋଗିତାରେ କୋରୁଆ ମହିଳା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଛାତ୍ରୀମାନେ କୃତିତ୍ୱ ଅର୍ଜନ କରିଛନ୍ତି। ବିଦ୍ୟାଳୟର ଛାତ୍ରୀ ପ୍ରିୟଙ୍କା ପ୍ରିୟଦର୍ଶିନୀ ଦାଶ ତର୍କରେ ପ୍ରଥମ ସ୍ଥାନ ଅଧିକାର କରିଥିବାବେଳେ ଲିସାରାଣୀ ଜେନା ସଙ୍ଗୀତରେ ପ୍ରଥମ, ସ୍ୱାତୀ ଶୁଭସ୍ମିତା ସାହୁ ସୃଜନଶୀଳ ଲେଖାରେ ପ୍ରଥମ, ଦୀପିକା ଦାସ ଚିତ୍ରାଙ୍କନରେ ପ୍ରଥମ, ବସୁନ୍ଧରା ସାହୁ ପ୍ରବନ୍ଧରେ ପ୍ରଥମ, ଏସ୍. ଶୁଭମ୍ ସ୍ୱାଇଁ ସାଧାରଣଜ୍ଞାନରେ ପ୍ରଥମ ସ୍ଥାନ ଅଧିକାର କରି ବ୍ଲକସ୍ତରୀୟ ପ୍ରତିଯୋଗିତା ପାଇଁ ଯୋଗ୍ୟ ବିବେଚିତ ହୋଇ ପ୍ରମାଣପତ୍ର ଗ୍ରହଣ କରିଛନ୍ତି। ଏହି କୃତିତ୍ୱ ପାଇଁ ବିଦ୍ୟାଳୟର ଅଧକ୍ଷ ସୁବାସ ଚନ୍ଦ୍ର ଜେନା ଛାତ୍ରୀମାନଙ୍କୁ ଶୁଭେଚ୍ଛା ଜଣାଇଥିଲେ। ଛାତ୍ରୀମାନଙ୍କୁ ଦିଗଦର୍ଶନ ଦେଇଥିବା ଅଧାପିକା ମଧୁସ୍ମିତା ନାଏକ, ପ୍ରଭାସିନୀ ବାରିକ, ଅଧାପକ ପ୍ରତାପ କୁମାର ଦାସଙ୍କୁ ଧନ୍ୟବାଦ ଜଣାଇଛନ୍ତି।

## ସ୍ତ୍ରୀଙ୍କୁ ମରଣାନ୍ତକ ଆକ୍ରମଣ କଲେ ସ୍ୱାମୀ

ବାଲିକୁଦା ,୧୪।୧୦(ତାପସ ସ୍ୱାଇଁ)

ବାଲିକୁଦା ଥାନା କୁସୁପୁର ପଞ୍ଚାୟତ ଅନ୍ତର୍ଗତ ନେନ୍ଦେରା ଗ୍ରାମର ଲଳିତା ସାହୁଙ୍କୁ ସ୍ୱାମୀ ବୁଧେଶ୍ୱର ସାହୁ ମରଣାନ୍ତକ ଆକ୍ରମଣ କରି ଅଚେତ କରିଦେଇଥିବା ଅଭିଯୋଗ ହୋଇଛି। ଏନେଇ ଭାଇ ଶକ୍ତିପଦ ପରିଡା ଥାନାରେ ଅଭିଯୋଗ କରିଛନ୍ତି। ତାଙ୍କ ଅଭିଯୋଗ ଅନୁଯାୟୀ, ଲଳିତାଙ୍କୁ ମାଡ଼ମାରି ବେହୋସ କରି ବୁଧେଶ୍ୱର ଏକ ଘରେ କବାଟ ବନ୍ଦ କରି ରଖିଥିଲେ। ଶକ୍ତିପଦ ଓ ତାଙ୍କ ସହଯୋଗୀ ଖବରପାଇ ଭଉଣୀଙ୍କୁ ଉଦ୍ଧାର କରିବାକୁ ଯାଇଥିବାବେଳେ ସେମାନଙ୍କୁ ମଧ ମାରଣାସ୍ତ୍ରରେ ଆକ୍ରମଣ କରାଯାଇଥିଲା। ଏହାପରେ ଶକ୍ତିପଦ ପୋଲିସ ହେଲ୍‌ପଲାଇନ୍ ନମ୍ବର ୧୧୨କୁ କଲ୍ କରିବା ପରେ ସମସ୍ତଙ୍କୁ ଉଦ୍ଧାର କରାଯାଇଛି। ଏନେଇ ଥାନାରେ ମାମଲା (ନଂ. ୪୭୨/୨୫) ରୁଜୁ କରାଯାଇଛି। ବାଲିକୁଦା ମେଡିକାଲରେ ଲଳିତାଙ୍କ ଚିକିତ୍ସା କରାଯାଇଥିବା ବେଳେ ତାଙ୍କ ବେକରେ ବଡ଼ ଦାଗ ରହିଛି। ପୂର୍ବରୁ ମଧ ବୁଧେଶ୍ୱର ସ୍ତ୍ରୀଙ୍କୁ ଆକ୍ରମଣ କରିଥିଲେ। ଭଦ୍ର ଲୋକଙ୍କ ସହାୟତାରେ ଏହାର ସମାଧାନ ହୋଇଥିଲା ବୋଲି ଅଭିଯୋଗରେ ଦର୍ଶାଯାଇଛି। ଅଭିଯୋଗକୁ ଭିତ୍ତି କରି ବୁଧେଶ୍ୱରଙ୍କୁ ବାଲିକୁଦା ପୋଲିସ ଥାନାରେ ଅଟକ ରଖିଛି।

## କ୍ଷୁଦ୍ର ଶିଳ୍ପ ଅଧିକ ନିଯୁକ୍ତି ସୃଷ୍ଟି କରେ: ମନ୍ତ୍ରୀ ସମ୍ପଦ

### ଏମ୍‌ଏସ୍‌ଏମ୍‌ଇ ପକ୍ଷରୁ ଉଦ୍ୟୋଗ ମେଳା




ମେଳାରେ ମନ୍ତ୍ରୀ ସମ୍ପଦ ସ୍ୱାଇଁ, ଏମ୍‌ପି ବିଭୁପ୍ରସାଦ ତରାଇ ଓ ଅତିଥି।

ପାରାଦୀପ,୧୪।୧୦(ଶରତ ରାଉତ)

ସ୍ଥାନୀୟ ମଧୁବନ ବିଜୁ କନ୍‌ଭେନଶନ ପରିସରରେ ମଙ୍ଗଳବାର ଏମଏସ୍‌ଏମଇ (ଅଣୁ କ୍ଷୁଦ୍ର ମଧ୍ୟମ ଉଦ୍ୟୋଗ) ବିଭାଗ (କେନ୍ଦ୍ର ସରକାର)ପକ୍ଷରୁ ଉଦ୍ୟୋଗ ମେଳା ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୁଖ୍ୟ ଅତିଥିଭାବେ ସ୍ଥାନୀୟ ବିଧାୟକ ତଥା ଶିଳ୍ପ ମନ୍ତ୍ରୀ ସମ୍ପଦ ସ୍ୱାଇଁ ଯୋଗ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ଏମ୍‌ପି ବିଭୁପ୍ରସାଦ ତରାଇ, ବନ୍ଦର ଅଧକ୍ଷ ପି.ଏଲ ହାରାନ୍ଧ, ତୈଳବିଶୋଧନାଗାର ନିର୍ବାହୀ ନିର୍ଦ୍ଦେଶକ କୌଶିକ ବାସୁ, ଇଫ୍‌କୋ ୟୁନିଟ ମୁଖ୍ୟ ପ୍ରଦୀପ କୁମାର ମହାପାତ୍ରଙ୍କ ସମେତ ଅନ୍ୟ ଶିଳ୍ପ ସଂସ୍ଥା ପ୍ରତିନିଧି ଓ ବିଭାଗୀୟ ଅଧିକାରୀମାନେ ଯୋଗ ଦେଇଥିଲେ। ପାରାଦୀପରେ ଏଭଳି ଉଦ୍ୟୋଗ କରିବା ସମ୍ପର୍କରେ ମନ୍ତ୍ରୀ ସ୍ୱାଇଁ କହିଥିଲେ ଏଠାରେ ବୃହତ ଶିଳ୍ପ ଅଛି। ଉକ୍ତ ଶିଳ୍ପର ଚାହିଦା ମୁତାବକ ଆନୁଷଙ୍ଗିକ ସାମଗ୍ରୀ ଯଥା ହେଲମେଟ, ୟୁନିଫର୍ମ, ଜୋତା, ଜରି ବ୍ୟାଗ, ନଟ୍‌ବୋଲ୍ଟ ଠାରୁ ଆରମ୍ଭ କରି ଯାବତୀୟ ସାମଗ୍ରୀ ଛୋଟ ଶିଳ୍ପଠାରୁ କ୍ରୟ କରିବା ପାଇଁ ନିୟମ ଅଛି। ତେଣୁ କ୍ଷୁଦ୍ର ଶିଳ୍ପ କରିବା ପାଇଁ ସରକାର ଏପରି ପଦକ୍ଷେପ ନେଉଛନ୍ତି।ଏହି କ୍ଷୁଦ୍ର ଶିଳ୍ପ ହିଁ ଅଧିକ ନିଯୁକ୍ତି ସୃଷ୍ଟି କରିବ ବୋଲି ସେ କହିଥିଲେ। ଏହି ଅବସରରେ କେତେକ କମ୍ପାନୀ ସେହି ହଲ ଭିତରେ ଷ୍ଟଲ କରିଥିଲେ।

ସୂଚନାଯୋଗ୍ୟ ଜଗତସିଂହପୁର ଜିଲାରେ ଏମଏସଏମଇ ପକ୍ଷରୁ ଯେଉଁ କେତେକ କ୍ଷୁଦ୍ର ଶିଳ୍ପ କରାଯାଇଛି ସେଗୁଡିକ ହେଉଛି ଗାରମେଣ୍ଟ ,ଇଟା, ଓ ଅନ୍ୟ ବ୍ୟବସାୟ। ୟୁନିଫର୍ମ, ଜୋତା, ଇଣ୍ଡଷ୍ଟ୍ରି ହେଲମେଟ ଆଦି ୟୁନିଟ ନାହିଁ ବୋଲି ଜଣାପଡିଛି। ପାରାଦୀପର ୧୫ ବୃହତ୍ ଶିଳ୍ପ ସଂସ୍ଥା ତାଙ୍କର ଆବଶ୍ୟକ ସାମଗ୍ରୀ ବାହାରୁ କିଣୁଛନ୍ତି। ପ୍ରତିବର୍ଷ ବିଭାଗ ପକ୍ଷରୁ ଏମିତି ଭବ୍ୟ ଆୟୋଜନ କରାଯାଉଛି ବୋଲି ଜଣାପଡିଛି।୨୦୧୫ ରେ କୁହାଯାଇଥିଲା କାଠ ଶିଳ୍ପ ହେବ।୨୦୨୦ରେ ଶୁଖୁଆ ଶିଳ୍ପ ହେବ। ୨୦୧୭ ରେ ଘୋଷଣା କରାଗଲା ଦୀପକ ଫର୍ଟିଲାଇଜର, ଏଲ୍‌ପିଜି ଟର୍ମିନାଲ ହେବ। କିନ୍ତୁ ଏପର୍ଯ୍ୟନ୍ତ ସେପରି କୋଣସି ୟୁନିଟ ହୋଇନାହିଁ। ଅପରପକ୍ଷେ କେତେକ ଶିଳ୍ପ ସଂସ୍ଥା ବନ୍ଦ ହୋଇଯାଇଛି ଏବଂ ଆଉ କେତେକ ବିକ୍ରି ହୋଇଥିବା ଜଣାପଡିଛି।

**OFFICE OF THE SUPERINTENDING ENGINEER, ELECTRICAL CIRCLE (R&B) NIRMAN SOUDHA, BHUBANESWAR**

E-mail : seec.bbsr2010@gmail.com

**Bid Identification No.S.E.E.C (R&B) 15/2025-26**

No. 3689 / Date : 10.10.2025

**No.B-602** : The Superintending Engineer, Electrical Circle (R&B), Odisha, Bhubaneswar on behalf of the Governor of Odisha invites percentage rate bids for E.I. works which are to be received through online bidding, double cover system as detailed in : https://tendersorissa.gov.in. The details of bid documents will be available in the above website from dt.14.10.2025 at 05.00 P.M. to dt.29.10.2025 up to 05.00 P.M. The bidders must possess compatible Digital Signature Certificate of Class II or III. Bids received online shall be opened dt.30.10.2025 at 11.30 A.M. in the Office of the Superintending Engineer, Electrical Circle (R&B), Odisha, Bhubaneswar. Further details can be seen from the e-procurement portal www.tendersorissa.gov.in.

Addendum / Corrigendum, if required, will be available only in the Website.

Sd./- Superintending Engineer
Electrical Circle (R&B), Odisha, BBSR

OIPR-34006/11/0053/2526

# ଖଣ୍ଡୁପୋଖରୀ ପୁନରୁଦ୍ଧାରରେ ଅନିୟମିତତା ଅଭିଯୋଗ

- ଶ୍ରମିକଙ୍କ ଦସ୍ତଖତ ନ ହୋଇ କରାଯାଇଛି ବିଲ୍ ପେମେଣ୍ଟ
- ଦସ୍ତଖତ କରାଇବାକୁ ପଞ୍ଚାୟତରୁ ଫାଇଲ ନେଲେ ତତ୍କାଳୀନ ପିଇଓ



ନୂଆଗାଁ ବ୍ଲକ କାର୍ଯ୍ୟାଳୟ ।

ନୂଆଗାଁ,୧୪।୧୦(ଧନେଶ୍ୱର ସାହୁ)

ନୟାଗଡ ଜିଲା ନୂଆଗାଁ ବ୍ଲକ ଖଣ୍ଡୁଗାଁ ପଞ୍ଚାୟତ ଖଣ୍ଡୁଗାଁ ପୋଖରୀ ପୁନରୁଦ୍ଧାର କାର୍ଯ୍ୟରେ ଅନିୟମିତତା ହୋଇଥିବା ଅଭିଯୋଗ ହୋଇଛି। ଏପରି କି ମଷ୍ଟରରୋଲର କାର୍ଯ୍ୟରେ ନିୟୋଜିତ ଥିବା ଶ୍ରମିକମାନଙ୍କ ଦସ୍ତଖତ ନ ହୋଇ ମଧ୍ୟ ବିଲ୍‌ପେମେଣ୍ଟ କରାଯାଇଥିବା ଅଭିଯୋଗ ହୋଇଛି। ଅନିୟମିତତା ସଂକ୍ରାନ୍ତରେ ଖବରଦାତାଙ୍କ ପାଖରେ ଅଭିଯୋଗ ପହଞ୍ଚିବା ଜାଣିପାରି ଖଣ୍ଡୁଗାଁ ପଞ୍ଚାୟତର ତତ୍କାଳୀନ ପିଇଓ ଉକ୍ତ ଫାଇଲକୁ ଖଣ୍ଡୁଗାଁ ପଞ୍ଚାୟତରୁ ନେଇ ଯାଇଥିବା ଜଣାପଡ଼ିଛି । ଗାଁର ବିକାଶ ସହିତ ସ୍ଥାନୀୟ ଶ୍ରମିକମାନଙ୍କୁ କାମ ଯୋଗାଇ ଦେବା ଉଦ୍ଦେଶ୍ୟରେ ମହାତ୍ମା ଗାନ୍ଧୀ ଜାତୀୟ ଗ୍ରାମୀଣ ନିଶ୍ଚିତ କର୍ମ ନିଯୁକ୍ତି ଯୋଜନାରେ ସରକାର ଅନୁଦାନ ଯୋଗାଇ ଦେଉଛନ୍ତି। କିନ୍ତୁ ଉକ୍ତ ଅନୁଦାନରେ ଠିକ୍‌ଭାବେ କାମ ନ ହୋଇ ଠିକାଦାର, ପଞ୍ଚାୟତ କାର୍ଯ୍ୟନିର୍ବାହୀ ଅଧିକାରୀମାନେ ଲାଭବାନ ହେଉଥିବା ଅଭିଯୋଗ ହେଉଛି। ଏପରି ଏକ ଅଭିଯୋଗ ଖଣ୍ଡୁଗାଁ ପଞ୍ଚାୟତ ଖଣ୍ଡୁଗାଁ ପୋଖରୀ ପୁନରୁଦ୍ଧାର କାର୍ଯ୍ୟରେ ହୋଇଛି। ଉକ୍ତକାର୍ଯ୍ୟ ପାଇଁ ୨୦୨୦ରେ ୯ ଲକ୍ଷ ୪୭ ହଜାର ୮୩୧ ଟଙ୍କା ମଞ୍ଜୁର କରାଯାଇଥିଲା। ସେହି କାମକୁ ଜୁନ୍ ୨୦୨୧ରେ ଆରମ୍ଭ କରାଯାଇ ୫ ଲକ୍ଷ ୫୪ ହଜାର ଟଙ୍କା ପେମେଣ୍ଟ କରାଯାଇଥିବା ଅନ୍‌ଲାଇନ୍ ରିପୋର୍ଟରେ ଦର୍ଶାଯାଇଛି। କିନ୍ତୁ ଏହି କାର୍ଯ୍ୟରେ ସମ୍ପୂର୍ଣ୍ଣ ଅନିୟମିତତା ହୋଇଥିବା ଅଭିଯୋଗ ହେଉଛି। ଏପରିକି ଫାଇଲରେ ଥିବା ମଷ୍ଟରରୋଲରେ ଶ୍ରମିକମାନଙ୍କ ଦସ୍ତଖତ ମଧ୍ୟ କରାଯାଇ ନାହିଁ, କିମ୍ବା ଚେକ୍ ମେଜରମେଣ୍ଟ ଦସ୍ତଖତ ହୋଇଥିବା କଥା ମଧ୍ୟ ଅଭିଯୋଗ ହୋଇଛି। ଅଭିଯୋଗ ପାଇବା ପରେ ଏହାର ସତ୍ୟାସତ୍ୟ ଜାଣିବା ପାଇଁ ନୂଆଗାଁ ଏପିଓ ଅମରେନ୍ଦ୍ର ସାହୁଙ୍କୁ ପଚାରିବାରେ ଉକ୍ତ କାର୍ଯ୍ୟ ପଞ୍ଚାୟତର। ତେଣୁ ସେଠାରୁ ଫାଇଲ ଆଣିଲେ ଜଣାପଡିବ ବୋଲି କହିବାସହ ଫାଇଲ ଆଣି ଦେବା ପାଇଁ ବର୍ତ୍ତମାନ ଖଣ୍ଡୁଗାଁ ପଞ୍ଚାୟତରେ କାର୍ଯ୍ୟରତ ପିଇଓ ପ୍ରତାପ ନାୟକଙ୍କୁ କହିଥିଲେ। ତେବେ ଉକ୍ତ ଫାଇଲକୁ ସେହି କାମ ସମୟରେ ଥିବା ପିଇଓ ମମତା ପ୍ରଧାନ ପଞ୍ଚାୟତରୁ ନେଇଥିବା କଥା ପିଇଓ ପ୍ରଧାନ ଜଣାଇଥିଲେ । ଏହା ପରେ ଏପିଇଓ ସାହୁ ମମତା ପ୍ରଧାନଙ୍କୁ ଫୋନକରି ପଚାରିବାରେ ମଷ୍ଟରରୋଲରେ କିଛି ଦସ୍ତଖତ ବାକି ଥିଲା। ତେଣୁ ସେହି ଫାଇଲ ମୁଁ ଆଣିଛି ବୋଲି ସ୍ୱୀକାର କରିଥିବା କଥା ଏପିଇଓ ସାହୁ ସୂଚନା ଦେଇଥିଲେ । ଏହାର ଏକ ଉଚ୍ଚସ୍ତରୀୟ ତଦନ୍ତ କରିବା ପାଇଁ ଦାବି ହୋଇଛି। ତେବେ କାର୍ଯ୍ୟରେ ଅନିୟମିତତା ବାବଦରେ ନୟାଗଡ ଜିଲା ଅମ୍ବୁଡ୍‌ସମ୍ୟାନ ଗିରୀଶ ଚନ୍ଦ୍ର ଦାଶଙ୍କୁ ପଚାରିବାରେ ଏଭଳି କରିବା କଥା ନୁହେଁ । ଯଦି କିଛି ହୋଇଛି ବୋଲି ଭାବୁଛନ୍ତି ଆମକୁ ଲିଖିତ ଅଭିଯୋଗ କରନ୍ତୁ । ତା'ର ବିଧିବଦ୍ଧ ତଦନ୍ତ କରାଯିବ ବୋଲି କହିଛନ୍ତି। ପଞ୍ଚାୟତରୁ ବଦଳି ହେବା ପରେ ପଞ୍ଚାୟତରୁ ଫାଇଲ ଆଣି ସଂଶୋଧନ କରିବାକୁ ଉଦ୍ୟମ କରାଯାଉଥିବା ବିଷୟରେ ନୂଆଗାଁ ବିଡିଓ ଅମୃତ କୁମାର ରାଉଳଙ୍କୁ ପଚାରିବା ପାଇଁ ଯୋଗାଯୋଗ କରାଯାଇଥିଲା । କିନ୍ତୁ ଫୋନ ବନ୍ଦ ଥିବାରୁ ପ୍ରତିକ୍ରିୟା ମିଳି ନ ଥିଲା।

# ଉନ୍ନୟନମୂଳକ ଯୋଜନାର ସଫଳ ରୂପାୟନ ପାଇଁ ବିଧାୟକଙ୍କ ପରାମର୍ଶ



ବୈଠକରେ ବିଧାୟକଙ୍କ ସହ ଅନ୍ୟମାନେ ।

ଦଶପଲ୍ଲା, ୧୪।୧୦(ପ୍ରକାଶ କୁମାର ପାଣି)

ଦଶପଲ୍ଲା ନିର୍ବାଚନମଣ୍ଡଳୀର ସାମଗ୍ରୀକ ଉନ୍ନତିକୁ କ୍ରିୟାଶୀଳ ଉଦ୍ଦେଶ୍ୟରେ ବିଧାୟକ ରମେଶ ବେହେରାଙ୍କ ଅଧ୍ୟକ୍ଷତାରେ ଦଶପଲ୍ଲା ବ୍ଲକ ପରିସରରେ ଏକ ବୈଠକ ଅନୁଷ୍ଠିତ ହୋଇଥିଲା। ଏଥିରେ ନୂଆଗାଁ, ଦଶପଲ୍ଲା ଓ ଗଣିଆ ଏହି ତିନି ବ୍ଲକର ବିଭିନ୍ନ ବିଭାଗ ଅଧିକାରୀ, ସରପଞ୍ଚ ଓ ପଞ୍ଚାୟତ ସମିତି ସଭ୍ୟାସଭ୍ୟ ଯୋଗ ଦେଇଥିଲେ ।

ଦଶପଲ୍ଲା ନିର୍ବାଚନମଣ୍ଡଳୀର ପ୍ରତ୍ୟେକ ଗ୍ରାମର ଉନ୍ନତି ଆମର ପ୍ରାଥମିକ ଲକ୍ଷ୍ୟ ହେବା ଦରକାର ବୋଲି ବିଧାୟକ ମତ ରଖିଥିଲେ। ସମସ୍ତ ବିଭାଗ ସମନ୍ୱୟ ରଖି କାମ କଲେ ସେହି ଲକ୍ଷ୍ୟ ସାଧନ ହେବ। ବୈଠକରେ କୃଷି, ପାଣି, ରାସ୍ତା ଓ ସେତୁ ନିର୍ମାଣ, ସ୍ୱାସ୍ଥ୍ୟ, ଶିକ୍ଷା ଓ ପାଣିପାଗ ଭିତ୍ତିକ ଯୋଜନା ନେଇ ଆଲୋଚନା ହୋଇଥିଲା। ଗ୍ରାମୀଣ ଯୁବକମାନଙ୍କ ପାଇଁ ନିଯୁକ୍ତିମୂଳକ ପ୍ରଶିକ୍ଷଣ ପ୍ରଦାନ ସହ ଯୁବକମାନେ ନିଜ ଗୋଡରେ ନିଜେ କିପରି ଛିଡା ହୋଇ ପାରିବେ ସେ ଉପରେ ବିଭିନ୍ନ କାର୍ଯ୍ୟକ୍ରମ ଗ୍ରହଣ କରିବାକୁ ବିଧାୟକ ପରାମର୍ଶ ଦେଇଥିଲେ। ବିଭିନ୍ନ ବିଭାଗ ଅଧିକାରୀମାନେ ତାଙ୍କ ବିଭାଗୀୟ ପ୍ରଗତି ଓ ଅଧାପନ୍ତରିଆ ହୋଇ ରହିଥିବା କାର୍ଯ୍ୟ ସମ୍ବନ୍ଧରେ ବିଧାୟକଙ୍କୁ ଅବଗତ କରାଇଥିଲେ। ବିଧାୟକ ସମସ୍ତଙ୍କୁ ନିର୍ଦ୍ଦେଶ ଦେଇଥିଲେ, ଲୋକମାନଙ୍କ ଅସୁବିଧା ସମାଧାନ ଓ ଗ୍ରାମୀଣ ବିକାଶରେ ବିଳମ୍ବ ନ କରି ଶୀଘ୍ର ସମସ୍ୟାର ସମାଧାନ କରନ୍ତୁ। ବୈଠକରେ ତିନୋଟି ବ୍ଲକର ଅଧିକାରୀ, ଅଧ୍ୟକ୍ଷା,ଦଶପଲ୍ଲା ଏନ୍‌ଏସି ଅଧ୍ୟକ୍ଷା, ବିଭିନ୍ନ ବିଭାଗୀୟ ଅଧିକାରୀ, ସରପଞ୍ଚ ଓ ସାମାଜିକ ସଂଗଠନ ପ୍ରତିନିଧିମାନେ ଉପସ୍ଥିତ ଥିଲେ।

# କାର୍ତ୍ତିକ ମାସ ଆରମ୍ଭରେ ପରିବା ଦର ବୃଦ୍ଧି ଯୋଗୁ ଖାଉଟି ହନ୍ତସନ୍ତ

ଖଣ୍ଡପଡା,୧୪।୧୦ (ଅଜୟ କୁମାର ମହାରଣା)

କାର୍ତ୍ତିକ ମାସ ଆରମ୍ଭ ହେଉ ହେଉ ଖଣ୍ଡପଡ଼ା ଅଞ୍ଚଳରେ ପରିବା ଦର ବୃଦ୍ଧି ଘଟିଛି । ଫଳରେ ବଜାରକୁ ପରିବା କିଣିବାକୁ ଆସୁଥିବା ଖାଉଟିମାନଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଉଛି। କଣ୍ଟିଲୋ, ବାହାଡ଼ା, ଖଳିସାହି ଓ ଖଣ୍ଡପଡ଼ା ବଜାରରେ ପରିବା ଦୋକାନୀମାନେ ଚଢାଦରରେ ଗ୍ରାହକମାନଙ୍କୁ ବିକ୍ରି କରୁଥିବା ଅଭିଯୋଗ ହେଉଛି। ଚଳିତ ବର୍ଷ ଅନିୟମିତ ବୃଷ୍ଟିପାତ, ଲଘୁଚାପଜନିତ ବର୍ଷା ପ୍ରଭାବରେ ବଜାରରେ ପରିବା ଦରରେ ବୃଦ୍ଧି ଘଟିଥିବା ଜଣାଯାଇଛି । ଫଳରେ ଖାଉଟିମାନେ କାର୍ତ୍ତିକ ମାସ ଯୋଗୁ ପରିବାପତ୍ର କିଣିବାରେ ସମସ୍ୟା ଉପୁଜିଛି । ଗତ ବର୍ଷ କାର୍ତ୍ତିକରେ ପିଆଜ ଓ ଆଳୁର ଅହେତୁକ ଦର ବୃଦ୍ଧି ଖାଉଟିଙ୍କୁ ସମସ୍ୟାରେ ପକାଇଥିବା ବେଳେ ଚଳିତବର୍ଷ କିନ୍ତୁ ଆଳୁ ଓ ପିଆଜ ଦର ସ୍ୱାଭାବିକ ରହିଛି । ଏବେ କୋଶଳା ଶାଗ ବିଡାକୁ ୫ରୁ ୧୦ଟଙ୍କା ଏବଂ ଅମୃତ ଭଣ୍ଡା କିଲୋ ପିଛା ୧୦ରୁ ୧୫ଟଙ୍କା ଥିବା ବେଳେ କଞ୍ଚା କଦଳୀ ଗୋଟାକୁ ୧୦ଟଙ୍କା ରହିଛି। ପିଆଜ, ଆଳୁ ଦର କିଲୋ ପ୍ରତି ୨୦ ଟଙ୍କା ଥିବା ବେଳେ କଖାରୁ କିଲୋ ୩୦ଟଙ୍କା । ସେହିପରି ବାଇଗଣ, ସାରୁ, ଜହ୍ନି, କାକୁଡି, ପତ୍ର କୋବି, ଟମାଟୋ କିଲୋ ପିଛା ୪୦ ଟଙ୍କା ରହିଛି। ଖମ୍ବ ଆଳୁ ଓ କନ୍ଦମୂଳ କିଲୋ ୫୦ ଟଙ୍କା ରହିଛି । ପୋଟଳ, ଗୁଆଁର, ରସୁଣ, କଲରା, କଞ୍ଚା ଲଙ୍କା, ପାଳୁଅ ଦର କିଲୋ ପିଛା ୬୦ ଟଙ୍କା ରହିଛି। ଫୁଲକୋବି ଓ ବଡ କାଙ୍କଡ କିଲୋ ପିଛା ଦର ୮୦ରୁ ଉର୍ଦ୍ଧ୍ୱ ରହିଛି । ସେହିପରି ବିନ୍, ପାଣି ଆଳୁ ଓ ସଜନା ଛୁଇଁ ଦର କିଲୋ ପିଛା ୧୦୦ଟଙ୍କାରୁ ଉର୍ଦ୍ଧ୍ୱ ଓ ଛୋଟ କାଙ୍କଡ କିଲୋ ୧୪୦ରୁ ଉର୍ଦ୍ଧ୍ୱ ଥିବାରୁ ଖାଉଟିଙ୍କ ଚିନ୍ତା ବଢାଇ ଦେଇଛି । ପରିବା ଦର ବୃଦ୍ଧି ଖାଉଟି ଓ ହବିଷିଆଳିଙ୍କ ପାଇଁ ମୁଣ୍ଡବ୍ୟଥାର କାରଣ ହୋଇଛି।

# ଇ-କେୱାଇସି ମାଧ୍ୟମରେ ଜବ୍ କାର୍ଡଧାରୀଙ୍କ ଉପସ୍ଥାନ ନିଆଯିବ


କାର୍ଯ୍ୟକ୍ରମରେ ଯୋଗଦେଇଥିବା ଗାଁ ସାଥୀ ।

ଓଡ଼ଗାଁ,୧୪।୧୦ (ଆଦର୍ଶ କୁମାର ପଟ୍ଟନାୟକ)

ନୟାଗଡ଼ ଜିଲା ଓଡ଼ଗାଁ ବ୍ଲକ ସଭାଗୃହରେ ରାଷ୍ଟ୍ରୀୟ ମୋବାଇଲ ମନିଟରିଂ ସିଷ୍ଟମ(ଏନ୍‌ଏମ୍‌ଏମ୍‌ଏସ୍) ଆପ୍ ବ୍ୟବହାର କରି କିପରି ଇ-କେୱାଇସି ମାଧ୍ୟମରେ ଜବ୍ କାର୍ଡଧାରୀଙ୍କ ଉପସ୍ଥାନ ନିଆଯିବ ସେ ସମ୍ବନ୍ଧୀୟ କର୍ମଶାଳା ଅନୁଷ୍ଠିତ ହୋଇଯାଇଛି। ଜବ୍‌କାର୍ଡ ସହିତ ଆଧାର ସଂଲଗ୍ନ କରାଇ ଆପ୍ ମାଧ୍ୟମରେ ଜବ୍‌କାର୍ଡଧାରିଙ୍କ ମୁହଁର ଫଟୋ ନିଆଯାଇ ଶ୍ରମଦାନ ସମୟରେ ଉପସ୍ଥାନ ନିଆଯିବ। ପ୍ରକଳ୍ପର କାର୍ଯ୍ୟ ଚାଲିଥିବା ବେଳେ ଜିଓ ଟ୍ୟାଗିଂ ସହିତ ଫେସ୍ ଅଥେଣ୍ଟିକେସନ ହେଲେ ଯାଇ ଜବ୍ କାର୍ଡଧାରୀଙ୍କ ଜମାଖାତାକୁ ଶ୍ରମିକଙ୍କ ପାରିଶ୍ରମିକ ଅର୍ଥ ଆସି ଜମା ହେବ। ଏହି ପ୍ରକ୍ରିୟା ଚଳିତ ଅକ୍ଟୋବର ପ୍ରଥମରୁ କାର୍ଯ୍ୟକାରୀ ହୋଇଥିଲା ବେଳେ ନଭେମ୍ବର ପ୍ରଥମ ସପ୍ତାହରୁ ଏହା ଓଡ଼ଗାଁ ବ୍ଲକରେ କଡ଼ାକଡ଼ି ଭାବେ ଲାଗୁ ହେବ। ଓଡ଼ଗାଁ ବ୍ଲକ ଅତିରିକ୍ତ କାର୍ଯ୍ୟକ୍ରମ ଅଧିକାରୀ ବିଭୁ ପ୍ରସାଦ ସାଥୁଆ ବିଭିନ୍ନ ପଞ୍ଚାୟତରୁ ଆସିଥିବା ୧୫୦ରୁ ଉର୍ଦ୍ଧ୍ୱ ଗାଁ ସାଥି ଏବଂ ମେଟ୍‌ମାନଙ୍କୁ ତାଲିମ ଦିଆଯାଇଥିଲା।

# ଖଣ୍ଡପଡ଼ା-ଭାପୁର ବିକାଶ ପରିଷଦ ଗଠିତ

ଖଣ୍ଡପଡ଼ା, ୧୪।୧୦ (ଅଜୟ କୁମାର ମହାରଣା)

ଖଣ୍ଡପଡ଼ା ନିର୍ବାଚନମଣ୍ଡଳୀର ସାମଗ୍ରିକ ବିକାଶ ନେଇ ଖଣ୍ଡପଡ଼ା-ଭାପୁର ବିକାଶ ପରିଷଦ ଗଠିତ ହୋଇଥିବା ଜଣାପଡ଼ିଛି। ପ୍ରାଥମିକ ପର୍ଯ୍ୟାୟରେ ୨୫ ଜଣ ସଦସ୍ୟଙ୍କୁ ନେଇ ଖଣ୍ଡପଡ଼ା-ଭାପୁର ବିକାଶ ପରିଷଦ ଗଠିତ ହୋଇଥିବା ବେଳେ ପରିଷଦ ସଭାପତି ଭାବେ ସାମାଜିକ କର୍ମୀ ଶ୍ରୀନିବାସ ପୃଷ୍ଟି, ଉପ ସଭାପତି ରବୀନ୍ଦ୍ର କୁମାର ପ୍ରଧାନ, ସମ୍ପାଦକ ଦାଶରଥି ମହାପାତ୍ରଙ୍କ ସମେତ ଅନ୍ୟମାନଙ୍କୁ ଦାୟିତ୍ୱ ପ୍ରଦାନ କରାଯାଇଥିବା ଜଣାଯାଇଛି। ପ୍ରକାଶଯେ, ଅବହେଳିତ ଅବସ୍ଥାରେ ଥିବା ବିଶ୍ୱ ପ୍ରସିଦ୍ଧ ସିଦ୍ଧାନ୍ତ ଦର୍ପଣ ରଚୟିତା ମହାମହୋପାଧ୍ୟାୟ ପଠାଣିସାମନ୍ତଙ୍କ ଜନ୍ମମାଟି ଖଣ୍ଡପଡ଼ା ନିର୍ବାଚନମଣ୍ଡଳୀର ସାମଗ୍ରୀକ ବିକାଶ ପ୍ରତି ଗୁରୁତ୍ୱ ଦେଇ ବିକାଶ ପରିଷଦ ସର୍ବଦା ସଂଗ୍ରାମ ଜାରି ରଖିବା ସହ ଅଞ୍ଚଳବାସୀଙ୍କ ସ୍ୱାର୍ଥ ଓ ସ୍ୱାଭିମାନକୁ ସଦାସର୍ବଦା ଗୁରୁତ୍ୱ ଦେବ ବୋଲି ବିକାଶ ପରିଷଦ ସଭାପତି ପୃଷ୍ଟି ପ୍ରକାଶ କରିଛନ୍ତି।

# କଳାକାରଙ୍କ ପରଲୋକ

ଖଣ୍ଡପଡ଼ା,୧୪।୧୦(ଅଜୟ କୁମାର ମହାରଣା)

ଖଣ୍ଡପଡ଼ା ସହର ୩ ନଂ. ୱାର୍ଡ କାଦୁଆସାହିର ବିଶିଷ୍ଟ କଳାକାର ଖଳେଶ୍ୱର ମହାରଣା (୮୩)ଙ୍କର ମଙ୍ଗଳବାର ପରଲୋକ ହୋଇଯାଇଛି। ଦୀର୍ଘ ମାସ ଧରି ବାର୍ଦ୍ଧକ୍ୟଜନିତ ରୋଗରେ ପୀଡିତ ଥିଲେ। ଭୁବନେଶ୍ୱରସ୍ଥିତ ଏକ ହସ୍‌ପିଟାଲରେ ଚିକିତ୍ସିତ ହେଉଥିବା ବେଳେ ତାଙ୍କର ଦେହାନ୍ତ ହୋଇଥିବା ଜଣାପଡିଛି। ସ୍ୱର୍ଗତ ମହାରଣା ଏକାଧାରାରେ ଜଣେ କଳାକାର ଓ କୁଶଳୀ କାଠ କାରିଗର ଥିଲେ। ତାଙ୍କ ବିୟୋଗରେ ସ୍ଥାନୀୟ ଅଞ୍ଚଳରେ ଶୋକପ୍ରକାଶ ପାଇଛି।

# ବେଣାଗାଡ଼ିଆ କ୍ଲଷ୍ଟରସ୍ତରୀୟ ସୁରଭି

ଖଣ୍ଡପଡ଼ା, ୧୪।୧୦ ( ଅଜୟ କୁମାର ମହାରଣା )

ଖଣ୍ଡପଡା ବ୍ଲକ ଅଧୀନ ବେଣାଗାଡ଼ିଆ କ୍ଲଷ୍ଟର ସ୍ତରୀୟ 'ସୁରଭି - ୨୦୨୫ 'ତେନ୍ତୁଳିଆପଲ୍ଲୀ ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ସୋମବାର ଅନୁଷ୍ଠିତ ହୋଇଯାଇଛି। ଖଣ୍ଡପଡା ବିଧାୟକ ଦୁଷ୍ମନ୍ତ କୁମାର ସ୍ୱାଇଁ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଜୀବନରେ ଜଣେ ଜଣେ ଭଲ ମଣିଷ ହେବାକୁ ପରାମର୍ଶ ଦେଇଥିଲେ। ପ୍ରଧାନ ଶିକ୍ଷକ ସନ୍ତୋଷ କୁମାର ସାହୁ ଅଧ୍ୟକ୍ଷତା କରିଥିବା ବେଳେ ସମ୍ମାନିତ ଅତିଥି ଭାବେ ଖଣ୍ଡପଡା ଗୋଷ୍ଠୀ ଶିକ୍ଷା ଅଧିକାରୀ କୈଳାସ ଚନ୍ଦ୍ର କର, ମର୍ଦ୍ଦରାଜପୁର ଶାନ୍ତିପ୍ରିୟା ଉଚ୍ଚ ବିଦ୍ୟାଳୟ ପ୍ରଧାନ ଶିକ୍ଷକ ଅଯୋଧ୍ୟା ନାୟକ, ବେଣାଗାଡ଼ିଆ ପିଏମ୍‌ଶ୍ରୀ ସାତ ଗାଁ ବିଦ୍ୟାଧର ଉଚ୍ଚ ବିଦ୍ୟାଳୟ ଭାରପ୍ରାପ୍ତ ପ୍ରଧାନ ଶିକ୍ଷକ ରାଜକିଶୋର ଜେନା ଓ ବେଣାଗାଡ଼ିଆ ସରପଞ୍ଚ ବଳରାମ ମଲ୍ଲିକ ପ୍ରମୁଖ ଯୋଗ ଦେଇଥିଲେ । ପ୍ରାରମ୍ଭରେ ସିଆରସିସି ବିପିନ କୁମାର ରାଉତ 'ସୁରଭି -୨୦୨୫'କାର୍ଯ୍ୟକ୍ରମ ସମ୍ପର୍କରେ ଆଲୋକପାତ କରିଥିଲେ । ଏଥିରେ ମର୍ଦ୍ଦରାଜପୁର ଉଚ୍ଚ ବିଦ୍ୟାଳୟ ଓ ମଧ୍ୟ ଇଂରାଜୀ ବିଦ୍ୟାଳୟ,ଚାଉପଲ୍ଲୀ, ବୋଦଷା ପ୍ରାଥମିକ ଓ ଉଚ୍ଚ ବିଦ୍ୟାଳୟ, ହରିଚନ୍ଦନପୁର, ମାଧ ବେରେଣୀ, ବରକୋଳି, କାଦୁଆ, ମୁରାରୀପୁର, ପଥର ଦ୍ୱାର ଓ ନୂଆ ପଥର ଦ୍ୱାର ଆଦି ୧୧ପ୍ରାଥମିକ ବିଦ୍ୟାଳୟର ଶତାଧିକ ଛାତ୍ରୀଛାତ୍ର ଯୋଗଦେବା ସହ ବିଭିନ୍ନ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀଙ୍କୁ ଅତିଥିଙ୍କ ଦ୍ୱାରା ପୁରସ୍କାର ଓ ମାନପତ୍ର ପ୍ରଦାନ କରାଯାଇଥିଲା। ଶେଷରେ ବିଦ୍ୟାଳୟ ପରିଚାଳନା କମିଟି ଅଧ୍ୟକ୍ଷ ସନ୍ତୋଷ କୁମାର ରାଉତ ଧନ୍ୟବାଦ ଅର୍ପଣ କରିଥିଲେ । ପରେ ପିଲାମାନଙ୍କ ଦ୍ୱରା ସାଂସ୍କୃତିକ କାର୍ଯ୍ୟକ୍ରମ ଆନୁଷ୍ଠିତ ହୋଇଥିଲା ।

# ଗ୍ରୀଲ୍ ଭାଙ୍ଗି ଚୋରି ଘଟଣା: ୨ ଅଭିଯୁକ୍ତ ଗିରଫ, ସାମଗ୍ରୀ ଉଦ୍ଧାର


ଚୋରି ସମ୍ପର୍କରେ ଖବରଦାତା ସମ୍ମିଳନୀରେ ପୋଲିସ ସୂଚନା ଦେଉଛି।

## ଖବରଦାତା ସମ୍ମିଳନୀରେ ସୂଚନା

ଶରଣକୁଳ,୧୪।୧୦(ଦୀପକ କର)

ଶରଣକୁଳ ଥାନା ଅଞ୍ଚଳରୁ ଚୋରି ଅଭିଯୋଗରେ ପୁଲିସ ୨ଜଣଙ୍କୁ ଗିରଫ କରିଛି। ତାଙ୍କଠାରୁ ଚୋରି ସାମଗ୍ରୀ ଜବତ ସହିତ ଘଟଣାର ତଦନ୍ତ କରୁଛି। ଶରଣକୁଳ ଏସ୍‌ଡିପିଓଙ୍କ କାର୍ଯ୍ୟାଳୟରେ ଏକ ଖବରଦରତା ସମ୍ମିଳନୀରେ ଅତିରିକ୍ତ ଆରକ୍ଷୀ ଅଧୀକ୍ଷକ ସୁବାସ ଚନ୍ଦ୍ର ପଣ୍ଡା ସୂଚନା ଦେଇ କହିଛନ୍ତି , ଗତ ୭ତାରିଖରେ ଶରଣକୁଳ ଥାନା ବାଉଁଶିଆ ଗ୍ରାମର ପ୍ରଶାନ୍ତ କୁମାର ରଥଙ୍କ ଘରେ କେହି ନ ଥିବାର ସୁଯୋଗ ନେଇ ତାଙ୍କ ଘର ଗ୍ରୀଲ ଭାଙ୍ଗି ଚୋରମାନେ ସୁନା ଚେନ, ୨ଟି ରୁପା ଝୁଣ୍ଟିଆ, ଗୋଟିଏ ଏଲ୍‌ଇଡି ଟିଭି, ଗ୍ରାଇଣ୍ଡର, ୨ଟି ଶାଢୀ, ପିତଳ ହଣ୍ଡା, ପିତଳ ଗରା ଓ ପିତଳ ଥାଳି ଆଦି ସାମଗ୍ରୀ ଚୋରିକରି ନେଇଥିଲେ। ପ୍ରଶାନ୍ତ ୮ତାରିଖରେ ଘରେ ପହଞ୍ଚି ଶରଣକୁଳ ଥାନାରେ ଜଣାଇବା ପରେ ପୋଲିସ ମାମଲା ରୁଜୁକରି ତଦନ୍ତ ଆରମ୍ଭ କରିଥିଲା। ଏସ୍‌ପିଙ୍କ ନିର୍ଦ୍ଦେଶକ୍ରମେ ଶରଣକୁଳ ଏସ୍‌ଡିପିଓ ଦୀପ୍ତିକାନ୍ତ ପ୍ରଧାନଙ୍କ ନେତୃତ୍ୱରେ ଏକ ଟିମ୍ ଗଠନ କରାଯାଇଥିଲା। ଥାନା ଅଧିକାରୀ ସୁଜିତ କୁମାର ଦାଶ ଓ କର୍ମଚାରୀମାନେ ବିଭିନ୍ନ ସ୍ଥାନରେ ଚଢାଉ କରି ସୋମବାର ବାଉଁଶିଆ ନିକଟସ୍ଥ ଜଙ୍ଗଲରୁ ସେହି ଗ୍ରାମର ସୁନୀଲ ନାହାକ (୧୯) ଓ ରାଜା ନାହାକ (୨୦)ଙ୍କୁ ଗିରଫ କରିଥିଲେ। ଏହି ଦୁଇ ଯୁବକଙ୍କୁ ଥାନାକୁ ଆଣି ଜେରା କରିବାପରେ ଆଉ ଜଣଙ୍କର ଚୋରିରେ ସମ୍ପୃକ୍ତି ଥିବା ଜାଣିବାକୁ ପାଇଥିଲେ। ଚୋରି ସାମଗ୍ରୀ ନିଜ ସମ୍ପର୍କୀୟଙ୍କ ପାଖରୁ ପୋଲିସ ଜବତ କରିଥିବାବେଳେ ଏହି ଘଟଣାରେ ଅନ୍ୟ ଜଣକୁ ଖୁବ ଶୀଘ୍ର ଗିରଫ କରାଯିବ ବୋଲି ପୋଲିସ ସୂଚନା ଦେଇଛି। ଚୋରମାନେ ବିଭିନ୍ନ ସ୍ଥାନରୁ ଚୋରି କରିଥିବାରୁ ସେମାନଙ୍କ ନାମରେ ପୂର୍ବରୁ ମାମଲା ଥିବାରୁ ସେ ସବୁର ତଦନ୍ତ କରାଯିବ ବୋଲି ପଣ୍ଡା ଗଣମାଧ୍ୟମକୁ ସୂଚନା ଦେଇଛନ୍ତି।

# ପୁସ୍ତକ ଉନ୍ମୋଚନ କାର୍ଯ୍ୟକ୍ରମ



ପୁସ୍ତକ ଉନ୍ମୋଚନ କରାଯାଉଛି।

ଖଣ୍ଡପଡ଼ା,୧୪।୧୦(ଅଜୟ କୁମାର ମହାରଣା)

ଖଣ୍ଡପଡ଼ା ଅଞ୍ଚଳର ସୁଲେଖକ ଓ ଶିକ୍ଷାବିତ ଭାବେ ପରିଚିତ ଗୋପୀନାଥ ପ୍ରଧାନଙ୍କ ଦ୍ୱାରା ଲିଖିତ ୨ ଟି ପୁସ୍ତକ ମଙ୍ଗଳବାର ଉନ୍ମୋଚିତ ହୋଇଯାଇଛି। ଖଣ୍ଡପଡ଼ା ଆଞ୍ଚଳିକ ସାମ୍ବାଦିକ ସଂଘ କାର୍ଯ୍ୟାଳୟରେ ଆୟୋଜିତ କାର୍ଯ୍ୟକ୍ରମରେ ବିଭିନ୍ନ ଗଣମାଧ୍ୟମର ପ୍ରତିନିଧି ଓ ମାଣ୍ୟଗଣ୍ୟ ବ୍ୟକ୍ତି ଯୋଗ ଦେଇଥିଲେ। ଗଡଜାତ ଖଣ୍ଡପଡ଼ାର ଲୋକପ୍ରିୟ ରାଜା ଦିବଂଗତ ବିଭୂତିଭୂଷଣ ସିଂହ ମର୍ଦ୍ଦରାଜଙ୍କୁ ଶ୍ରଦ୍ଧାଞ୍ଜଳି ଓ 'ଶିବ-ଶକ୍ତି ମହିମା' ଶୀର୍ଷକ ୨ ଟି ପୁସ୍ତକ ଉନ୍ମୋଚିତ ହୋଇଥିଲା। ସାମାଜିକ କର୍ମୀ ରବୀନ୍ଦ୍ର କୁମାର ପ୍ରଧାନ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ। ଶିକ୍ଷାବିତ ପ୍ରଧାନ ଶିକ୍ଷକତାରୁ ଅବସରଗ୍ରହଣ କରିବା ପରେ ୧୨ ଖଣ୍ଡ ପୁସ୍ତକ ଲେଖିଥିବା ଜଣାପଡିଛି।

# ଲୁକ୍କାୟିତ ପ୍ରତିଭାର ବିକାଶ ଶିଶୁ ମହୋତ୍ସବର ଲକ୍ଷ୍ୟ

## ଖଣ୍ଡପଡ଼ା ବ୍ଲକ୍‌ସ୍ତରୀୟ ଶିଶୁ ମହୋତ୍ସବ ସୁରଭି

ଖଣ୍ଡପଡା,୧୪।୧୦ (ଅଜୟ କୁମାର ମହାରଣା)


ସୁରଭିରେ ଭାଗ ନେଇଥିବା ଛାତ୍ରୀମାନେ ।

ଲୁକ୍କାୟିତ ପ୍ରତିଭାର ବିକାଶ ଶିଶୁ ମହୋତ୍ସବ ସୁରଭିର ମୁଖ୍ୟ ଲକ୍ଷ୍ୟ । ଏ ପରିପ୍ରେକ୍ଷୀରେ ଖଣ୍ଡପଡା ବ୍ଲକ ଅଧୀନ ୧୧ କ୍ଲଷ୍ଟରରୁ ୧୦ଟିରେ ସୁରଭି ଅନୁଷ୍ଠିତ ହୋଇଯାଇଛି ।

କୋସକା କ୍ଲଷ୍ଟର ବ୍ୟତୀତ କଣ୍ଟିଲୋ କୁଞ୍ଜବିହାରୀ ବାଳିକା ନୋଡାଲ ବିଦ୍ୟାଳୟ, ବେଣାଗାଡ଼ିଆ ସାତଗାଁ ବିଦ୍ୟାଧର ଉଚ୍ଚ ବିଦ୍ୟାଳୟ, କୁମ୍ଭାରପଡ଼ା ରୟତଦୋଳମରା ଉଚ୍ଚ ବିଦ୍ୟାଳୟ, ସିଧାମୂଳା ଗୋକୁଳାନନ୍ଦ ଜୀଉ ବିଦ୍ୟାପୀଠ, ଖଳିସାହି, ସିଂଘାପଡ଼ା, ରାଣୀଛେଲ୍ଲୀ, ବନମାଳୀପୁର, ଶିଖରପୁର ଓ ଗୁଣ୍ଡୁଣି ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ସୁରଭି ଅନୁଷ୍ଠିତ ହୋଇଯାଇଛି। କଣ୍ଟିଲୋରେ ଆୟୋଜିତ କାର୍ଯ୍ୟକ୍ରମରେ ସାମାଜିକକର୍ମୀ ପ୍ରଭାକର ଶିରୋମଣୀ ଅଧ୍ୟକ୍ଷତା କରିଥିଲେ। ଏଥିରେ ମୁଖ୍ୟ ଅତିଥିଭାବେ କଣ୍ଟିଲୋ ସରପଞ୍ଚ ଶ୍ରୀୟାରାଣୀ ବେହେରା, ମୁଖ୍ୟବକ୍ତା କୁଞ୍ଜ ବିହାରୀ ବାଳିକା ଉଚ୍ଚ ବିଦ୍ୟାଳୟ ପ୍ରଧାନ ଶିକ୍ଷକ ଶ୍ରୀନିବାସ ପଣ୍ଡା ଓ ସମ୍ମାନିତ ଅତିଥି ବିଦ୍ୟାଳୟ ପରିଚାଳନା କମିଟି ସଭାପତି ସନ୍ତୋଷ କୁମାର ସାହୁ ପ୍ରମୁଖ ଯୋଗଦେଇ ଏହାକୁ ଉଦ୍‌ଘାଟନ କରିବା ସହ ଛାତ୍ରୀଛାତ୍ରଙ୍କୁ ଉତ୍ସାହିତ କରିଥିଲେ । ଛାତ୍ରୀଛାତ୍ରଙ୍କ ମଧ୍ୟରେ ଲୁଚି ରହିଥିବା ପ୍ରତିଭାର ବିକାଶ ସୁରଭିର ମୂଳ ଲକ୍ଷ୍ୟ ବୋଲି ଅତିଥିମାନେ ମତ ଦେଇଥିଲେ ।

